


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 30 ଭାଗ ୩୪ | ସଂଖ୍ୟା ୩୦ | Tuesday 21 April 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୨୧ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


**ଅକ୍ଷୟ ତୃତୀୟାରେ ଚାଷୀଙ୍କୁ ସିଏମ-କିଷାନ ଉପହାର**

## ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକ ପ୍ରକୃତ ସାରଥୀ

- ଗାଁ ଗାଁରେ ଚାଷୀ ପାଇବେ ଉନ୍ନତ ମାନର ବିହନ
- 'ଆମ ବିହନ ରଥ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୪୧.୬୮ ଲକ୍ଷ ଚାଷୀଙ୍କୁ ମିଳିଲା ୮୩୮କୋଟି ସହାୟତା
- ଅକ୍ଷୀମୁଠି ଅନୁକୂଳ କରି ଚାଷୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ
- ମାଣ୍ଡିଆରୁ ଜୈବିକ ଚାଷ ପର୍ଯ୍ୟନ୍ତ, ସରକାରଙ୍କ ନୂଆ ରୋଡମ୍ୟାପ୍
- କୃଷି ବିକାଶରେ ନୂଆ ରେକର୍ଡ: ଅଭିବୃଦ୍ଧି ହାର ୫.୩ ପ୍ରତିଶତ
- କେନ୍ଦ୍ର-ରାଜ୍ୟ ସମନ୍ୱୟରେ କୃଷିରେ ଆସିବ ନୂଆ ଦିଗନ୍ତ:ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ): ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। ଏହି ଅବସରରେ ସେ ୪୧ ଲକ୍ଷ ୬୮ ହଜାର ୫୮୨ ଜଣ ଚାଷୀଙ୍କୁ ସିଏମ୍-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ଘୋଷଣା କରିଥିଲେ।

ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ। ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ 'ଆମ ବିହନ ରଥ' ଓ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ ଯେ କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ବିହନ ରଥ' ବା ସିଡ୍ ଅନ୍ ହ୍ୱିଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ରଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକ୍‌ରେ ଚାଲୁ ହେବ। ୫କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକମାନଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଥିଲେ ଯେ ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି। ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଓ ଏହି ଯୋଜନା ତା'ର ଏକ ଉତ୍କୃଷ୍ଟ ଉଦାହରଣ। ସୂଚନାଯୋଗ୍ୟ ଯେ ଏହି ଚାଷୀମାନଙ୍କ ମଧ୍ୟରୁ ୪୧ ଲକ୍ଷ ୨୪ ହଜାର ୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧ ହଜାର ୪୯ ଜଣ ହେଉଛନ୍ତି ଭୂମିହୀନ କୃଷକ ପରିବାରର ଚାଷୀ ଓ ୩ ହଜାର ୨୯୨ ଜଣ ହେଉଛନ୍ତି ଜନଜାତି କୃଷକ ପରିବାରର ଚାଷୀ। ନୂଆ ସରକାର ➪ପୃଷ୍ଠା-୬



## ଯାତ୍ରୀବାହୀ ବସ୍ ଓଲଟି
## ୨୩ ମୃତ, ୪୯ ଆହତ

- ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ
- ମୃତକଙ୍କ ପାଇଁ ୪ ଲକ୍ଷର ସହାୟତା ଘୋଷଣା

ଉଧମପୁର,୨୦।୪: ଜମ୍ମୁ-କଶ୍ମୀରର ଉଧମପୁର ରାମନଗରର କାଗୋଟ୍ ଅଞ୍ଚଳରେ ଆଜି ଏକ ଯାତ୍ରୀବାହୀ ବସ ଓଲଟିବା ଫଳରେ ୨୩ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ଏଥିସହ ଏହି ଦୁର୍ଘଟଣାରେ ୪୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ, ସ୍ଥାନୀୟ ପ୍ରଶାସନ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସଠାରୁ ମିଳିଥିବା ସୂଚନାନୁସାରେ, ଉକ୍ତ ଘରୋଇ ବସ୍‌ଟି ରାମନଗରରୁ ଉଧମପୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଜାଲୋ ଅଞ୍ଚଳରେ କାଗୋର୍ଟ ଗ୍ରାମ ନିକଟରେ ଏହା ହଠାତ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଦୁର୍ଘଟଣାଟି ଦ୍ରୁତ ଗତି ଓ ଅସାବଧାନତାପୂର୍ଣ୍ଣ ଗାଡ଼ି ଚାଳନା ଯୋଗୁଁ ଘଟିଛି। ବସ୍‌ଟି ଏକ ବୁଲାଣିରେ ବୁଲିବା ସମୟରେ ଅଚାନକ ଏକ ଟାୟାର ଫାଟିଯାଇଥିଲା। ଫଳରେ ବେଶ୍ ଦ୍ରୁତ ଗତିରେ ଯାଉଥିବା ବସ୍‌ଟି ➪ପୃଷ୍ଠା-୬

**ମହାନଦୀ ଜଳ ବିବାଦ**

## ମେ' ୨ରେ ପରବର୍ତ୍ତୀ ଶୁଣାଣି

- ଆପୋଷ ସମାଧାନ ପାଇଁ ଚାଲିଛି ଉଦ୍ୟମ
- ଅନେକ ପ୍ରସଙ୍ଗରେ ଆସିଛି ସହମତି



ନୂଆଦିଲ୍ଲୀ,୨୦।୪: ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦକୁ ନେଇ ଆଜି ପୁଣି ଶୁଣାଣି ହୋଇଛି। ମହାନଦୀରେ ସର୍ବମୋଟ କେତେ ନିୟୁତ ଏକର ଫୁଟ ଜଳ ସଂଗୃହୀତ ହେଉଛି, ଏହାର ତଥ୍ୟ ଦାଖଲ କରିବାକୁ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ। ପରବର୍ତ୍ତୀ ଶୁଣାଣି ପୂର୍ବରୁ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ଭିତରେ ଦୁଇ ରାଜ୍ୟର ବୈଷୟିକ ଟିମ ପ୍ରାୟ ୧୩ ଥର ବୈଠକ କରିସାରିଛନ୍ତି। ଦୁଇ ରାଜ୍ୟର ବୈଷୟିକ ଟିମ୍ ଦ୍ୱାରା ମହାନଦୀରେ ମୌସୁମୀ ଓ ଅଣମୌସୁମୀ ସମୟର ଜଳର ତଥ୍ୟ ସଂଗ୍ରହ କରାଯାଇଛି। ଏହି ତଥ୍ୟକୁ ଆସନ୍ତା ମେ' ୨ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ଦାଖଲ କରାଯିବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଓଡ଼ିଶା ଓ ଛତିଶଗଡ଼ ଭିତରେ ବିଭିନ୍ନ ପ୍ରସଙ୍ଗ ➪ପୃଷ୍ଠା-୬

## ଭୋଟର୍ ତାଲିକାରୁ ବାଦ୍ ପଡ଼ିଲେ ୯.୮୦ ଲକ୍ଷ

- ସାନି ଯାଞ୍ଚ ପାଇଁ ଏସିଇଓଙ୍କ ନିର୍ଦ୍ଦେଶ
- ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଯାଇଥିବା ଅଭିଯୋଗ
- ବିନା କ୍ଷେତ୍ର ପରିଦର୍ଶନରେ ରିପୋର୍ଟ କରିଛନ୍ତି ବିଏଲଓ
- ଭୁଲରେ ନାଁ କଟିଥିଲେ ଫର୍ମ-୬ରେ ଆବେଦନ ପାଇଁ ପରାମର୍ଶ




ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ): ରାଜ୍ୟରେ ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାର ଭୋଟର ବାଦ୍ ପଡ଼ିଛନ୍ତି। ମୃତ, ଦ୍ୱୈତ ଭୋଟର କାର୍ଡ ଦର୍ଶାଇ ୯ ଲକ୍ଷ ୮୦ ହଜାର ଭୋଟରଙ୍କ ନାଁ ଭୋଟର୍ ଲିଷ୍ଟରୁ କଟାଯାଇଛି। ତେବେ ଏହାକୁ ନେଇ ଏବେ ବିବାଦ ଦେଖାଦେଇଛି। ବହୁ ଜୀବିତ ଭୋଟରଙ୍କୁ ମୃତ ଦର୍ଶାଯାଇଥିବା ବେଳେ ବିଏଲଓମାନେ କ୍ଷେତ୍ର ପରିଦର୍ଶନ ନ କରି ରିପୋର୍ଟ ଦେଇଥିବା ଅଭିଯୋଗ ହୋଇଛି।

ଏଭଳି ଏକାଧିକ ଅଭିଯୋଗ ଆସିବା ପରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ (ଏସିଇଓ)ସବୁ ଇଲେକ୍ଟୋରାଲ ରେଜିଷ୍ଟ୍ରେସ ଅଫିସର (ଇଆରଓ)ଙ୍କୁ ଚିଠି ଲେଖି ପୁନଃ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ କ୍ଷେତ୍ରରେ ଭୋଟର୍ ଜୀବିତ ଥିବା ସତ୍ତ୍ୱେ ସେମାନଙ୍କୁ ମୃତ ଦର୍ଶାଇଯାଇଛି। କେତେକ କ୍ଷେତ୍ରରେ ବ୍ଲକ ଲେବଲ ଅଧିକାରୀ (ବିଏଲଓ) କ୍ଷେତ୍ର ପରିଦର୍ଶନ ନ କରି ରିପୋର୍ଟ ଦେଇଥିବାର ମଧ୍ୟ ଅଭିଯୋଗ ଆସିଛି। ଏହାର ଯାଞ୍ଚ ସହ ସଠିକ ତଥ୍ୟ ପ୍ରଦାନ କରିବାକୁ ଇଆରଓମାନଙ୍କୁ ଏସିଇଓ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକ୍ରିୟାର ସ୍ୱଚ୍ଛତା ନେଇ ଅଭିଯୋଗ ଆସିବା ପରେ ଗତ ୨ ତାରିଖ ପରେ ଆସିଥିବା ପ୍ରାୟ ୨ ଲକ୍ଷରୁ ଅଧିକ ଫର୍ମ-୭ ଆବେଦନ ଉପରେ କୌଣସି ନିଷ୍ପତ୍ତି ନିଆଯାଇନି। ଏ ଦିଗରେ ସତର୍କତା ଅବଲମ୍ବନ କରିବା ସହ ମୃତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା ପୂର୍ବରୁ ସଠିକ ଅନୁଧ୍ୟାନ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଫର୍ମ-୭ ପୂରଣ କରିବା ବାଧ୍ୟତାମୂଳକ। ଏଥିସହ ନାଁ ତାଲିକାରୁ ବାଦ ଦେବା ପୂର୍ବରୁ ➪ପୃଷ୍ଠା-୬

**ଇରାନୀ ଜାହାଜ ଜବତ**

## ପୁଣି ବିଶ୍ୱ ତୈଳ ବଜାରରେ ଅସ୍ଥିରତା

ୱାଶିଂଟନ,୨୦।୪: ଆମେରିକାର ନୌସେନା ଇରାନର ମାଲବାହୀ ଜାହାଜକୁ ଜବତ କରିବା ପରେ ବିଶ୍ୱ ତୈଳ ବଜାରରେ ପୁଣି ହଲଚଲ ଆରମ୍ଭ ହୋଇଛି। ଇରାନୀ ପତାକାଯୁକ୍ତ ଜାହାଜକୁ ଜବତ କରାଯାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟ୍ୱିଟ୍ କରିବା ମାତ୍ରେ ବିଶ୍ୱ ବଜାରରେ ତୈଳ ଦର ହଠାତ୍ ବଢ଼ି ଯାଇଥିଲା। ତଥ୍ୟ ଅନୁଯାୟୀ, ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ୪% ରୁ ଅଧିକ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ପିଛା ୯୪.୨୦ ଡଲାରରେ ପହଞ୍ଚିଛି। ବିଶ୍ୱର ପ୍ରାୟ ୨୦% ତେଲ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ ହର୍ମୁଜ ଜଳପଥ ଦେଇ ଗତି କରୁଥିବାରୁ ଫେବ୍ରୁଆରୀ ୨୮ ତାରିଖରୁ ପରଠାରୁ ଶକ୍ତି ବଜାର ନିୟମିତ ଭାବରେ ଅସ୍ଥିର ରହିଛି। ଅପରପକ୍ଷରେ, ସୋମବାର ଷ୍ଟକ୍ ମାର୍କେଟ ମିଶ୍ରିତ ଫଳାଫଳ ପ୍ରଦାନ କରିଛି। ଡାଉ ଜୋନ୍ସ ୦.୧ ପ୍ରତିଶତ ଏବଂ ଏସ ଆଣ୍ଡ ପି-୫୦୦ରେ ୦.୨ ପ୍ରତିଶତ ହ୍ରାସ ପାଇବା କାରଣରୁ ପ୍ରାଥମିକ ପର୍ଯ୍ୟାୟ କାରବାରରେ ଆମେରିକୀୟ ଷ୍ଟକ୍‌ଗୁଡ଼ିକରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଥିଲା। ତେବେ ବ୍ରିଟେନ୍‌ର ➪ପୃଷ୍ଠା-୬

**ଖଡ଼ଗପୁରରେ ପ୍ରଚାର କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ**

## ଦୁର୍ନୀତି ଓ ଅରାଜକତାରୁ ବଙ୍ଗକୁ ମୁକ୍ତ କରିବ ବିଜେପି



- ଖଡ଼ଗପୁରସ୍ଥିତ ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ
- 'ମା, ମାଟି, ମାନୁଷ' ନାରା ଦେଉଥିବା ସରକାର ଅମଳରେ ମହିଳା ସବୁଠୁ ଅସୁରକ୍ଷିତ

ଖଡ଼ଗପୁର,୨୦।୪: ବର୍ତ୍ତମାନର ଟିଏମସି ସରକାର ଅଧୀନରେ ପଶ୍ଚିମବଙ୍ଗ ଦୁର୍ନୀତି, ଅରାଜକତା ଓ ତୁଷ୍ଟିକରଣ ରାଜନୀତିରେ ଫସି ରହିଛି। ସିଣ୍ଡିକେଟ୍ ରାଜ୍ ଶାସନ ବ୍ୟବସ୍ଥାକୁ ଭିତରୁ ଖୋଳ କରିଦେଇଛି। କିନ୍ତୁ ଏଠାରେ ବିଜେପି କ୍ଷମତାକୁ ଆସିଲେ ଏସବୁର ଅନ୍ତ ଘଟିବ ବୋଲି ଆଜି ପଶ୍ଚିମବଙ୍ଗର ଖଡ଼ଗପୁରରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପବିତ୍ର 'ଅକ୍ଷୟ ତୃତୀୟା' ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ଖଡ଼ଗପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଏକ ପଥପ୍ରାନ୍ତ ସଭାକୁ ସମ୍ବୋଧିତ କରି ସେ କହିଥିଲେ ଯେ ଖଡ଼ଗପୁରରେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବା ଓଡ଼ିଆମାନେ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁଣ୍ଣ ରଖିଛନ୍ତି। ଏହା ଆମ ଓଡ଼ିଆ ଅସ୍ମିତାର ଏକ ଗୌରବମୟ ପରିଚୟ ବୋଲି ସେ କହିଛନ୍ତି। ➪ପୃଷ୍ଠା-୬

## ୪୮ ଘଣ୍ଟା ପାଇଁ ତାମିଲନାଡୁ ଓ ପଶ୍ଚିମବଙ୍ଗରେ 'ଡ୍ରାଏ ଡେ'

- ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୧୫୨ ଆସନ ପାଇଁ ମତଦାନ
- ତାମିଲନାଡୁର ସମସ୍ତ ୨୩୪ ଆସନ ପାଇଁ ହେବ ଭୋଟ ଗ୍ରହଣ




ନୂଆଦିଲ୍ଲୀ,୨୦।୪: ଆସନ୍ତା ୨୩ ତାରିଖରେ ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଉଭୟ ରାଜ୍ୟରେ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଆଗାମୀ ୪୮ ଘଣ୍ଟା ପାଇଁ 'ଡ୍ରାଏ ଡେ' ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲିଠାରୁ ୨୩ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିର୍ବାଚନ ହେବାକୁ ଥିବା ଅଞ୍ଚଳରେ ଡ୍ରାଏ ଡେ' ପାଳନ ହେବ।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋଟଦାନ ସମାପ୍ତ ନ ହେବା ପର୍ଯ୍ୟନ୍ତ ଉଭୟ ରାଜ୍ୟର ସମ୍ପୃକ୍ତ ଅଞ୍ଚଳରେ ମଦ ବିକ୍ରି ଓ ବଣ୍ଟନ ସମ୍ପୂର୍ଣ୍ଣ ନିଷେଧ ରହିବ। ନିର୍ବାଚନ ସମୟରେ କୌଣସି ପ୍ରକାରର ବିଶୃଙ୍ଖଳା, ଭୋଟରଙ୍କୁ ପ୍ରଭାବିତ କିମ୍ବା ଆଇନଶୃଙ୍ଖଳା ସମସ୍ୟା ଆଦି ରୋକିବା ସକାଶେ କମିଶନ ଏହି ପଦକ୍ଷେପ ନେଇଛନ୍ତି। ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଦୁଇଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ଭୋଟ ଏପ୍ରିଲ ୨୩ରେ ଅନୁଷ୍ଠିତ ହେବ, ଯେଉଁଥିରେ ରାଜ୍ୟର ୧୬ ଜିଲ୍ଲାର ୧୫୨ଟି ବିଧାନସଭା ଆସନ ଅନ୍ତର୍ଭୁକ୍ତ। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଏପ୍ରିଲ ୨୯ରେ ଅନୁଷ୍ଠିତ ହେବ, ଯେଉଁଥିରେ ବାକି ୭ ଜିଲ୍ଲାର ୧୪୨ ଆସନ ପାଇଁ ମତଦାନ କରାଯିବ। ପଶ୍ଚିମବଙ୍ଗର ସମସ୍ତ ୨୯୪ ଆସନର ଫଳାଫଳ ମେ' ୪ରେ ଘୋଷଣା କରାଯିବ।

ଅନ୍ୟପଟେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ଭୋଟ ପ୍ରକ୍ରିୟା ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ନିର୍ବାଚନ କମିଶନଙ୍କ ସରକାରୀ କାର୍ଯ୍ୟସୂଚୀ ଅନୁଯାୟୀ, ଏପ୍ରିଲ ୨୩ ତାରିଖରେ ସମସ୍ତ ୨୩୪ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଭୋଟ୍‌ଦାନର ଠିକ ୪୮ ଘଣ୍ଟା ପୂର୍ବରୁ ସମଗ୍ର ରାଜ୍ୟରେ 'ଡ୍ରାଏ ଡେ' ଲାଗୁ କରାଯାଇଛି, ଯାହା ୨୩ ଏପ୍ରିଲରେ ମତଦାନ ସମାପ୍ତ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।



**କାନ ଡେରିଥା**

ଦେଶୀମଦ ଏବେ
ଗଞ୍ଜାମେ ଚାଲିଛି
ପ୍ରଶାସନ ପରା ଶୋଇଛି
ମଦୁଆ ଏଇଠି ରୋଗ ପୁଳେ ଧରି
ବିଞ୍ଚଣା ଧରିକି ବସିଛି
କହିଲେ କହିବ କହୁଛି...
ସ୍ୱମୀଟା ତ ଦେଶୀ
ମଦୁଆ ହୋଇଲା
ସ୍ତ୍ରୀ ଛୁଆ ଧରି କାନ୍ଦୁଛି ।

■ ଦେବାଶିଷ

## ନାଗରିକ ମଞ୍ଚରେ ହେବ ଜାନକୀଙ୍କ ସ୍ମୃତିଚାରଣ

**ହଜମ କରିପାରୁନାହାନ୍ତି ବିଜୁ ଲିଗାସୀ**

**ଜାନକୀଙ୍କୁ ପ୍ରଶଂସା କରିବ କିଏ ?**



ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ): ବିଜୁ ଲିଗାସୀମାନେ ଗଠନ କରିଥିବା ଓଡ଼ିଶା ନାଗରିକ ମଞ୍ଚରେ ଆସନ୍ତାକାଲି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳନ କରାଯିବ। ବିଜୁଙ୍କ ଶ୍ରାଦ୍ଧୋତ୍ସବ ପାଳନରୁ ମୂଳଦୂଆ ପଡ଼ିଥିବା ଏହି ମଞ୍ଚରେ ଆଗପଛ ହୋଇ ବିଜୁ ଓ ଜାନକୀଙ୍କ ସ୍ମୃତି ଚାରଣକୁ ବିଜୁ ଲିଗାସୀମାନେ ସହଜରେ ହଜମ କରିପାରୁନାହାନ୍ତି। ତେବେ ନାଗରିକ ମଞ୍ଚରେ ବିଜୁ ଲିଗାସୀ ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଭଳି ବିଜୁ ଅନୁଗତମାନେ ମଙ୍ଗ ଧରିଥିବା ବେଳେ ଜାନକୀଙ୍କ ପାଇଁ କିଏ ଆଗକୁ ଆସିବ ଓ ତାଙ୍କ ସହ କେଉଁମାନେ ରହିବେ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରାଜ୍ୟସଭା ନିର୍ବାଚନରେ ବିଜେଡିର ଆଠ ଆଠ ଜଣ ବିଧାୟକ କ୍ରସ ଭୋଟିଂ କରି ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଜିତାଇବା ପରେ ହଠାତ ବିଜୁ ଲିଗାସୀ ନାଁରେ ବିଜେଡି ବିରୋଧୀମାନେ ସକ୍ରିୟ ହୋଇଥିଲେ। ଗଣମାଧ୍ୟମରେ ବିଜେଡି ବିରୋଧରେ ବିଷୋଦଗାର କରିବା ସହ ରାତାରାତି ଗଠନ କରିଥିଲେ ନାଗରିକ ମଞ୍ଚ। ମଞ୍ଚର ଉଦ୍ଦେଶ୍ୟ ହେଉଛି ବିଜେଡିକୁ ଦୁର୍ବଳ କରିବା ସହ ଭାଙ୍ଗିବା। ବିଜୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ପ୍ରଭାତ ତ୍ରିପାଠୀଙ୍କ ଭଳି ବରିଷ୍ଠ ନେତା ମଧ୍ୟ ବିଜେଡିକୁ ମନଇଚ୍ଛା ଗାଳି କରିଥିଲେ। ବିଜୁ ଲିଗାସୀମାନେ ମଧ୍ୟ ବିଜେଡିର ସମାନ୍ତରାଳ ସଂଗଠନ ଗଠନ ନେଇ ଇଙ୍ଗିତ କରିଥିଲେ।

ବିଜୁ ଲିଗାସୀ ଓ ନାଗରିକ ମଞ୍ଚକୁ ନେଇ ଅସନ୍ତୁଷ୍ଟ ବିଜେଡି ନେତାମାନେ ଖୁସି ହେଉଥିବା ବେଳେ ହଠାତ ମଞ୍ଚ ଜାନକୀଙ୍କ ଶ୍ରାଦ୍ଧ ଦିବସ ପାଳନ ସହ ତାଙ୍କ ସ୍ମୃତିଚାରଣ ➪ପୃଷ୍ଠା-୬

## ଆଜି ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ

**ଝାରସୁଗୁଡ଼ା ଜିଲ୍ଲା ନୋ ଫ୍ଲାଇଂ ଜୋନ୍**



ରାଉରକେଲା,୨୦।୪ (ସଂଚାର ବ୍ୟୁରୋ): ଆସନ୍ତାକାଲି ରାଉରକେଲା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ସମଗ୍ର ରାଉରକେଲା ସହର ଚଳଚଞ୍ଚଳ ହୋଇପଡ଼ିଛି। ରାଉରକେଲା ସହର ସମେତ ସମ୍ପୂର୍ଣ୍ଣ ଜିଲ୍ଲାର ପ୍ରାୟ ୩ ହଜାର ଛାତ୍ରଛାତ୍ରୀ ରାଷ୍ଟ୍ରପତିଙ୍କ ସ୍ୱାଗତରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବେ। ଏଥିପାଇଁ ପିଲାମାନେ ଜୋରଦାର ଅଭ୍ୟାସ ଚଳାଇଛନ୍ତି। ଓଡ଼ିଶୀ, ସମ୍ବଲପୁରୀ ସହ ବିଭିନ୍ନ ଆଦିବାସୀ ସାଂସ୍କୃତିକ ନୃତ୍ୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯିବା ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେପଟେ ସୁରକ୍ଷା ବଳୟରେ ୪୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ। ➪ପୃଷ୍ଠା-୬

# ବାଲିବୋଝେଇ ହାଇୱା ପାଇଁ ଭାଙ୍ଗିଗଲା ଗ୍ରାମ ପୋଲ

## ନରସିଂହପୁର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ, ସୁଦୃଢ଼ ପୋଲ ନିର୍ମାଣ ପାଇଁ ଦାବି



**ଡେରାବିଶ,୨୦।୪(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଠାରେ ୧୩ ନଂ କେନାଲ୍ ଉପରେ ରହିଥିବା ଏକ ପକ୍କା ପୋଲ ଦେଇ ଗତକାଲି ରାତିରେ ଏକ ବାଲି ବୋଝେଇ ହାଇୱା ଅତିକ୍ରମ କରୁଥିବା ବେଳେ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ପୋଲଟି ଭାଙ୍ଗିଯିବା ଫଳରେ ଏବେ ନରସିଂହପୁର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଏହି ପୋଲ ଉପର ଦେଇ ଚଳାଚଳ କରୁଥିବା ଦାନପୁର ପଞ୍ଚାୟତ ସମେତ ପଡ଼ୋଶୀ ଦୁଇତିନୋଟି ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖିନ ହେବେ।

ପ୍ରକାଶ ଥାଉକି ଗହଗା ଘାଟ ଠରୁ କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରିବା ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ୧୩ ନଂ ଶାଖା ନାଳ ଉପରେ ଦୀର୍ଘ ବର୍ଷ ହେଲା ଜଳସେଚନ ବିଭାଗ ପକ୍ଷରୁ ଏହି ପୋଲଟି ନିର୍ମାଣ ହୋଇଥିଲା। ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳର ଅଧିବାସୀମାନେ ମୁଖ୍ୟତ ଏହି ବାଟ ଦେଇ ଚାନ୍ଦୋଳ ହାଟକୁ ସେମାନଙ୍କର ଉତ୍ପାଦିତ ପନିପରିବା ଆଣିଥାନ୍ତି। ଏହାଛଡ଼ା ଅଞ୍ଚଳର ଛାତ୍ରଛାତ୍ରୀମାନେ ଏହି ବାଟ ଦେଇ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାୟକୁ ଯାତାୟତ କରିଥାନ୍ତି। ଏହି ପୋଲଟି ଭୁଷୁଡ଼ିବା ପରେ ବିକଳ୍ପ ଭାବରେ ଜନସାଧାରଣମାନେ ଅଯଥା ୩ କିଲୋମିଟର ବାଟ ବୁଲିକରି ଯିବାକୁ ହୋଇଥାଏ। ଏହି ପୋଲଦେଇ ଗ୍ରାମର ଚାଷଜମିକୁ ଟ୍ରାକ୍ଟର ଓ ଜମିରୁ ଉତ୍ପାଦିତ ଫସଲ ଘରକୁ ଆଣିବାରେ ଚାଷୀମାନେ ସମସ୍ୟାର ସମ୍ମୁଖିନ ହେବେ। ଏହି ସ୍ଥାନରେ ତୁରନ୍ତ ଏକ ପ୍ରଶସ୍ତ ଓ ଭାରୀଯାନ ଚଳପ୍ରଚଳ କରିବା ଭଳି ସୁଦୃଢ଼ ପୋଲଟିଏ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଯୋଗ୍ୟ ଫାଇନ୍‌କୁ ଏଡ଼େଇବା ପାଇଁ ଲୁଣାନଦୀର ବିଭିନ୍ନ ଘାଟରୁ ଗାଡ଼ିର ପରିବହନ କ୍ଷମତା ଠାରୁ ବହୁ ଅଧିକ ପରିମାଣର ବାଲି ଚାଲାଣ କରି ହାଇୱା ଗୁଡ଼ିକ ବିଭିନ୍ନ ଗ୍ରାମର ଗଳିକନ୍ଦିରେ କୌଶଳରେ ପଶି ବାଲି ଚାଲାଣ କରୁଛନ୍ତି। ଯେଉଁଥି ପାଇଁ ଗତକାଲି ରାତିରେ ଏହି ପୋଲ ଭାଙ୍ଗିଥିବା ବେଳେ ବହୁ ଗ୍ରାମାଞ୍ଚଳର ରାସ୍ତା ଏବେ ଫାଟି ନଷ୍ଟ ହେବାରେ ଲାଗିଛି। ତୁରନ୍ତ ଖଣିବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସକାଳ ୯ଟା ଯାଏ ବିଦ୍ୟାଳୟରେ ପାଠପଢ଼ା: ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୦।୪(ସଂଚାର ବ୍ୟୁରୋ):** ଆସନ୍ତା ମଙ୍ଗଳବାର ଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ସ୍କୁଲରେ ସକାଳ ସାଢେ ୬ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ପାଠ ପଢା ହେବ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟର ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳ ଏହି ନିଷ୍ପି ନେଇଛନ୍ତି । ଜିଲ୍ଲାପାଳ ଏ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ଯେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଜିଲ୍ଲାରେ ମଧ୍ୟ ବୃଦ୍ଧି ପାଉଛି । ଫଳରେ ସ୍କୁଲ ପିଲାମାନେ ୯ଟା ପରେ ପାଠ ପଢିବା କଷ୍ଟକର ହେଉଛି । ତେଣୁ ମଙ୍ଗଳବାର ଅର୍ଥାତ ୨୧ ଅପ୍ରେଲରୁ ସକାଳ ସାଢେ ୬ଟାରୁ ସମସ୍ତ ସ୍କୁଲରେ ପାଠ ପଢା ଆରମ୍ଭ ହେବ ଓ ୯ଟା ସୁଦ୍ଧା ବନ୍ଦ ହେବ । ଏହି ଆଦେଶକୁ କୌଣସି ସ୍କୁଲ ଉଲ୍ଲଙ୍ଘନ କଲେ ସଂପୃକ୍ତ ସ୍କୁଲ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଆଦେଶ ଅନୁଯାୟୀ ଜିଲ୍ଲାରେ ଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକରେ ସକାଳ ସାଢେ ୬ଟାରୁ ୯ଟା ପର୍ଯ୍ୟନ୍ତ ପାଠ ପଢା ହେବ । ଏଥିସହ ସରକାରୀ, ଅନୁଦାନପ୍ରାପ୍ତ ଓ ସମସ୍ତ ସ୍ୱୀକୃତୀପ୍ରାପ୍ତ, ବେସରକାରୀ ବିଦ୍ୟାଳୟଗୁଡିକରେ ଗ୍ରୀଷ୍ମ ଲହରୀ ପାଇଁ ଉପରୋକ୍ତ ସମୟସୀମା ମଧ୍ୟରେ ପାଠ ପଢାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି ।

### ଅଙ୍ଗନବାଡି କେନ୍ଦ୍ରରେ ବ୍ୟାପକ ଦୁର୍ନୀତି

## ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିଲେ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ




**ଆଳି, ୨୦।୪ (ସଂଚାର ବ୍ୟୁରୋ):** ଆଳି ଆଇସିଡିଏସ ଅଧିନସ୍ଥ ମହୁ ବଜାର ଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଳି ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ (୭)ଦଫା ଦାବିରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣାରେ ବସିଛନ୍ତି ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ । ଦୀର୍ଘ ଦିନ ଧରି ଏହି ଅଙ୍ଗନବାଡିରେ ବ୍ୟାପକ ଦୁର୍ନୀତି ସହ ଦୁର୍ନୀତି କୁ ଚପାଇ ରଖିବାକୁ କରାଯାଇଥିବା ମିଛ ଅଭିଯୋଗ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ସହ ସରକାରୀ ଧନ ହଡପ ଘଟଣା ଅଭିଯୋଗ ହେଉଥିଲେ ବି ଉପରିସ୍ଥ ଅଧିକାରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଓ ଅଙ୍ଗନବାଡ଼ି କର୍ମୀ କୁ ସୁରକ୍ଷା ଦେବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଶ୍ରୀ ଆଚାର୍ଯ୍ୟ । ଅନ୍ୟପଟେ ସିଡ଼ିପିଓ ମାମିନା ବାଲା ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଆମେ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ନେବେ। ଅନ୍ୟପଟେ ପ୍ରକୃତ ତଦନ୍ତ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଥିବା ବେଳେ ବିହିତ କାର୍ଯ୍ୟାନୁଷ୍ଠାନ ନହୁଏ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣାରେ ବସିରହିବେ ବୋଲି ଦୁଷ୍ମନ୍ତ କହିଛନ୍ତି ।

## ସେତୁ ନିକଟରେ ମାଟି ଧସି ଯାତାୟାତ ବାଧାପ୍ରାପ୍ତ, ମରାମତି ଦାବି



**ମହାକାଳପଡ଼ା, ୨୦।୪ (ସଂଚାର ବ୍ୟୁରୋ):** ଗ୍ରାମକୁ ସଂଯୋଗ କରୁଥିବା ସେତୁ ର ଏକ ପାର୍ଶ୍ୱରେ ମାଟି ଧସିଯିବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମହାକାଳପଡ଼ା ବ୍ଲକ ଅଧୀନ ବିଜୟନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖପଦା ଗ୍ରାମ ନିକଟରେ ଏକ ଶାଖା କେନାଲ ରହିଛି। ଲୋକଙ୍କ ସୁଗମ ଯାତାୟତ ପାଇଁ ଏହି କେନାଲ ଉପରେ ଏକ ସେତୁ ନିର୍ମାଣ କରାଯାଇଥିଲା। ଯାହାଫଳରେ ଲୋକମାନେ ବିଜୟନଗର ଦେଇ ଅଧିକ ବୁଲି ଯାତାୟତ କରିବାରୁ ମୁକ୍ତି ପାଇଥିଲେ। ହେଲେ କିଛି ମାସ ହେବ ଏହି ସେତୁର ଏକ ପାର୍ଶ୍ୱରୁ ମାଟି ଧସିଯିବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଯାହାଫଳରେ ଲୋକମାନେ ବିଜୟନଗର ଦେଇ ଅଧିକ ବାଟ ବୁଲିବାକୁ ବାଧ୍ୟ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ମରାମତି କାର୍ଯ୍ୟ କରାଇବାକୁ ଲୋକେ ଦାବି କରିଛନ୍ତି।

## ଭାଗବତପୁରରେ ବିଧାୟକଙ୍କ ଅକ୍ଷୀମୁଠି କାର୍ଯ୍ୟକ୍ରମ



**କେନ୍ଦ୍ରାପଡା, ୨୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତରେ ଅଖିମୁଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠୀ ଅନୁକୂଳ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସନ୍ନିକଟରେ ଥିବା ଚାଷଜମିରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ପୂଜାର୍ଚ୍ଚନା ପରେ ବିଧାୟକ ଶ୍ରୀ ବେହେରା ଅଖିମୁଠୀ ଅନୁକୂଳ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭାଗବତପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ଯୁବ ବିଜେଡି ସଭାପତି ସଙ୍ଗମ କେଶରୀ ସାମଲ ଙ୍କ ସହିତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## 'କୃଷକ ମନ୍ଦିର' ପାଇଁ ଭୂମିପୂଜନ କଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୨୦।୪(ସଂଚାର ବ୍ୟୁରୋ):** କୃଷି ଆଉ କୃଷକଙ୍କ ସଂମ୍ମାନର୍ଥେ ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ, କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନସ୍ଥ ସାନ ଜରିଆ ଗ୍ରାମ ଠାରେ ପ୍ରଥମ କରି ଏକ କୃଷକ ମନ୍ଦିରର ଭୂମିପୂଜନ ହୋଇଯାଇଛି। ସମାଜକୁ ଦାନା ଯୋଗାଉଥିବା କୃଷକଙ୍କ ସ୍ମୃତିରେ ଏକ ଭବ୍ୟ "କୃଷକ ମନ୍ଦିର"ର ଶୁଭାରମ୍ଭ କରିଛନ୍ତି ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ।

ଏହି ମନ୍ଦିରକୁ ସଫଳ ରୂପାୟନ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ, ବୋଧ ଗାଁ, ବଡ଼ଜରିଆ, ଗଙ୍ଗାରାମପୁର, ଅରଡ଼ପଲ୍ଲୀ ଓ ଅନ୍ୟ ପାଖ ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ରହି ଶ୍ରୀଫଳ ଭୋଗ କରିଥିଲେ । ଟ୍ରଷ୍ଟର ପୂଜକ ପବିତ୍ର ମୋହନ ଷଡଙ୍ଗୀଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହି ସୁଦୀର୍ଘ "କୃଷକ ମନ୍ଦିର"ର ପରିକଳ୍ପନା ଓଡିଶାରେ ପ୍ରଥମ ବୋଲି ଟ୍ରଷ୍ଟର ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ତରାଇ ସୂଚନା ଦେଇଛନ୍ତି ।

ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ମୁଖପାତ୍ର ପ୍ରମୋଦ ନାୟକ, ଶିକ୍ଷାବିତ ବିଜୟ ଜେନା, ସ୍ତମ୍ଭକାର ଖିରୋଦ କର, କୃଷକ ମନ୍ଦିରର ପରିଚାଳନା ଅଧିକାରୀ ସୁରେନ୍ଦ୍ର ପରିଡା, ଶାନ୍ତନୁ ମଲ୍ଲିକ, ଅଜୟ ସେଠୀ, ସଂଗ୍ରାମ ଦାସ, ମଳୟ ବାରିକ, ସୁନାକର ବେହେରା, ହରେକୃଷ୍ଣ ବାରିକ, ଯୁଧିଷ୍ଠିର ବାରିକ, ଦାଶରଥି ଦାସ, ଅଶୋକ ବେହେରା, କାଳନ୍ଦୀ ମଲ୍ଲିକ, ପ୍ରତାପ ନାୟକ ଓ ତପନ କୁମାର ନାଥ ପ୍ରମୁଖ ରହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ମନମାନୀ ପ୍ରତିବାଦରେ ଅନଶନ




**ମାର୍ଶାଘାଇ, ୨୦।୪ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମାନି ପ୍ରତିବାଦରେ ସୋମବାର ବିଦ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଂଚଳର ଅଭିଭାବକ,ସଚେତନ ନାଗରିକ ଓ ପୁରାତନ ଛାତ୍ରମାନେ ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନୋମୁଖୀ କାର୍ଯ୍ୟ ବିରୁଦ୍ଧରେ ବିଭିନ୍ନ ସ୍ତରରେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ତଦନ୍ତ କରାଯାଇ ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ ଏବଂ ଅନିୟମିତତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଗତ ୧୫ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ । ତେଣୁ ସୋମବାର ସକାଳୁ ବିଦ୍ୟାଳୟ ଫାଟକ ନିକଟରେ ଅନଶନ ବ୍ୟାନର ଲଗାଇ ପୁରାତନ ଛାତ୍ର ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଅଭିଭାବକ, ପୁରାତନଛାତ୍ର ଓ ସଚେତନ ନାଗରିକମାନେ ଅନଶନରେ ବସିଥିଲେ । ଖବର ପାଇ ପାଟକୁରା ଥାନାଅଧିକାରୀ ମହମ୍ମଦ ଜାମସେଦ, ଏସଆଇ ଦୀପ୍ତିରେଖା ରାଉତ ସଦଳବଳେ ପହଞ୍ଚି ଅନଶନକାରୀଙ୍କୁ ବୁଝାସୁଝା କରି ଉଠାଇଥିଲେ ।

### ପଞ୍ଚାୟତ ଆଲୋକୀକରଣ ପ୍ରକଳ୍ପରେ କୋଟିଏ ଟଙ୍କାର ଦୁର୍ନୀତି


## ଭିଜିଲାନ୍ସ ତଦନ୍ତ ଦାବି କଲେ ସିପ୍ରା



**କେନ୍ଦ୍ରାପଡ଼ା,୨୦।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତ ରାସ୍ତା ଆଲୋକୀକରଣ ପ୍ରକଳ୍ପରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି । ଠିକାଦାର, ଯନ୍ତ୍ରୀ, ସରକାରୀ ଅଧିକାରୀ, ରାଜନେତା ମିଳିମିଶି ସରକାରୀ ଅନୁଦାନ ହରିଲୁଟ କରିଛନ୍ତି। ଯାହାଫଳରେ ଏହି ପଞ୍ଚାୟତରେ ଗୋଟିଏ ଦୁଇଟି ଲାଇଟକୁ ଛାଡିଦେଲେ ବାକି ଲାଇଟର ଚିହ୍ନବର୍ଣ୍ଣ ନାହିଁ । କେବଳ କାଗଜ କଲମରେ ଏହି ପ୍ରକଳ୍ପ ଶେଷ କରାଯାଇ ବିଲ କରାଯାଇଛି। ଏଥିରେ ଯେଉଁ ବଡ ଧରଣର ଦୁର୍ନୀତି ହୋଇଛି ଓ ଯେଉଁ ପ୍ରଭାବଶାଳୀ ବ୍ୟକ୍ତିମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଭିଜିଲାନ୍ସ ଏସପିଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଭିଜିଲାନ୍ସ ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

ଏସଂକ୍ରାନ୍ତରେ ଡ. ମଲ୍ଲିକ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ପଥ ଆଲୋକୀକରଣ ନିମନ୍ତେ ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରାୟ ଏକ କୋଟି ଟଙ୍କା ସଂସଦୀୟ କ୍ଷେତ୍ର ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରିଥିଲେ। ସେଥିମଧ୍ୟରୁ କେବଳ ଚକ୍ରୋଡା ଗ୍ରାମପଞ୍ଚାୟତ ୬୪ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ପଞ୍ଚାୟତ ବିଭିନ୍ନ ପ୍ରକଳ୍ପ ଗୁଡିକ ପାଇଁ ବାକି ଅର୍ଥ ମଞ୍ଜୁର କରାଯାଇଥିଲା । ପଞ୍ଚାୟତ ରାସ୍ତାକୁ ଆଲୋକୀକରଣ କରିବା ଉଦ୍ଦେଶ୍ୟରେ ସାଂସଦ ଏହି ଅର୍ଥ ପ୍ରଦାନ କରିଥିଲେ । ଚକ୍ରୋଡା ଗ୍ରାମପଞ୍ଚାୟତର ୫, ୧୫ ଓ ୧୮ନମ୍ବର ୱାର୍ଡରେ ପଥ ଆଲୋକୀକରଣ ଯୋଜନାରେ ବିନିଯୋଗ କରାଯାଇଥିବା କାଗଜକଲମରେ ଦର୍ଶାଯାଇଛି । କିନ୍ତୁ ଏଥି ନିମନ୍ତେ ବିଦ୍ୟୁତ ବିଭାଗରୁ ଫିଜିବିଲିଟି ରିପୋର୍ଟ କିମ୍ବା ବୈଷୟିକ ମଞ୍ଜୁରୀ ନିଆଯାଇ ନାହିଁ ।

## ୫ ଶହ ଲିଟର ମହୁଲି ମଦ ଜବତ



**ମାହାଙ୍ଗା, ୨୦।୪ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ଲକ୍ଷ୍ମୀନାରାୟଣପୁରର ବିଲ ନିକଟରେ ଥିବା ଏକ ଘରୁ ୧୦ ବସ୍ତା ମହୁଲି ମଦ ଜବତ କରାଯାଇଥିବା ଜଣାଯାଇଛି। ଖବର ପାଇ ଭଦ୍ରେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସ୍ଥାନୀୟ ଅଞ୍ଚଳର ଚୋରା ମଦ ବ୍ୟବସାୟୀ ନିଜ ମୋଟର ସାଇକେଲ ଯୋଗେ ସେଠାରୁ ଛୁ ମାରିଥିଲେ। ପୋଲିସ ସେହି ଘର ଭିତରୁ ୧୦ ବସ୍ତା ମହୁଲି ମଦ ଜବତ କରିଥିଲେ। ଯାହାକି ୫ ଶହ ଲିଟର ମହୁଲି ମଦ ହେବ ବୋଲି ଅନୁମାନ କରାଯାଉଛି।

ସୁଚନା ଅନୁଯାୟୀ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିନରେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଦେଶୀ, ବିଦେଶୀ ଓ ମହୁଲି ଚୋରା ମଦ ବ୍ୟବସାୟ ଦିନକୁ ଦିନ ବୃଦ୍ଧି ପାଇବା ସହ ଏହି ନିଶା ଖାଇ ଯୁବକମାନେ ବହୁ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଜଣାଯାଇଛି।

## ଜିଲ୍ଲାରୁ ୧.୭୦ ଲକ୍ଷ ଚାଷୀ ପାଇଲେ ମୁଖ୍ୟମନ୍ତ୍ରୀ କିଷାନ କିସ୍ତି

**କେନ୍ଦ୍ରାପଡା,୨୦।୪(ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡା ଜିଲ୍ଲାର ୧ ଲକ୍ଷ ୭୦ ହଜାର କ୍ଷୁଦ୍ର ନାମମାତ୍ର ଚାଷୀ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ଉପକୃତ ହୋଇଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଭିଡିଓ କନ୍‌ଫେରେନ୍ସି ମାଧ୍ୟମରେ ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ୮୪ ଜଣ ଚାଷୀଙ୍କୁ ୨ହଜାର ଟଙ୍କା ଲେଖାଏ କିସ୍ତି ତାଙ୍କ ବ୍ୟାଙ୍କ ଆକାଉ ଖାତାକୁ ସିଧାସଳଖ ଭାବେ ପଠାଯାଇଛି । ଏହା ସହିତ ଜିଲ୍ଲାର ୯୮୯ ଜଣ ଭୂମିହୀନଙ୍କୁ ୪ ହଜାର ଟଙ୍କା ଲେଖାଏଁ ଦିଆଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସହିତ ମାର୍ଶାଘାଇ ବିଏଓ ପ୍ରମୋଦିନୀ ପ୍ରଧାନ, ଡେରାବିଶର ବନଲତା ବେହେରା ଓ ଯୋଜନା ଅଧିକାରୀ ପାୟଲ୍ ପ୍ରିୟଦର୍ଶନୀ ନାୟକ, ଏଏସ୍‌ସିଓ ନିହାରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଆଜାଦ୍ କ୍ଲବର ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫୁଲବାଣୀର ଜେଡି କ୍ଲବ୍ ଚାମ୍ପିଅନ, ଇଲେଭେନ ଷ୍ଟାର ରନର୍ସଅପ୍




**କେନ୍ଦ୍ରାପଡ଼ା, ୨୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ଫକିରାବାଦ୍ ଆଜାଦ୍ କ୍ଲବ ପକ୍ଷରୁ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଫୁଲବାଣୀର ଜେଡି କ୍ଲବ କେନ୍ଦ୍ରାପଡାର ଇଲେଭେନ ଷ୍ଟାରକୁ ୧-୦ ଗୋଲରେ ହରାଇ ଚମ୍ପିଅନ ଆଖ୍ୟା ଅର୍ଜନ କରିଛି। କେନ୍ଦ୍ରାପଡାର ଇଲେଭେନ ଷ୍ଟାର ରନର୍ସଅପ ହୋଇଛି ।

ଏହି ଉପଲକ୍ଷେ ଆଜାଦ୍ କ୍ଲବ ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ସେକ ଲିୟାକତ ଅଲ୍ଲୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଚମ୍ପିୟନ ଦଳ ଜେଡି କ୍ଲବକୁ ଚମ୍ପିୟନସଟ୍ରଫି ସହ ନଗଦ ୬୧ହଜାର ଟଙ୍କା ଏବଂ ରନର୍ସଅପ ଦଳ ଇଲେଭେନ ଷ୍ଟାରକୁ ରନର୍ସଅପ ଟ୍ରଫି ସହିତ ନଗଦ ୪୧ହଜାର ଟଙ୍କା ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଶରତ ବେହୁରା, ମୁକ୍ତାର ଖାଁ, ହିରଣ୍ୟ ପଣ୍ଡା, କାଳି ପ୍ରସାଦ ମିଶ୍ର, ସେକ ଚନ୍ଦନ, ସମ୍ଭୁ ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ । ଉପସଭାପତି ମୀର ବକ୍କାଉଲ୍ଲା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଦୂଷଣ ନିୟମ ମାନୁନାହାଁନ୍ତି ରେଲୱେ କର୍ତ୍ତୃପକ୍ଷ

## ସୁକିନ୍ଦା ରୋଡ ରେଲୱେ ସାଇଡିଂରେ ମାତ୍ରାଧିକ ବାୟୁ ପ୍ରଦୂଷଣ, ଚିନ୍ତାରେ ଲୋକେ



**ଯାଜପୁର,୨୦।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ମାନପୁର ଠାରେ ସୁକିନ୍ଦା ରୋଡ଼ ରେଳ ସାଇଡିଂ ରହିଛି। ଏହି ରେଲୱେ ସାଇଡିଂଟି ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଛି। କାରଣ ରେଲୱେ କର୍ତ୍ତୃପକ୍ଷ ଏଠାରୁ କୋଟି କୋଟି ଟଙ୍କା ଲାଭ କରୁଛି । ହେଲେ ଏଠାରେ ରେଲୱେ ପଦାଧିକାରୀ ପ୍ରଦୂଷଣ ନିୟମକୁ ଖୋଲା ଖୋଲି ଉଲ୍ଲଙ୍ଘନ କରୁଛି। ଏପରିକି ଓଏସପିସିବି (ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ପକ୍ଷରୁ ରେଲୱେ ପଦାଧିକାରୀଙ୍କୁ ବହୁବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହେଲେ ପ୍ରଦୂଷଣ ବିଭାଗର କାରଣ ଦର୍ଶାଅ ନୋଟିସକୁ ରେଲୱେ ପଦାଧିକାରୀ ଫୁ କରି ଉଡାଇ ଦେଉଛନ୍ତି। ଯାହାଫଳରେ ଏଠାରେ ମାତ୍ରାଧିକ ବାୟୁ ଓ ଜଳ ପ୍ରଦୂଷଣ ହେଉଛି । ଏଥିଯୋଗୁ ରେଲୱେ ପାର୍ଶ୍ୱବର୍ତ୍ତୀ ବସ୍ତି ଗୁଡିକ ପ୍ରଦୂଷଣ ଜ୍ୱାଳାରେ ଉବୁଟୁବୁ ହେଉଛନ୍ତି। ଧୂଳି ଉଡି ପାର୍ଶ୍ୱବର୍ତ୍ତୀ ଗାଁର ଗଛ ଲତା, କୁଅ - ପୋଖରୀରେ ଧୂଳିର ଆସ୍ତରଣ ଦେଖିବାକୁ ମିଳୁଛି। ଏପରିକି ମାତ୍ରାଧିକ ପ୍ରଦୂଷଣ ସ୍ଥାନୀୟ ଲୋକଙ୍କ ମୃତ୍ୟୁର କାରଣ ହୋଇଛି । ଯାହାକି ଏବେ ସୁଦ୍ଧା ସ୍ଥାନୀୟ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଅକାଳରେ ଝଡି ପଡୁଛି ।

**ମାସିକିଆ ସର୍ତ୍ତମୂଳକ ସିଟିଓ ବାତିଲ ହେବା ଆଶଙ୍କା**

ପ୍ରଦୂଷଣ ନିୟମ କାର୍ଯ୍ୟକାରୀ କରିବାକୁ ଯାହା ଆନୁସଙ୍ଗିକ ନିୟମ ରହିଛି ତାହା ଏଠାରେ ପାଳନ କରାଯାଉ ନାହିଁ । ତେଣୁ ରେଲୱେ ସାଇଡିଂକୁ ସିଟିଓ ମିଳିବା ଅନିଶ୍ଚିତତା ଦେଖାଯାଇଥିଲା। ଯାହାକି ଓଏସପିସିବି ପୁଣି ପତ୍ର ସଂଖ୍ୟା ନଂ ୧୧୨୧ ତା ୩୧.୦୩.୨୦୨୬ରେ ସର୍ତ୍ତ ମୂଳକ ଏକ ମାସିଆ ତଥା ତା ୩୦.୦୪.୨୬ ପର୍ଯ୍ୟନ୍ତ ସିଟିଓ (ପରିଚାଳନା ଅନୁମତି) ଦିଆଯାଇଛି। ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜାତୀୟ ସବୁଜ ପ୍ରାଧିକରଣ (ଗ୍ରୀନ ଟ୍ରିବ୍ୟୁନାଲ) ପ୍ରଦୂଷଣ ନିୟନ୍ତ୍ରଣ ଓ ପରିଚାଳନା ପ୍ରସଙ୍ଗରେ ବହୁବାର ନୀତି ନିର୍ଦ୍ଧାରଣ କରିଥିଲେ ମଧ୍ୟ ରେଳ ବିଭାଗ ଏହାକୁ କାର୍ଯ୍ୟ କାରୀ ନ କରିବା ଘଟଣା ଅଧିକ ରହସ୍ୟମୟ ହୋଇଛି ।

ତେଣୁ ସର୍ତ୍ତ ଅନୁଯାଇ ସୁକିନ୍ଦା ରୋଡ଼ ରେଲୱେ ସାଇଡିଂକୁ ଓଏସପିସିବି ପକ୍ଷରୁ ମାସିକିଆ ତଥା ୩୦.୦୪.୨୬ ପର୍ଯ୍ୟନ୍ତ ସିଟିଓ ପ୍ରଦାନ କରାଯାଇଛି। ଯଦି ପ୍ରଦୂଷଣ ବିଭାଗ ନିର୍ଦ୍ଦେଶକୁ ରେଲୱେ ପଦାଧିକାରୀ ଅଣଦେଖା କରନ୍ତି ତେବେ ଏପ୍ରିଲ ୩୦ ତାରିଖ ପରେ ପ୍ରଦୂଷଣ ବିଭାଗ ସିଟିଓ ବାତିଲ କରିବ ନା ପୁଣି ରାଜନୈତିକ ଚାପରେ ପୁଣି ସିଟିଓ ପ୍ରଦାନ କରାଯିବ ତାହା ପ୍ରଦୂଷଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି ।

## ପ୍ରୟାସ ପରିବାରର ଅକ୍ଷୟ ତୃତୀୟା ପାଳନ ଓ ଅକ୍ଷୀମୁଠି ଅନୁକୂଳ



**ସତ୍ୟବାଦୀ, ୨୦।୪ (ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପ୍ରୟାସ ପରିବାର ତରଫରୁ ସତ୍ୟବାଦୀ ପଞ୍ଚସଖା ପଡ଼ିଆ ଠାରୁ ଏକ ଶୋଭାଯାତ୍ରା ବାହାରି ଶୁକଳ ଛକ, ଜଙ୍ଗିଆ, କଣାସ ବଜାର ଦେଇ ଗଡ଼ବଡ଼ପୁଟ ପଞ୍ଚାୟତ ବାରିମଣ୍ଡଳ ଠାରେ ପହଞ୍ଚି ବିଲରେ ହଳ କରିବା ସହିତ ଧାନ ବୁଣି ଅକ୍ଷୀମୁଠି ଅନୁକୂଳ କରିଥିଲେ। କଣାସ ବ୍ଲକ ଗଡ଼ବଡପୁଟ ଗ୍ରାମ ପଂଚାୟତର ବାବା ଗତିଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରୟାସ ପରିବାରର ମୁଖ୍ୟ କାମାକ୍ଷା ପ୍ରସାଦ ପ୍ରଧାନଙ୍କ ସହିତ କୃଷ୍ଣ ଜଗଦେବ ଧାନ ବିହନ ବୁଣି ଅକ୍ଷୀମୁଠି ଅନୁକୂଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର କଣାସ ବ୍ଲକ ସମ୍ପାଦକ ବିଶ୍ୱଜିତ ବଡ଼ଜେନା, ସତ୍ୟବାଦୀ ବ୍ଲକ ସଭାପତି ପ୍ରାଚୁର୍ଯ୍ୟ ହୋତା, କିଶୋର ମାଥି, କିରଣ ବାଳା ପାଇକେରାୟ, ରାମ ଚନ୍ଦ୍ର ପରିଡ଼ା, ସତ୍ୟନାରାୟଣ ବିଶ୍ୱାଳ, ଦିବାକର ସ୍ୱାଇଁ, ଲକ୍ଷ୍ମଣ ବେହେରା ଓ ଚକ୍ରଧର ସାହୁ ଙ୍କ ସହିତ ପ୍ରୟାସ ପରିବାର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସେହିଭଳି ବିଧାୟକ ଓମପ୍ରକାଶ ମିଶ୍ର ଓ ସାଂସଦ ସମ୍ବିତ ପାତ୍ର ସତ୍ୟବାଦୀରେ ମାରାଥନ ଶିଳାନ୍ୟାସ କରିବା ସହିତ ସ୍ଥାନୀୟ ମୂଳ ଅଳସା ପଞ୍ଚାୟତର ଆଳସରଙ୍ଗ ଠାରେ ଅକ୍ଷୀମୁଠି ଅନୁକୂଳ କରିଥିବା ସୂଚନା ମିଳିଛି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ


SANCHAR
ସଂଚାର
୪
ମଙ୍ଗଳବାର ୨୧ ଏପ୍ରିଲ ୨୦୨୬, ଭୁବନେଶ୍ୱର
Tuesday 21 April 2026, Bhubaneswar


# ଫଳପ୍ରଦ ହେଉନି ଶାନ୍ତି ଆଲୋଚନା

ସମ୍ପ୍ରତି ମଧ୍ୟପ୍ରାଚ୍ୟର ଉତ୍ତେଜନା ମଧ୍ୟରେ ପାକିସ୍ତାନର ଇସ୍ଲାମାବାଦରେ ଆୟୋଜିତ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ବିନା କୌଣସି ଚୁକ୍ତି ସହିତ ଶେଷ ହୋଇଛି। ଏହା କେବଳ ଏକ ବ୍ୟର୍ଥ ବୈଠକ ନୁହେଁ, ବରଂ ଉଭୟ ଦେଶର ଦୀର୍ଘକାଳୀନ ଅବିଶ୍ୱାସ, କଠୋର ଅବସ୍ଥାନ ଓ ରାଜନୈତିକ ସ୍ୱାର୍ଥର ସ୍ପଷ୍ଟ ପ୍ରତିଫଳନ। ଏପ୍ରିଲ୍ ୧୧-୧୨ରେ ହୋଇଥିବା ଏହି ଆଲୋଚନା ପରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଇରାନ ଆମେରିକାର 'ଅନ୍ତିମ ଓ ଉତ୍ତମ ପ୍ରସ୍ତାବ' ଗ୍ରହଣ କରିନାହିଁ। ଅନ୍ୟପକ୍ଷରେ ଇରାନ କହୁଛି ଯେ ଆମେରିକାର 'ଅତ୍ୟଧିକ ଦାବି' ଓ 'ନୀତି ପରିବର୍ତ୍ତନ' ହେତୁ ଆଲୋଚନା ବିଫଳ ହୋଇଛି । ଫଳସ୍ୱରୂପ ଏକ କ୍ଷୁଦ୍ର ଯୁଦ୍ଧ-ବିରତି ମଧ୍ୟ ଶେଷ ହେବାର ଆଶଙ୍କା ବଢ଼ିଛି। ତେବେ କାହିଁକି ଏହି ଆଲୋଚନାଗୁଡ଼ିକ ଫଳପ୍ରଦ ହେଉନାହିଁ ? ଏହାର ମୂଳ କାରଣଗୁଡ଼ିକ ଗଭୀର ଓ ବହୁମୁଖୀ।



ପ୍ରଥମ ଓ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ପରମାଣୁ କାର୍ଯ୍ୟକ୍ରମ ନେଇ ଉଭୟ ପକ୍ଷର ବିପରୀତ ଅବସ୍ଥାନ। ଆମେରିକା ଇରାନର ସମସ୍ତ ଇଉରାନିୟମ ସମୃଦ୍ଧିକରଣ କେନ୍ଦ୍ରଗୁଡ଼ିକୁ ବନ୍ଦ କରିବା, ଉଚ୍ଚ ସମୃଦ୍ଧ ଇଉରାନିୟମ ଷ୍ଟକ୍ ହସ୍ତାନ୍ତର କରିବା ଓ 'ଶୂନ୍ୟ ସମୃଦ୍ଧିକରଣ' ନୀତି ଲାଗୁ କରିବାକୁ ଦାବି କରୁଛି। ଏହାକୁ ଆମେରିକା ଇରାନର ପରମାଣୁ ଅସ୍ତ୍ର ପ୍ରସ୍ତୁତିର ରାସ୍ତା ବନ୍ଦ କରିବାର ଏକମାତ୍ର ଉପାୟ ବୋଲି ମନେ କରୁଛି। କିନ୍ତୁ ଇରାନ ଏହାକୁ ନିଜର ସାର୍ବଭୌମିକ ଅଧିକାରର ଉଲ୍ଲଙ୍ଘନ ବୋଲି ପ୍ରତ୍ୟାଖ୍ୟାନ କରିଛି। ତେହେରାନ କହୁଛି ଯେ ତା'ର ପରମାଣୁ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ବିଦ୍ୟୁତ ଉତ୍ପାଦନ ପାଇଁ ହୋଇଥିବା ବେଳେ ଆମେରିକାର ଦାବି ଅଯୌକ୍ତିକ ଓ 'ସର୍ବନିମ୍ନ'। ଏହି ବିଭେଦ କେବଳ ଏକ ବୈଜ୍ଞାନିକ ପ୍ରସଙ୍ଗ ନୁହେଁ, ବରଂ ରାଜନୈତିକ ଓ ନିରାପତ୍ତା ସମ୍ପର୍କିତ। ଆମେରିକା ଇରାନକୁ ବିଶ୍ୱାସ କରୁନାହିଁ ଯେ ସେ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ପରମାଣୁ ପ୍ରଯୁକ୍ତି ବ୍ୟବହାର କରୁଛି। ଅନ୍ୟପକ୍ଷରେ ଇରାନ ଆମେରିକାର ଅତୀତ କାର୍ଯ୍ୟକଳାପ (୨୦୧୮ରେ ଜେସିପିଓଏ ଚୁକ୍ତିରୁ ପ୍ରତ୍ୟାହାର)କୁ ମନେ ପକାଇ କୌଣସି ଛାଡ଼ କରିବାକୁ ପ୍ରସ୍ତୁତ ନୁହେଁ।

ଦ୍ୱିତୀୟ କାରଣ ହେଉଛି ଇରାନର ପ୍ରକ୍ସି ଗୋଷ୍ଠୀଗୁଡ଼ିକୁ ସମର୍ଥନ। ଆମେରିକା ଦାବି କରୁଛି ଯେ ହାମାସ୍, ହିଜବୁଲ୍ଲାହ୍ ଓ ହୁଥି ବିଦ୍ରୋହୀଙ୍କୁ ଆର୍ଥିକ ଓ ସାମରିକ ସହାୟତା ବନ୍ଦ କରିବାକୁ। ଏହାକୁ ଆମେରିକା ମଧ୍ୟପ୍ରାଚ୍ୟର ସ୍ଥିରତା ପାଇଁ ଆବଶ୍ୟକ ବୋଲି କହୁଛି। କିନ୍ତୁ ଇରାନ ଏହି ଗୋଷ୍ଠୀଗୁଡ଼ିକୁ ନିଜର 'ପ୍ରତିରୋଧ ଅକ୍ଷ' ବୋଲି ବିବେଚନା କରେ ଓ ଏହାକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଏହି ପ୍ରକ୍ସି ଯୁଦ୍ଧ କେବଳ ଇରାନର ପ୍ରଭାବ ବଢ଼ାଉଛି ନାହିଁ, ବରଂ ଆମେରିକା ଓ ଇସ୍ରାଏଲ୍ ପାଇଁ ସ୍ଥାୟୀ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏହି ବିଭେଦ ଆଲୋଚନା ଟେବୁଲରୁ ଦୂର କରିବା ଅସମ୍ଭବ ହୋଇ ପଡ଼ିଛି।

ତୃତୀୟ ଓ ଅତ୍ୟନ୍ତ ସମ୍ପ୍ରତିକ କାରଣ ହେଉଛି ହର୍ମୁଜ ସମୁଦ୍ରପଥର ନିୟନ୍ତ୍ରଣ। ଇରାନ ଏହି ସମୁଦ୍ରପଥକୁ ନିଜର ରଣନୈତିକ ଲିଭରେଜ ବୋଲି ବ୍ୟବହାର କରୁଛି। ଆମେରିକା ଏହାକୁ ସମ୍ପୂର୍ଣ୍ଣ ଖୋଲା ରଖିବାକୁ ଦାବି କରୁଛି ଓ ଏହାର ଉପରେ ନାବିକ ବ୍ଲକେଡ ଲଗାଇଛି। ସମ୍ପ୍ରତି ଆମେରିକା ନୌସେନା ଦ୍ୱାରା ଏକ ଇରାନୀ କାର୍ଗୋ ଜାହାଜ ଜବତ୍ କରିବା ପରେ ଇରାନ ଏହାକୁ 'ସମୁଦ୍ର ଡାକାୟତ' ବୋଲି କହି ଆଲୋଚନାର ଦ୍ୱିତୀୟ ରାଉଣ୍ଡ ପାଇଁ ସମ୍ଭାବନାକୁ ବିଫଳ କରିଦେଇଛି। ଏହି ଘଟଣା ଯୁଦ୍ଧ-ବିରତି ଉଲ୍ଲଙ୍ଘନର ଅଭିଯୋଗ ଆଣିଛି ଓ ବିଶ୍ୱାସର ଅଭାବକୁ ଆହୁରି ଗଭୀର କରିଛି।

ଚତୁର୍ଥ କାରଣ ହେଉଛି ନିଷେଧାଜ୍ଞା ଓ ଆର୍ଥିକ ସହାୟତା ନେଇ ବିବାଦ। ଇରାନ ତୁରନ୍ତ ନିଷେଧାଜ୍ଞା ଉଠାଇବାକୁ ଚାହୁଁଛି, ଯାହା ତା'ର ଅର୍ଥନୀତିକୁ ବଞ୍ଚାଇବ। ଆମେରିକା କିନ୍ତୁ ଏହାକୁ ଆଲୋଚନାର ଶେଷ ପର୍ଯ୍ୟାୟରେ ରଖିବାକୁ ଚାହୁଁଛି। ଏହି 'ନୀତି ପରିବର୍ତ୍ତନ' ଓ 'ସର୍ବାଧିକ ଦାବି' ଇରାନକୁ ଆହୁରି କଠୋର କରିଦେଇଛି । ସର୍ବୋପରି, ଉଭୟ ପକ୍ଷରେ ଐତିହାସିକ ଅବିଶ୍ୱାସ ଓ ଘରୋଇ ରାଜନୀତି ଏହି ଆଲୋଚନାକୁ ବ୍ୟର୍ଥ କରୁଛି। ଆମେରିକାର ଟ୍ରମ୍ପ ପ୍ରଶାସନ 'ସର୍ବାଧିକ ଚାପ' ନୀତି ଅବଲମ୍ବନ କରୁଛି, ଯାହା ଇରାନକୁ ଆହୁରି ଦୃଢ଼ କରୁଛି। ଇରାନ ମଧ୍ୟ ନିଜର ଆଞ୍ଚଳିକ ପ୍ରଭାବ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଫଳସ୍ୱରୂପ ମଧ୍ୟପ୍ରାଚ୍ୟର ସ୍ଥିରତା ଓ ବିଶ୍ୱ ଅର୍ଥନୀତି (ବିଶେଷ କରି ତେଲ ମୂଲ୍ୟ ଓ ସମୁଦ୍ରପଥ ସୁରକ୍ଷା) ଉପରେ ଗଭୀର ପ୍ରଭାବ ପଡ଼ୁଛି।

ଶାନ୍ତି ଆଲୋଚନା ଫଳପ୍ରଦ ହେବା ପାଇଁ ଉଭୟ ପକ୍ଷକୁ ଛାଡ଼ କରିବାକୁ ପଡ଼ିବ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ତାହା ଦୂର ଲାଗୁଛି। ଯଦି ଏହି ଅବିଶ୍ୱାସ ଜାରି ରହିବ, ତେବେ ମଧ୍ୟପ୍ରାଚ୍ୟ ଆହୁରି ଅସ୍ଥିର ହେବ ଓ ବିଶ୍ୱ ଶାନ୍ତି ଆହୁରି ଦୂରରେ ରହିଯିବ। ଆଲୋଚନାର ଦ୍ୱାର ଖୋଲା ରଖିବା ଆବଶ୍ୟକ, କିନ୍ତୁ ବାସ୍ତବତାର ସ୍ୱୀକୃତି ବିନା କୌଣସି ଫଳ ମିଳିବ ନାହିଁ। ଇତିହାସ ପୁନରାବୃତ୍ତି ହେବାର ଆଶଙ୍କା ଏବେ ଅଧିକ।

# ସମ୍ପ୍ରତି ଏଲନିନୋ ବିଶ୍ୱ ପାଇଁ କେତେ ଭୟଙ୍କର?




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ଜଳବାୟୁ ପରିବର୍ତ୍ତନ ସମସ୍ତ ମାନବ ସମାଜ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ଏଲନିନୋ ନାମରେ ପରିଚିତ ପ୍ରାକୃତିକ ବିପର୍ଯ୍ୟୟ କ୍ରମଶଃ ବିପଜ୍ଜନକ ହେବାରେ ଲାଗିଛି। ଏଲନିନୋ ବିଶ୍ୱ ଉଷ୍ଣତା, ବର୍ଷା ଅସନ୍ତୁଳନ, ଉଷ୍ମ ସମୁଦ୍ର ତରଙ୍ଗ, ବନ୍ୟା ଏବଂ ଝଡ଼ ସମେତ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସହିତ ଜଡିତ। ଏଲନିନୋ ଏକ ପ୍ରାକୃତିକ ପ୍ରକ୍ରିୟା ଯାହା କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଜଳ ତାପମାତ୍ରା ବୃଦ୍ଧି କରେ। ଏହା ସମୟେ ସମୟେ ତଥା ମଝିରେ ମଝିରେ ଘଟେ, ସବୁବେଳେ ତଥା ସବୁ ସମୟରେ ନୁହେଁ। ସାଧାରଣତଃ ପ୍ରତି ୨ ରୁ ୭ ବର୍ଷରେ ଏହା ଘଟିଥାଏ। ଏଲନିନୋ ଶବ୍ଦଟି ସ୍ପାନିସ୍ ଶବ୍ଦ "ଛୋଟ ପିଲା" ରୁ ଆସିଛି। ପେରୁ ମତ୍ସ୍ୟଜୀବୀମାନେ ଏହି ଘଟଣାଟିକୁ ପ୍ରଥମେ ଚିହ୍ନି ପାରିଥିଲେ। ସାଧାରଣତଃ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଉଷ୍ମ ପାଣି ଥାଏ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଥଣ୍ଡା ପାଣି ଥାଏ। ସେଠି ଉତ୍ପନ୍ନ ପବନ ଯାହାକୁ ବାଣିଜ୍ୟ ବାୟୁ ମଧ୍ୟ କୁହାଯାଏ, ଏହା ପଶ୍ଚିମ ଦିଗକୁ ବହେ ଏବଂ ଜଳରେ ସନ୍ତୁଳନ ବଜାୟ ରଖେ। ତଥାପି ଏଲନିନୋ ସମୟରେ ଏହି ପବନ ଦୁର୍ବଳ ହୋଇଯାଏ ଏବଂ ଉଷ୍ମ ପାଣି ପୂର୍ବ ଦିଗକୁ ଗତି କରେ। ଏହା ସମୁଦ୍ରର ତାପମାତ୍ରାକୁ ବୃଦ୍ଧି କରେ ଏବଂ ପ୍ରାକୃତିକ ବର୍ଷାର ଢାଞ୍ଚାକୁ ପରିବର୍ତ୍ତନ କରେ, ଯାହାକୁ ଏଲନିନୋ କୁହଯାଏ।

ବର୍ତ୍ତମାନ ଏଲନିନୋ ବିଶ୍ୱରେ ଅତ୍ୟଧିକ ତାପମାତ୍ରା ସୃଷ୍ଟି କରୁଛି। ଏହା ବିଶ୍ୱ ଉଷ୍ଣତାକୁ ତ୍ୱରାନ୍ୱିତ ମଧ୍ୟ କରୁଛି। ଏହାଦ୍ୱାରା କିଛି ଅଞ୍ଚଳରେ ଅତ୍ୟଧିକ ବର୍ଷା ହୋଇଥାଏ ଯେତେବେଳେ ଅନ୍ୟ ଅଞ୍ଚଳରେ ପ୍ରବଳ ଗରମ ପାଗ ଅନୁଭବ କରାଏ। ଏହି ଏଲନିନୋ ପ୍ରଭାବରେ ଭାରତରେ ବର୍ଷା ପ୍ରାୟତଃ ହ୍ରାସ ପାଏ, ଯାହା ଫଳରେ ଫସଲ ନଷ୍ଟ ହୁଏ, ଧାନ ଉତ୍ପାଦନ ହ୍ରାସ ପାଏ ଏବଂ ଚାଷୀଙ୍କ ଆର୍ଥିକ କ୍ଷତି ହୋଇଥାଏ। ଏଲନିନୋ ଜଳସ୍ତରକୁ ହ୍ରାସ କରେ, ଯାହା ଫଳରେ ପାନୀୟ ଜଳର ଅଭାବ ମଧ୍ଯ ଦେଖାଦିଏ। ଏଲନିନୋ ବନ୍ୟା ଉଷ୍ମ ଲହରୀ, ଘୂର୍ଣ୍ଣିଝଡ଼ ଏବଂ ଜଙ୍ଗଲରେ ନିଆଁ ଲଗିଲା ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିପାରେ। ଭାରତର ପାଗ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଏଲନିନୋ ସମୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୁଏ ଓ ବର୍ଷା ଅନିୟମିତ ହୁଏ ଏବଂ ବାୟୁମଣ୍ଡଳ ଉଷ୍ମ ହୋଇଯାଏ। ତା ସହିତ ପ୍ରବଳ ପବନ ବହିଥାଏ। ଏହି ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହୁଏ ଯାହା ଧାନ ଚାଷକୁ ପ୍ରଭାବିତ କରେ ଏବଂ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ ଜଳ ଅଭାବ ସୃଷ୍ଟି କରେ ଆଉ ଏହା ପ୍ରଭାବରେ ସମଗ୍ର ଚାଷୀ କୂଳ ଭିଷଣ କ୍ଷତି ସହିଥାନ୍ତି।

ଏଲନିନୋ କେବଳ ଓଡ଼ିଶା କିମ୍ବା ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରେ। ଉଦାହରଣ ସ୍ୱରୂପ ଆମେରିକାରେ ବିନାଶକାରୀ ବନ୍ୟା, ଅଷ୍ଟ୍ରେଲିଆରେ ପ୍ରବଳ ଉଷ୍ମ ଲହରୀ ତଥା ଉତ୍ତାପ ବୃଦ୍ଧି ଏବଂ ଆଫ୍ରିକାରେ ଖାଦ୍ୟ ଅଭାବ ଭଳି ପ୍ରାକୃତିକ ବିପର୍ଯ୍ୟୟ ମାନ ସାଧାରଣ ଭାବେ ଅନୁଭୂତ ହୋଇଥାଏ। ଆଜିକାଲି ଜଳବାୟୁ ପରିବର୍ତ୍ତନ ମାନବ କାର୍ଯ୍ୟକଳାପ ଦ୍ୱାରା ପରିଚାଳିତ ହେଉଛି। ଯେପରିକି କଂକ୍ରିଟ୍ ଘରର ଅତ୍ୟଧିକ ନିର୍ମାଣ, ପକ୍କା ରାସ୍ତା ନିର୍ମାଣ, ଅତ୍ୟଧିକ ଜଙ୍ଗଲ କାଟିବା, ଅତ୍ୟଧିକ ଯାନବାହାନ ବ୍ୟବହାର, କଳକାରଖାନାର ଅଭିବୃଦ୍ଧି , ପରମାଣୁ ଅସ୍ତ୍ରର ପରିକ୍ଷଣ ଓ କ୍ଷେପଣାସ୍ତ୍ର ପରୀକ୍ଷଣ ଇତ୍ୟାଦି ଇତ୍ୟାଦି। ଏହା ଏଲନିନୋକୁ ଆହୁରି ଶକ୍ତିଶାଳୀ କରୁଛି ଏବଂ ଏହାର ପ୍ରଭାବକୁ ଅଧିକ ଗମ୍ଭୀର କରୁଛି। ଏଲନିନୋର ପ୍ରଭାବକୁ ହ୍ରାସ କରିବା ପାଇଁ ବିଭିନ୍ନ ସ୍ତରରେ ଉପାୟ ମାନ ଖୋଜିବାକୁ ହେବ। ନଚେତ୍ ଭବିଷ୍ୟତ ଏହାଦ୍ୱାରା ଆହୁରି ଭୟଙ୍କର ହେବ ଏଥିରେ କୌଣସି ସନ୍ଦେହ ନାହିଁ। ଏହି ଏଲନିନୋକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ପଡିବ। ଯେପରିକି ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା କରିବା। ଜଳ ସଂରକ୍ଷଣ ଏବଂ ବର୍ଷାଜଳ ସଂଗ୍ରହ କରିବା ଭଳି ଜଳ ପରିଚାଳନା ପଦ୍ଧତି ଗ୍ରହଣ କରିବାକୁ ପଡିବ। ଆମକୁ କୃଷିରେ ପରିବର୍ତ୍ତନ ଆଣିବାକୁ ପଡିବ। ଯେପରିକି ମରୁଡି ସହିଷ୍ଣୁ ଫସଲ ଚାଷ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା। ଏହା ସହିତ ସମସ୍ତିଙ୍କ ମଧ୍ୟରେ ସଚେତନତା ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଏବଂ ବିଭିନ୍ନ ସଂଗଠନକୁ ଜନସଚେତନତା ବୃଦ୍ଧି କରିବା ପାଇଁ ପ୍ରଥମ ପଦକ୍ଷେପ ନେବାକୁ ପଡିବ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ସରକାରୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ବୈଜ୍ଞାନିକମାନେ ପୂର୍ବାନୁମାନ କରି କହିଛନ୍ତି ଯେ ଆଗାମୀ ଦିନରେ ଏଲନିନୋର ପ୍ରଭାବ ଅଧିକରୁ ଅଧିକ ବୃଦ୍ଧି ପାଇପାରେ। ଯଦି ଆମେ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ନ ଦେଉ, ତେବେ ଏହା ମାନବ ଜୀବନ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିବ। ବର୍ତ୍ତମାନ ଏଲନିନୋ ସମଗ୍ର ପୃଥିବୀ ପାଇଁ ଏକ ଅତ୍ୟନ୍ତ ବିପଜ୍ଜନକ ରୂପ ନେଇଛି। ଏହା ବିଶ୍ୱ ଜଳବାୟୁ ଉପରେ ବିପର୍ଯ୍ୟୟ ସୃଷ୍ଟି କରୁଛି ଏବଂ ମାନବ ଜୀବନକୁ ପ୍ରଭାବିତ କରୁଛି। ତେଣୁ ଆମେ ସମସ୍ତେ ପରିବେଶ ସୁରକ୍ଷା ଏବଂ ସତର୍କ ରହି ଏହାର ପ୍ରଭାବକୁ ହ୍ରାସ କରିବାକୁ ପଡିବ। ଯଦିଓ ଏଲନିନୋ ଏକ ପ୍ରାକୃତିକ ଘଟଣା କିନ୍ତୁ ମାନବ କାର୍ଯ୍ୟକଳାପ ଏହାକୁ ଆହୁରି ବିପଜ୍ଜନକ କରୁଛି ବା ବଳବାନ କରୁଛି। ଏ କ୍ଷେତ୍ରରେ ଯଦି ଆମେ ଏବେ ସଚେତନ ନହୁଅନ୍ତି, ତେବେ ପରବର୍ତ୍ତୀ ପିଢ଼ି ପାଇଁ ପୃଥିବୀରେ ରହିବା କଷ୍ଟକର ହୋଇଯାଇପାରେ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍:୮୨୪୯୫୦୨୭୭୬**


# କୃଷି ଓ କୃଷକର ପର୍ବ ଅକ୍ଷୟ ତୃତୀୟା




ଚିତ୍ତରଞ୍ଜନ ପୃଷ୍ଟି





ଓଡ଼ିଆ ହେଉଛି ଏକ ପାର୍ବଣ ପ୍ରିୟ ଜାତି। ପର୍ବପର୍ବାଣିକୁ ବାଦ ଦେଲେ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ସୁତରାଂ ଚିନ୍ତାଶୀଳ, ଅଭିଜ୍ଞ, ସମାଜହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ, ସଂହତ ସମାଜର ସ୍ୱପ୍ନକୁ ସାକାର କରିବାପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି।ତେଣୁ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରାଯାଏ।ଅନେକ ପର୍ବର ଅନ୍ତର୍ନିହିତ ମହତ୍ତ୍ୱ ସମଗ୍ର ମାନବ ଜଗତକୁ ଦେଇଥାଏ ଅମୂଲ୍ୟ ଦିଗ୍ ଦର୍ଶନ।

ଓଡ଼ିଶାରେ ଅନୁଷ୍ଠିତ କିଛି ପର୍ବ ଧର୍ମଭିତିକ, କୃଷିଭିତିକ, ସାମାଜିକ ଏବଂ ଐତିହାସିକ ସ୍ମୃତି ଉପରେ ଆଧାରିତ। ସେଥିମଧ୍ୟରୁ "ଅକ୍ଷୟ ତୃତୀୟା" ଅନ୍ୟତମ। ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟାଟି "ଅକ୍ଷୟ ତୃତୀୟା" ବା ଅକ୍ଷି ତୃତୀୟା ଭାବେ ପରିଚିତ। ନୂତନ କାର୍ଯ୍ୟଟିଏ ଆରମ୍ଭ କରିବା ପାଇଁ ଅକ୍ଷୟ ତୃତୀୟା ହେଉଛି ପୂରା ବର୍ଷ ମଧ୍ୟରେ ସବୁଠାରୁ ଶୁଭତିଥି। ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ନହୋଇ ଅକ୍ଷୁର୍ଣ୍ଣ ରହିଥାଏ। ଶୁଭଦିନ ମନେକରି ଅକ୍ଷିମୁଠି ଅନୁକୁଳ, ଗୃହନିର୍ମାଣ, ନିର୍ବନ୍ଧ, ବିବାହ,ବ୍ରତଉପନୟନ ପ୍ରଭୃତି ଶୁଭକର୍ମମାନ ଅନୁଷ୍ଠିତ ହୋଇଥାଏ।

"ଅକ୍ଷୟ ତୃତୀୟା" ଏକ ସର୍ବଭାରତୀୟ କୃଷିଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାରର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି "ଅକ୍ଷୟ ତୃତୀୟା"। ବିଶ୍ୱାସ ରହିଛି, ଏହି ଦିନ ସତ୍ୟଯୁଗର ପ୍ରାରମ୍ଭ ହେବା ସହ ଦେବତାମାନେ ଜୀବଜଗତର ବଞ୍ଚିବାର ମାଧ୍ୟମ କୃଷି କାର୍ଯ୍ୟକୁ ଏହିଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷିଶିକ୍ଷା ପ୍ରଦାନ କରିଥିଲେ। ପରମବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତଥା ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଏହି ଦିବସରେ ପାଳିତ ହୋଇଥାଏ। କଥାରେ ଅଛି-ଯେ କୌଣସି ଶୁଭକାମ ଏହି ଦିନ ଆରମ୍ଭ କରାଗଲେ ବିନା ବିଘ୍ନରେ ତାହା ସଂପାଦିତ ହୋଇଥାଏ। ଉତ୍କଳୀୟଙ୍କ ପ୍ରାଣ ଶ୍ରୀଜଗନ୍ନାଥଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାମ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥ କାମ ତଥା ରେବତୀ ମାଆଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କର ଅକ୍ଷିମୁଠି ଅନୁକୁଳ ଆଦି ସମସ୍ତ ମାଙ୍ଗଳିକ କାମ ପବିତ୍ର ଅକ୍ଷୟ ତୃତୀୟାରେ ପାଳିତ ହୋଇଥାଏ।

କୃଷକର ବିହନ ମୁଠାକ ମାଆ ଧରିତ୍ରୀ କୋଳରେ ଅକ୍ଷୟ ଭାବେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବୀ ପରିବାର ଏହି ଦିନିରେ ନିଷ୍ଠାର ସହ ଭୂମି ପୂଜନ କରିଥାନ୍ତି।କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି। କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟ ମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ। ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣୀକୁ ଶଙ୍ଖ ହୁଳହୁଳି ଧ୍ୱନି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାନ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ। ଏହି ଦିନ କୃଷକ ତା ଜମିରେ ବୀଜ ବପନ କରି ଭରପୁର ଅମଳର ଆଶା ରଖିଥାଏ।ଧାନ ଆମ ରାଜ୍ୟର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହିଦିନ ଧାନରେ ହିଁ ମୁଠି ଅନୁକୁଳ କରାଯାଏ। ଧାନବିହନ ବୁଣିବାର ପ୍ରକୃଷ୍ଟ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ। ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଭଲ ଭାବେ ଖରାଟିଆ ଚାଷ ହେଲେ ଜମିରୁ ଘାସଲଟା ମରିଯାଏ। ଅନିଷ୍ଟକାରୀ ରୋଗ, ପୋକମାନଙ୍କର ବଂଶବୃଦ୍ଧି ପ୍ରତିହତ ହୋଇ ବାୟୁମଣ୍ଡଳରୁ ଅମ୍ଳଜାନ ଜମିରେ ପ୍ରବେଶ କରି ଫସଲର ଉପକାରୀ ଅଣୁଜୀବମାନଙ୍କ ବଂଶବିସ୍ତାର ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଖରାଟିଆ ଚାଷ ଦ୍ୱାରା ମାଟିର ସାନ୍ଦ୍ରତା କମିବା ସହ ଅମ୍ଳତ୍ୱ ହ୍ରାସ ଘଟେ ଓ ବର୍ଷା ଜଳଧାରଣ ଶକ୍ତି ବଢ଼େ। ଏହାଦ୍ୱାରା ମାଟିର ଆବଶ୍ୟକ ଉଷ୍ମତା ସୁରକ୍ଷିତ ରହେ ଓ ବ୍ୟବହୃତ ଖତ କମ୍ପୋଷ୍ଟ ଆଦି ମାଟିର ସବୁସ୍ତରରେ ମିଶିଯାଏ। କର୍ଷିତ ମାଟିରେ ବିହନ ବୁଣାଗଲେ ପ୍ରାକ୍ ମୌସୁମୀ ବର୍ଷାରେ ଧାନଗଛ ଶୀଘ୍ର ଗଜା ହୋଇ ଦୀର୍ଘ ଓ ସବଳ ଚେର ଦେଇ ଭଲ ବଢ଼େ। ଆଗରୁ ଗଛ ବଢୁଥିବାରୁ ଠିକ୍ ସମୟରେ ଅନ୍ତଃଚାଷ ଓ ବେଉଷଣ ହୋଇପାରେ। ଆବଶ୍ୟକ ସ୍ଥଳେ ବର୍ଷାର ଅନିୟମିତତା ଘଟିଲେ ବି ଧାନ ଫସଲ ଅନେକ ଦିନ ମରୁଡ଼ିର ମୁକାବିଲା କରିପାରେ। ସେଥିପାଇଁ ଅକ୍ଷୟ ତୃତୀୟା ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଯାଏ।

ଆମ ପରମ୍ପରାରେ ପ୍ରଚଳିତ ପର୍ବ ପାଳନର ବିଧିବିଧାନ ଆଜି ନୁହେଁ, ଆଦିମ ଯୁଗରୁ ବୈଶାଖ ଶୁକ୍ଳ ତୃତୀୟାକୁ ଅକ୍ଷୟ ତୃତୀୟା ପର୍ବ ଭାବେ କୃଷକ ପାଳନ କରିଆସୁଛି। ସେଥିପାଇଁ ଋକ୍ ବେଦ, ବରାହ ସଂହିତା ଓ ଆମ ପ୍ରଚଳିତ ପୁରାଣଗୁଡିକରେ ଅକ୍ଷୟ ତୃତୀୟା ପାଳନ ବାବଦରେ ସୂଚନା ରହିଛି।ଅକ୍ଷୟ ତୃତୀୟା ପ୍ରତିଟି କୃଷକ ପରିବାର ପାଇଁ ଏକ ପବିତ୍ରତା, ପ୍ରସନ୍ନତା ଓ ଆଶା ଆକାଂକ୍ଷାର ପର୍ବ। ଜାତିର ପିତା ମହାତ୍ମା ଗାନ୍ଧି କହୁଥିଲେ "କୃଷକ ହିଁ ମାଟିର ରାଜା"। କିନ୍ତୁ ଆଜିର ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ କୃଷକ ଅବସ୍ଥା ଶୋଚନୀୟ।ସେ ତା'ର ଉଚିତ ମୂଲ୍ୟ ପାଉନାହିଁ। ଦୁଃଖର କଥା ବର୍ତ୍ତମାନ ସମୟରେ କୃଷକର ଭାଗ୍ୟ ଅକ୍ଷୟ ନ ହୋଇ କ୍ଷୟ ହେବାରେ ଲାଗିଛି। ଚାଷରୁ ଆଶାଜନକ ସୁଫଳ ମିଳୁନଥିବାରୁ ଚାଷୀ ଚାଷ ଛାଡି ଏବେ ଦାଦନ ଖଟିବାକୁ ଯାଉଛି। ଜମିକୁ ଜଳ, ଚାଷ ପାଇଁ ବିହନ, ସାର ତଥା ବିକ୍ରି ପାଇଁ ବଜାର ତା ମୁଣ୍ଡରେ ଏବେ ଚଡ଼କ ପାଲଟୁଛି। କୃଷିଋଣର ଚାପ ବେଳେବେଳେ ତାକୁ ଆତ୍ମହତ୍ୟା ପାଇଁ ବାଟ କଢେଇ ନେଉଛି। ଏ ସବୁର ସମାଧାନ କଣ, ସେଥିପାଇଁ ସମସ୍ତଙ୍କୁ ଚିନ୍ତା କରିବାକୁ ପଡିବ।କୃଷି ଓ କୃଷକ ଆମ ଅର୍ଥନୀତିର ମେରୁଦଣ୍ଡ କହିଲେ ଭୁଲ୍ ହେବନି। କିନ୍ତୁ ଆଜି ସେ ମେରୁଦଣ୍ଡ ଭାଙ୍ଗି ପଡିଛି।କୃଷକ ଆଜି ଅଣ୍ଟା ସଳଖି ଚାଲି ପାରୁନାହିଁ।କୃଷି ଓ କୃଷକପ୍ରତି ଅବହେଳା କରାଯାଉଛି। କୃଷି ଓ କୃଷକର ଉନ୍ନତି ବ୍ୟତିରକେ ଦେଶର ପ୍ରଗତି ଅସମ୍ଭବ।

"ଅକ୍ଷୟ ତୃତୀୟା" କୃଷକ ସମାଜ ପାଇଁ ଏକ ମହାନ ପର୍ବ। ଏହି ପବିତ୍ର ଦିନକୁ ରାଜ୍ୟ ସରକାର 'କୃଷକ ଦିବସ' ଭାବେ ଘୋଷଣା କରିଛନ୍ତି। କୃଷି ଓ କୃଷକକୁ ଉପଯୁକ୍ତ ସମ୍ମାନ ଦେବା ତଥା ସମସ୍ତ ଚାଷୀଭାଇମାନଙ୍କୁ ଉତ୍ସାହିତ କରିବା ହେଉଛି 'କୃଷକ ଦିବସ' ପାଳନର ମୂଳ ଉଦ୍ଦେଶ୍ୟ।ଯାହାଦ୍ୱାରା ଆମ ରାଜ୍ୟ ସର୍ବଭାରତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହୋଇପାରିବ।ପର୍ବ ଓଡ଼ିଶାର ଗର୍ବ। ଓଡ଼ିଆ ଜାତିର ନୈତିକ ମୂଲ୍ୟବୋଧ , ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ଭାଇଚାରା ସୃଷ୍ଟି କରିବା ଏବଂ କୃଷି କୃଷକର ଉନ୍ନତି କରିବା "ଅକ୍ଷୟ ତୃତୀୟା" ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ।


**ନିମାପଡା, ପୁରୀ**
**ମୋବାଇଲ୍:୯୭୭୮୧୭୭୫୦୧**


# ମହିଳା ସଂରକ୍ଷଣ ବିଲ୍ ଓ ରାଜନୈତିକ ଝଡ଼




ଡକ୍ଟର ଲକ୍ଷ୍ମଣ ସାହୁ


ଗତ ୧୬ ଏପ୍ରିଲରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ଆଇନ ସହିତ ଜଡିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲ୍ ଆଗତ କରାଯାଇଥିଲା। ୨୦୨୯ ମସିହାରୁ ଏହି ପ୍ରସ୍ତାବଗୁଡ଼ିକ ଲୋକସଭା ଓ ସମସ୍ତ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବ। ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏକ ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ସଂଶୋଧନ ବିଲ୍ ଲୋକସଭାରେ ମୋଟ ଆସନ ସଂଖ୍ୟାକୁ ସର୍ବାଧିକ ୮୫୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖିଛି,। ଯାହାକି ବର୍ତ୍ତମାନର ୫୪୩ ଅଟେ। ଉପସ୍ଥାପିତ ବିଲ୍ ଗୁଡିକ ହେଉଛି କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍, ୨୦୨୬, ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ୨୦୨୬, ଓ ସୀମା ନିର୍ଦ୍ଧାରଣ ବିଲ୍, ୨୦୨୬। ପ୍ରସ୍ତାବ ଅନୁଯାୟୀ, ସର୍ବାଧିକ 815 ଆସନ ରାଜ୍ୟଗୁଡ଼ିକୁ ଓ ୩୫ ଆସନ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆବଣ୍ଟିତ କରାଯାଇପାରିବ। ଆସନର ଚୂଡ଼ାନ୍ତ ଆବଣ୍ଟନ ନିର୍ଣ୍ଣୟ କରିବା ପାଇଁ ଏକ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ କାର୍ଯ୍ୟକାରୀ କରାଯିବ। ନୂତନ ବ୍ୟବସ୍ଥା ଅନୁଯାୟୀ, ଲୋକସଭାରେ ୨୭୩ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହି ବିଲ୍ ଗୁଡିକ ଉପରେ ଏପ୍ରିଲ ୧୮ ସୁଦ୍ଧା ସଂସଦରେ ବିସ୍ତୃତ ଆଲୋଚନା ହେବ ବୋଲି ଆଶା କରାଯାଉଛି, ଯାହା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିଷ୍ପତ୍ତି ନିଆଯିବ।

ଏହି ବିଲ୍‌ଗୁଡ଼ିକୁ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମକେ, ଟିଏମସି, ଏଆଇଏମଆଇଏମ ଓ ସିପିଆଇ(ଏମ୍) ସମେତ ବିରୋଧୀ ଦଳଗୁଡ଼ିକ ବିରୋଧ କରିଛନ୍ତି। ବିରୋଧୀ ଏହାକୁ ବିଜେପିର ଏକ ନିର୍ବାଚନ ରଣନୀତି ଭାବରେ ଦେଖନ୍ତି। ତଥାପି, ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନରେ, ଗୃହମନ୍ତ୍ରୀ ଅମିତ ଶାହ ଏହି ପ୍ରସଙ୍ଗରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସହ ବୈଠକ କରିଛନ୍ତି। ଏହି ସମୟରେ, ଆସନ ବୃଦ୍ଧି ପାଇଁ ଏକ 'ସିଧା ଜ୍ୟାକେଟ୍ ଫର୍ମୁଲା' ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ନୂତନ ଢାଞ୍ଚାରେ ମହିଳାଙ୍କ ପାଇଁ ସଂରକ୍ଷିତ ଆସନ ଅନ୍ତର୍ଭୁକ୍ତ କରିବା ପାଇଁ ବିଦ୍ୟମାନ ଆସନ ବୃଦ୍ଧି କରାଯିବ। ଏହା ଦ୍ୱାରା ଲୋକସଭା ଆସନର ମୋଟ ସଂଖ୍ୟା 800 ରୁ ଅଧିକ ହୋଇପାରେ। ଏହି ସମୟରେ, ଦକ୍ଷିଣ ଭାରତର କିଛି ରାଜ୍ୟ ଜନସଂଖ୍ୟା ଆଧାରରେ ସୀମା ନିର୍ଦ୍ଧାରଣକୁ ବିରୋଧ କରିଛନ୍ତି। ତେଣୁ ସରକାର ଏବେ ଏପରି ଏକ ଫର୍ମୁଲା ଆଣିବାକୁ ଚେଷ୍ଟା କରୁଛନ୍ତି ଯାହା ସମସ୍ତ ରାଜ୍ୟର ସ୍ୱାର୍ଥକୁ ସନ୍ତୁଳିତ କରିବ। ମହିଳା ସଂରକ୍ଷଣ ପ୍ରସ୍ତାବ ଅନୁଯାୟୀ, ମହିଳାଙ୍କ ପାଇଁ ୨୭୩ଟି ଆସନ ସଂରକ୍ଷିତ ରହିବ। ସଂରକ୍ଷଣ ଢାଞ୍ଚା ସୁନିଶ୍ଚିତ କରିବ ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ମହିଳାମାନେ ସେମାନଙ୍କ କୋଟା ମଧ୍ୟରେ ସେମାନଙ୍କର ଅଂଶ ପାଇବେ। ଓବିସି ( OBC) ମହିଳାମାନଙ୍କ ପାଇଁ ଏକ ପୃଥକ ବ୍ୟବସ୍ଥା ବର୍ତ୍ତମାନ ଅନ୍ତର୍ଭୁକ୍ତ ନୁହେଁ। ଏହି ସୂତ୍ର ଆଧାରରେ, ରାଜ୍ୟ ବିଧାନସଭାଗୁଡ଼ିକରେ ଆସନ ବୃଦ୍ଧି ଓ ମହିଳାମାନଙ୍କ ପାଇଁ ସଂରକ୍ଷଣ ଲାଗୁ କରିବାର ଯୋଜନା ରହିଛି, ଯାହା ଫଳରେ ସାରା ଦେଶରେ ଏକ ସ୍ଥିର ଢାଞ୍ଚା ସୁନିଶ୍ଚିତ ହେବ। ଗୃହମନ୍ତ୍ରୀ ଅମିତ ଶାହ ସମ୍ପ୍ରତି ଏହି ବିଷୟରେ ଅନେକ ନେତାଙ୍କ ସହ ବୈଠକ କରିଛନ୍ତି। ଏଥିରେ ଆଇଏସଆର (YSR) କଂଗ୍ରେସ ପାର୍ଟି, ସମାଜବାଦୀ ପାର୍ଟି, ଏନସିସି (NCP) (SP), ଆରଜିଡି ( RJD,) ଓ ଏମଆଇଏମ ( AIMIM) ର ନେତାମାନେ ସାମିଲ ଥିଲେ। ବିଜେଡି (BJD ) ଓ ଶିବସେନା (UBT) ସହିତ ମଧ୍ୟ ଆଲୋଚନା ହୋଇଛି, ଯେତେବେଳେ କଂଗ୍ରେସ ସହିତ ଆଲୋଚନା ବାକି ଅଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମହିଳା ସଂରକ୍ଷଣ ପରେ ଉତ୍ତର ପ୍ରଦେଶରେ ସର୍ବାଧିକ ୪୦ଟି ଲୋକସଭା ଆସନ ବୃଦ୍ଧି ପାଇବ, ଯାହା ସେଠାରେ ଥିବା ୮୦ ରୁ ୧୨୦ କୁ ବୃଦ୍ଧି ପାଇବ। ମହାରାଷ୍ଟ୍ରରେ ମହିଳାଙ୍କ ପାଇଁ ୨୪ଟି ସଂରକ୍ଷିତ ଆସନ ରହିବ, ଯାହା ଲୋକସଭା ଆସନ ସଂଖ୍ୟା ୪୮ ରୁ ୭୨ କୁ ବୃଦ୍ଧି ପାଇବ। ବିହାରରେ ମହିଳାଙ୍କ ପାଇଁ ୨୦ଟି ଆସନ ମିଳିପାରିବ, ଯାହା ମୋଟ ୪୦ ରୁ ୬୦ କୁ ବୃଦ୍ଧି ପାଇବ। ମଧ୍ୟପ୍ରଦେଶରେ ୧୫ଟି ମହିଳା ସଂରକ୍ଷିତ ଆସନ ବୃଦ୍ଧି ପାଇପାରେ। ତାମିଲନାଡୁରେ ୨୦ଟି ଓ ଦିଲ୍ଲୀରେ ୪ଟି ଆସନ ରହିବ। ଝାଡ଼ଖଣ୍ଡରେ ସାତଟି ମହିଳା ସଂରକ୍ଷିତ ଆସନ ରହିବ।




ସଂରକ୍ଷିତ ଆସନ ବୃଦ୍ଧି ପାଇବାର ଆକଳନ କରାଯାଇଛି। ୨୦୨୩ ମସିହାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସଂସଦରେ "ନାରୀ ଶକ୍ତି ବନ୍ଦନ ଆଇନ" ବିଲ୍ ଆଗତ କରିଥିଲେ। କୁଶଳୀ ପରିଚାଳନା ଯୋଗୁଁ, ଏହା ଲୋକସଭା ଓ ରାଜ୍ୟସଭା ଉଭୟରେ ଗୃହୀତ ହୋଇଥିଲା। ୧୦୬ ତମ ସମ୍ବିଧାନ ସଂଶୋଧନ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମତି ପରେ, ଏହା ଆଇନରେ ପରିଣତ ହୋଇଥିଲା।

ବିରୋଧୀ ଦଳ କହୁଛନ୍ତି ଯେ ପ୍ରକୃତ ପ୍ରସଙ୍ଗ ମହିଳା ସଂରକ୍ଷଣ ନୁହେଁ, ବରଂ ସୀମା ନିର୍ଦ୍ଧାରଣ। ଏହା ସତ୍ତ୍ୱେ, ବିରୋଧୀଙ୍କ ପାଖରେ କୌଣସି ଉପାୟ ନାହିଁ। ସରକାର, ବିଶେଷକରି ପ୍ରଧାନମନ୍ତ୍ରୀ ମୋଦି, ମହିଳା ସଂରକ୍ଷଣକୁ ନେଇ ଏପରି ଏକ ପରିବେଶ ସୃଷ୍ଟି କରିଛନ୍ତି। ଏହାର ଯେକୌଣସି ବିରୋଧକୁ ମହିଳା ବିରୋଧୀ ବୋଲି ବିବେଚନା କରାଯିବ। ବିରୋଧୀ ଦଳଗୁଡ଼ିକ ସଂସଦରେ ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ଉଠାଇବେ। କିନ୍ତୁ ସେମାନେ ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବେ। ଯେପରି ସେମାନେ ୨୦୨୩ ସେପ୍ଟେମ୍ବରରେ ନାରୀ ଶକ୍ତି ବନ୍ଦନା ଆଇନ ସହିତ କରିଥିଲେ।

ବିଶେଷଜ୍ଞଙ୍କ ମତରେ, ବିଲ୍ ପାସ୍ କରିବା ସହଜ ହେବ ନାହିଁ। ଏଗୁଡ଼ିକ ସାମ୍ବିଧାନିକ ସଂଶୋଧନ ବିଲ୍, ଯାହା ପାଇଁ ସ୍ୱତନ୍ତ୍ର ବହୁମତ ଆବଶ୍ୟକ। ସମ୍ବିଧାନର ଧାରା ୩୬୮ ଅନୁଯାୟୀ, ସାମ୍ବିଧାନିକ ସଂଶୋଧନ ପାଇଁ ସଂସଦର ଉଭୟ ଗୃହରେ ସ୍ୱତନ୍ତ୍ର ବହୁମତ ଆବଶ୍ୟକ। ଏହାକୁ ହାସଲ କରିବା ପାଇଁ, ସରକାରଙ୍କୁ କିଛି ବିରୋଧୀ ଦଳ ଓ ବର୍ତ୍ତମାନର ଲୋକସଭାରେ କୌଣସି ମେଣ୍ଟର ଅଂଶ ନଥିବା ଦଳଗୁଡ଼ିକ ସହିତ ଆଲୋଚନା ନିଶ୍ଚିତ କରିବାକୁ ପଡିବ...!!!


**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ**
**କଟକ-୪, ମୋବାଇଲ୍:୯୦୪୦୧୫୧୪୭୫**

# ନଛୋଡ଼ବନ୍ଧା ଇରାନ୍ ପାକିସ୍ତାନକୁ ପଠାଇବନି ପ୍ରତିନିଧି

## ଶାନ୍ତି ଆଲୋଚନା ନେଇ ସୃଷ୍ଟିହେଲା ଅନିଶ୍ଚିତତା ❑ ଦ୍ରୁତ ଗତିରେ ବୃଦ୍ଧି ପାଇଲା ତେଲ ଦର

ତେହେରାନ, ୨୦।୪: ଆମେରିକା ଏବଂ ଇରାନ ମଧ୍ୟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଆରମ୍ଭ ହେବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ମଉଳି ଯାଇଛି। ଆମେରିକା ଶାନ୍ତି ଆଲୋଚନା ପାଇଁ ତା'ର ପ୍ରତିନିଧି ଦଳକୁ ପାକିସ୍ତାନ ପଠାଇଥିଲେ ମଧ୍ୟ ଇରାନ୍ ତା'ର ପ୍ରତିନିଧି ପଠାଇବାକୁ ରୋକଠୋକ୍ ମନା କରିଦେଇଛି।

ରବିବାର ହର୍ମୁଜ ଜଳପଥରେ ଆମେରିକା ଇରାନର ଏକ ମାଲ ପରିବାହୀ ଜାହାଜ ଉପରକୁ ଗୁଳି ଚଳାଇବା ଏବଂ ପରେ ଜାହାଜଟିକୁ ବନ୍ଦୀ କରିନେବା ପରେ ଇରାନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ଖୋଲାଖୋଲି ଭାବରେ ପ୍ରତ୍ୟାଖ୍ୟାନ କରିଦିଆଯାଇଛି। ଇରାନର ," ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାକାଇ କହିଛନ୍ତି, ଆମର ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ କୌଣସି ଯୋଜନା ନାହିଁ, କିମ୍ବା ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଗୋଟିଏ ପଟେ ଆମେରିକା ଶାନ୍ତି ଆଲୋଚନା ପାଇଁ କୂଟନୈତିକ କ୍ଷେତ୍ର ପ୍ରସ୍ତୁତ କରୁଛି ବୋଲି କହୁଥିବା ବେଳେ ଅନ୍ୟପଟେ ଏହା ଏପରି ଆଚରଣ କରୁଛି ଯାହା ଶାନ୍ତି ପ୍ରକ୍ରିୟା ପ୍ରତି ଆମେରିକାର ଗମ୍ଭୀରତାକୁ ସୂଚିତ କରୁନାହିଁ। ଯୁଦ୍ଧ ବିରତି ସରିବାକୁ ଆଉ ଦୁଇଦିନ ବାକି ଥିବା ବେଳେ ହର୍ମୁଜ ପ୍ରଣାଳୀରେ ଇରାନର ଏକ ମାଲବାହୀ ଜାହାଜ ଉପରକୁ ଆମେରିକା ଆକ୍ରମଣ ଏବଂ ପରେ ତାହାକୁ ଜବତ କରିନେବା ଅସ୍ତ୍ରବିରତିର




ଖୋଲାଖୋଲି ଉଲ୍ଲଂଘନ ବୋଲି ବାକାଇ କହିଛନ୍ତି।


ତେବେ ଇରାନର ଏ ଦାବିକୁ ଆମେରିକା ପକ୍ଷରୁ ଖଣ୍ଡନ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଯେ, ଇରାନ ପତାକା ଥିବା ଜାହାଜଟି ଆମେରିକା ଅବରୁଦ୍ଧ କରିଥିବା ବନ୍ଦରଗୁଡ଼ିକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା। ସେପରି ନକରିବାକୁ ଆମେରିକା ନୌସେନା ପକ୍ଷରୁ ଜାହାଜଟିକୁ ବାରମ୍ବାର ଚେତାବନୀ ଦେଇଥିଲେ ମଧ୍ୟ ତାହା ଶୁଣି ନଥିଲା। ସେଥିଲାଗି ଆମର ନୌସେନା ଅଧିକାରୀମାନେ ଇରାନୀ ଜାହାଜର ଇଞ୍ଜିନ ରୁମରେ ଗୋଟିଏ ଗାତ ସୃଷ୍ଟିକରି ତାହାକୁ ଅଟକାଇବାକୁ ବାଧ୍ୟ ହୋଇଥିଲା।

ଯୁଦ୍ଧ ବିରତି ଉଲ୍ଲଂଘନକୁ ନେଇ ଇରାନ ଓ ଆମେରିକା ପରସ୍ପରକୁ କାଦୁଅ ଫିଙ୍ଗା ଜାରି ରଖିଥିବା ବେଳେ ପାକିସ୍ତାନ ଗସ୍ତରେ ଥିବା ଆମେରିକାର ଶାନ୍ତି ପ୍ରତିନିଧି ଦଳ ପକ୍ଷରୁ ଶାନ୍ତି ଅଲୋଚନା ନେଇ ନୈରାଶ୍ୟ ପ୍ରକାଶ କରାଯାଇଛି। ପ୍ରତିନିଧି ଦଳର ଜଣେ ସଦସ୍ୟ କହିଛନ୍ତି ଯେ, ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ନହେବା ସମ୍ଭାବନା ଅଧିକ ରହିଛି।

ଫେବ୍ରୁଆରି ୨୮ ତାରିଖରେ ଇରାନର ସର୍ବୋଚ୍ଚ ନେତା ଅଲି ଖାମେନିଙ୍କ ମୃତ୍ୟୁ ପରେ ଇରାନ ଏବଂ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧଜନିତ ସ୍ଥିତି ଶେଷ ହେବ ନାହିଁବୋଲି ବିଶ୍ୱବ୍ୟାପୀ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ସୋମବାର ପୁଣିଥରେ ତେଲ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଇଛି, ଯାହା ଇରାନ୍ ହର୍ମୁଜ ପ୍ରଣାଳୀ ଖୋଲିବ ବୋଲି ଘୋଷଣା କରିବା ପରେ ହ୍ରାସ ପାଇଥିଲା। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ କହିଛନ୍ତି, ଆମେରିକା ଇରାନକୁ ଏକ ଅତ୍ୟନ୍ତ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ଚୁକ୍ତି ପ୍ରଦାନ କରୁଛି। ମୁଁ ଆଶା କରୁଛି ସେମାନେ ଏହାକୁ ଗ୍ରହଣ କରିବେ।

ଶାନ୍ତି ଆଲୋଚନକୁ ନେଇ ଅନିଶ୍ଚିତତା ଜାରି ରହିଥିବା ସତ୍ତ୍ୱେ ପାକିସ୍ତାନ ଇସଲାମାବାଦରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ରଖିଛି। ଇସଲାମାବାଦ କର୍ତ୍ତୃପକ୍ଷ ସହରର ରାସ୍ତାଘାଟ ବନ୍ଦ କରିଦେଇଥିବା ବେଳେ ପଡ଼ୋଶୀ ରାୱଲପିଣ୍ଡିରେ ମଧ୍ୟ ଟ୍ରାଫିକ୍ କଟକଣା ଘୋଷଣା କରିଛନ୍ତି। ୱାଶିଂଟନ ସୂତ୍ରରୁ ପ୍ରାପ୍ତ ଖବର ଅନୁଯାୟୀ, ଆମେରିକାର ପ୍ରତନିଧି ଦଳ ସୋମବାର ସନ୍ଧ୍ୟାରେ ଇସଲାମାବାଦରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

## ଇରାନକୁ ଧ୍ୱଂସ କରିଦିଆଯିବ: ଟ୍ରମ୍ପ୍



ନୂଆଦିଲ୍ଲୀ, ୨୦।୪: ପାକିସ୍ତାନକୁ ତେହେରାନ ତା'ର ଶାନ୍ତି ପ୍ରତିନିଧି ଦଳ ପଠାଇବ ନାହିଁ ବୋଲି ଇରାନର ରୋକଠୋକ୍ ଜବାବକୁ ହଜମ କରିପାରୁ ନାହାନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ତେହେରାନ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଦେବା ପରେ ଟ୍ରମ୍ପ୍ କ୍ରୋଧିତ ହେବା ସହ ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାକୁ ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ସେ ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବେ। ଦେଶର କୌଣସି ଗୋଟିଏ ପାୱାର ପ୍ଲାଣ୍ଟ କିମ୍ବା ବ୍ରିଜ୍ ବାଦ୍ ପଡ଼ିବନି। ସବୁକିଛି ଛାରଖାର କରିଦେବୁ। ଇରାନ-ଆମେରିକା ମଧ୍ୟରେ ୨୧ ତାରିଖରେ ଯୁଦ୍ଧବିରତି ଅବଧି ଶେଷ ହେଉଛି। ଏହା ପୂର୍ବରୁ ପାକିସ୍ତାନର ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଲାଗି ବୈଠକ ହୋଇଥାନ୍ତା। ମାତ୍ର ଏହା ପୂର୍ବରୁ ଏହି ଶାନ୍ତି ଅଲୋଚନାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି ଇରାନ। ତେଣୁ ଏବେ ଯୁଦ୍ଧବିରତି ଅବଧି ବଢ଼ିବ କି ନାହିଁ, ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୁଦ୍ଧବିରତି ଅବଧି ନ ବଢ଼ିଲେ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ ହୋଇପଡ଼ିବ।

ଟ୍ରମ୍ପ୍ କହିଛନ୍ତି, ହୋର୍ମୁଜ ବନ୍ଦ ରହିବା ଯୋଗୁ ଇରାନ ପ୍ରତିଦିନ ପ୍ରାୟ ୫୦୦ ମିଲିୟନ ଡଲାର କ୍ଷତି ସହୁଛି। କିନ୍ତୁ ଆମେରିକାର କୌଣସି କ୍ଷତି ହେଉନାହିଁ। ଏବେ ଇରାନ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଜରୁରି ତାହା ନିଆଯିବ। ବିଗତ ୪୭ ବର୍ଷ ଧରି ଆମେରିକାର ରାଷ୍ଟ୍ରପତିମାନେ ଯାହା କରିବା ଉଚିତ ଥିଲା, ତାହା ଏବେ କରାଯିବ। ଇରାନକୁ ଶେଷ କରିଦେବା ପାଇଁ ଏବେ ସମୟ ଆସିଛି। ହୋର୍ମୁଜ ପ୍ରଣାଳୀରେ ପ୍ରତିବନ୍ଧକ ସୃଷ୍ଟି କରି ଇରାନ ନିଜ ଅର୍ଥ ବ୍ୟବସ୍ଥାକୁ ବି ବରବାଦ କରିଦେଉଛି। ସେମାନେ ଅଜାଣତରେ ଆମକୁ ସହାୟତା କରୁଛନ୍ତି। ଆମେରିକାର ତୈଳ କାରବାର ବୃଦ୍ଧି ପାଇଛି। ଅନେକ ଜାହାଜ ଏବେ ଟେକ୍ସାସ, ଲୁଇସିଆନା ଓ ଆଲାସ୍କା ଅଭିମୁଖେ ଆସୁଛନ୍ତି। ତଥାପି ଇରାନ ପାଖରେ ସୁଯୋଗ ରହିଛି ବୋଲି ଟ୍ରମ୍ପ କହିଛନ୍ତି।



## ତୈଳ ବିଶୋଧନାଗାରରେ ଅଗ୍ନିକାଣ୍ଡ

ଜୟପୁର, ୨୦।୪: ରାଜସ୍ଥାନର ପଚପଦରାରେ ଥିବା ଦେଶର ସବୁଠାରୁ ବଡ ତୈଳ ବିଶୋଧନାଗାର 'ବାଲୋତ୍ରା ରିଫାଇନାରୀ'ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଥିଲା। ନିଆଁ ଲାଗିବା ପରେ ରିଫାଇନାରୀରୁ ଧୂଆଁ ବାହାରୁଥିବାର ଦେଖିବାକୁ ମିଳିଛି। କର୍ମଚାରୀମାନେ ଫାୟାର ସେଫଟି ସିଷ୍ଟମ ବ୍ୟବହାର କରି ନିଆଁ ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ନିଆଁ କେଉଁ କାରଣରୁ ଲାଗିଛି ତାହା ସ୍ପଷ୍ଟ ହୋଇପାରିନି। ଲଗାତାର ନିଆଁ ଉପରେ ନିୟନ୍ତ୍ରଣ ପାଇଁ ଚେଷ୍ଟା କରାଯାଉଛି। ବହୁ ସଂଖ୍ୟାରେ ଦମକଳ ଗାଡି ନିଆଁ ଲିଭାଇବାରେ ଲାଗିଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେ, ଏଥିରେ କାହାର ଜୀବନ ପ୍ରତି ବିପଦ ନଥିଲା। କ୍ରୁଡ ଡିଷ୍ଟିଲେସନ୍ ୟୁନିଟରେ ନିଆଁ ଲାଗିଥିବା କୁହାଯାଉଛି। ନିଆଁ ଲାଗିବା ପରେ ରିଫାଇନାରୀର ଅଧିକାଂଶ ଅଂଶ ଓ ଆଖପାଖର ଅଞ୍ଚଳକୁ ଖାଲି କରି ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳରେ ମୁତୟନ ଥିବା ଫାୟାର ବ୍ରିଗେଡ୍ ଗାଡି ମଧ୍ୟ ରିଫାଇନାରୀ ନିକଟରେ ପହଁଞ୍ଚି ନିଆଁ ଲିଭାଇବାରେ ଲାଗି ପଡିଥିଲା।

## ସମାଜବାଦୀ ନେତାଙ୍କ ପାଇଁ ବଢ଼ିଲା ଅଡୁଆ



ନିମ୍ନ ଅଦାଲତର ୭ ବର୍ଷ ଜେଲ ଦଣ୍ଡାଦେଶକୁ ବଳବତ୍ତର ରଖିଲେ ସେସନ୍ସ କୋର୍ଟ

ଲକ୍ଷ୍ନୌ, ୨୦।୪: ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କ ଅଡୁଆ ପୁଣି ବଢ଼ିବାରେ ଲାଗିଛି । ଡବଲ୍ ପ୍ୟାନ୍ କାର୍ଡ ମାମଲାରେ ଶୁଣାଣି କରି ରାମପୁରର ଏମ୍‌ପି-ଏମ୍‌ଏଲ୍‌ଏ ସେସନ୍ସ କୋର୍ଟ ଆଜମ ଖାନଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏହାସହ ନିମ୍ନ ଅଦାଲତ ପୂର୍ବରୁ ଶୁଣାଇଥିବା ୭ ବର୍ଷର ଜେଲ୍ ଦଣ୍ଡାଦେଶକୁ ମଧ୍ୟ କୋର୍ଟ ବଳବତ୍ତର ରଖିଛନ୍ତି। ବିଜେପି ନେତା ଆକାଶ ସକ୍ସେନା ୨୦୧୯ ମସିହାରେ ଏହି ମାମଲା ଦାୟର କରିଥିଲେ। ଅଭିଯୋଗ ଅନୁଯାୟୀ, ଅବଦୁଲ୍ଲା ଆଜମ ଜାଲ୍ ଦସ୍ତାବିଜ ବ୍ୟବହାର କରି ଦୁଇଟି ଭିନ୍ନ ଜନ୍ମ ତାରିଖ ଥିବା ଦୁଇଟି ପ୍ୟାନ୍ କାର୍ଡ ପ୍ରସ୍ତୁତ କରିଥିଲେ। ସରକାରୀ ବ୍ୟବସ୍ଥାକୁ ପ୍ରତାରିତ କରି ଏହି କାର୍ଯ୍ୟ କରାଯାଇଥିବା ଦର୍ଶାଇ କୋର୍ଟରେ ପ୍ରମାଣ ଉପସ୍ଥାପନ କରାଯାଇଥିଲା। ପୂର୍ବରୁ ଏମପି-ଏମଏଲଏ ମାଜିଷ୍ଟ୍ରେଟ୍ କୋର୍ଟ ଆଜମ ଖାନ, ପୁଅ ଅବଦୁଲ୍ଲା ଏବଂ ପତ୍ନୀ ତଞ୍ଜିମ ଫାତିମାଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷର ଜେଲ୍ ଦଣ୍ଡ ଏବଂ ୫୦-୫୦ ହଜାର ଟଙ୍କାର ଜରିମାନା ଶୁଣାଇଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଆଜମ ଖାନ ୨୫ ନଭେମ୍ବର ୨୦୨୫ରେ ସେସନ୍ସ କୋର୍ଟରେ ଏକ ଅପିଲ୍ ଦାୟର କରିଥିଲେ । ଦୀର୍ଘ ଦିନର ଯୁକ୍ତିତର୍କ ପରେ କୋର୍ଟ ଏହି ଆବେଦନରେ କୌଣସି ସତ୍ୟତା ନଥିବା ଦର୍ଶାଇ ଏହାକୁ ଖାରଜ କରିଦେଇଛନ୍ତି।

## ରାହୁଲଙ୍କ ଦ୍ୱୈତ ନାଗରିକତା ମାମଲା ଓହରିଲେ ଆହ୍ଲାବାଦ ହାଇକୋର୍ଟ ବିଚାରପତି

ନୂଆଦିଲ୍ଲୀ, ୨୦।୪: କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଜଡିତ ଦ୍ୱୈତ ନାଗରିକତା ମାମଲାର ଶୁଣାଣିରୁ ଓହରିଲେ ଜଷ୍ଟିସ୍ ସୁଭାଷ ବିଦ୍ୟାର୍ଥୀ। ଆବେଦନକାରୀ ବିଗ୍ନେଶ ଶିଶିରଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ କୋର୍ଟକୁ ପକ୍ଷପାତିତା ଅଭିଯୋଗ କରି ବିଭିନ୍ନ ପୋଷ୍ଟ ପରେ ଜଷ୍ଟିସ୍ ବିଦ୍ୟାର୍ଥୀ ଏହି ମାମଲାରୁ ଓହରି ଯିବାର ନିଷ୍ପତ୍ତି ନେଇଛନ୍ତି। ସମ୍ପ୍ରତି ଏହି ମାମଲାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା ରୁଜୁ କରିବା ନେଇ ଆଲୋଚନା ହୋଇଥିଲା। ଏହା ପରେ କୋର୍ଟ ମାମଲା ସହିତ ଜଡିତ ଅନ୍ୟାନ୍ୟ ତଥ୍ୟ ଉପରେ



ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ଏହା ଦ୍ୱାରା ଆହ୍ଲାବାଦ ହାଇକୋର୍ଟ ଆବେଦନର ଶୁଣାଣି ସମୟରେ ଦୃଢ଼ ମତାମତ ଗ୍ରହଣ କରିଥିଲେ। ବିଜେପି କର୍ମୀ ବିଗ୍ନେଶ ଶିଶିରଙ୍କ ସୋସିଆଲ ମିଡିଆ ପୋଷ୍ଟ ଉପରେ ଅସନ୍ତୋଷ ପ୍ରକାଶ କରି କୋର୍ଟ କହିଛନ୍ତି ଯେ, ଏପରି ମନ୍ତବ୍ୟ ନ୍ୟାୟପାଳିକାର ପ୍ରତିଛବିକୁ ଖରାପ କରିଥାଏ ଏବଂ ଏହାକୁ ବରଦାସ୍ତ କରାଯିବ ନାହିଁ। ଜଷ୍ଟିସ୍ ବିଦ୍ୟାର୍ଥୀ ମାମଲାରୁ ନିଜକୁ ଓହରି ଯାଇଛନ୍ତି ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ମାମଲାକୁ ଅନ୍ୟ ଏକ ଖଣ୍ଡପୀଠକୁ ପଠାଇ ଦେଇଛନ୍ତି।

ଶୁଣାଣି ସମୟରେ, ଆବେଦନକାରୀ ଶିଶିର କୋର୍ଟକୁ ମାମଲାକୁ ଦୁଇ ଦିନ ପରେ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ, ଯାହା ଉପରେ ହାଇକୋର୍ଟ କହିଥିଲେ ଯେ ମାମଲା ତାଲିକାଭୁକ୍ତ ହେବା ସମୟରେ ସେ ତାଙ୍କର ଯୁକ୍ତି ଉପସ୍ଥାପନ କରିବା ଉଚିତ। ପରେ, ଶିଶିର ତାଙ୍କର ଯୁକ୍ତି ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ କୋର୍ଟ ସ୍ପଷ୍ଟ କରିଥିଲେ ଯେ ତାଙ୍କର ଯୁକ୍ତି ଶୁଣାଯିବ ନାହିଁ। ତାଙ୍କର ଆଦେଶ ପ୍ରଦାନ କରି କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଆବେଦନକାରୀ ସୋସିଆଲ ମିଡିଆରେ କୋର୍ଟକୁ "ଦୁର୍ବ୍ୟବହାର" ଏବଂ ଏହାର ଭାବମୂର୍ତ୍ତି ନଷ୍ଟ କରିବାର ଅଭିଯୋଗ କରି ପୋଷ୍ଟ କରିଥିଲେ।

## ହର୍ମୁଜରେ ଭାରତୀୟ ଜାହାଜ ଆକ୍ରମଣ ଘଟଣା

## ଆରବ ସାଗରରେ ଆଲର୍ଟ ହେଲା ଆଇଏଏସ ବିକ୍ରାନ୍ତ

ନୂଆଦିଲ୍ଲୀ, ୨୦।୪: ହର୍ମୁଜରେ ୨ ଭାରତୀୟ ଜାହାଜ ଉପରେ ଗୁଳିମାଡ ଘଟଣା ପରେ ଭାରତୀୟ ନୌସେନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି। ଭାରତୀୟ ନୌସେନା ପାରସ୍ୟ ଉପସାଗରରେ ଭାରତୀୟ ପତାକା ଥିବା ଜାହାଜ ପାଇଁ ନୂଆ ଆଡଭାଇଜରୀ ଜାରି କରିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତୀୟ ନୌସେନା ହର୍ମୁଜ ପାର କରିବା ପାଇଁ ଅପେକ୍ଷା କରୁଥିବା ସବୁ ଭାରତୀୟ ଜାହାଜର ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଏପର୍ଯ୍ୟନ୍ତ ୧୧ ଭାରତୀୟ ଜାହାଜ ହର୍ମୁଜ ପାର କରିସାରିଛି। ସଦ୍ୟତମ ଜାହାଜ ଭାବରେ 'ଦେଶ ଗାରିମା' ହର୍ମୁଜ ପାର କରିଛି। 'ହର୍ମୁଜ' ପାର କରିବା ପରେ 'ଦେଶ ଗାରିମା'କୁ ଆରବ ସାଗରରେ ଭାରତୀୟ ନୌସେନା ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଉଛି। ଏହା ୨୨ ଏପ୍ରିଲରେ ମୁମ୍ବାଇ ତଟରେ ଲଙ୍ଗର ପକାଇବା ଆଶା କରାଯାଉଛି। ସଦ୍ୟତମ ତଥ୍ୟ ଅନୁଯାୟୀ, ଆଇଏନଏସ ବିକ୍ରାନ୍ତକୁ ଭାରତ ଆରବ ସାଗରରେ ଆଲର୍ଟ କରିଛି। ପ୍ରମୁଖ ସାମୁଦ୍ରିକ କରିଡରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଏକ ରଣନୈତିକ ନିୟୋଜିତର ଅଂଶ ଭାବରେ ଆରବ ସାଗରରେ ଏହାକୁ ସକ୍ରିୟ କରାଯାଇଥିବା ବେଳେ ହର୍ମୁଜ୍ ପ୍ରଣାଳୀରେ ବଢ଼ୁଥିବା ଉତ୍ତେଜନା ଏବଂ ଜାହାଜ ଚଳାଚଳ ପ୍ରତି ବିପଦକୁ ପ୍ରତିହତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି।

ଲାରକ ଦ୍ୱୀପ ହର୍ମୁଜର ସବୁଠାରୁ ସଙ୍କୀର୍ଣ୍ଣ ବିନ୍ଦୁରେ ରହିଛି ଓ ଇରାନର ତୈଳ ଇନଫ୍ରାଷ୍ଟ୍ରକଚରର ଏକ ବଡ଼ ଅଂଶ ଏଠାରେ ରହିଛି। ଇରାନର କ୍ଷେତ୍ର ପାଇଁ ଏହି ଦ୍ୱୀପ ଖୁବ୍ ଗୁରୁତ୍ୱପୂର୍ଣ୍ଣ, ତେଣୁ ଏହାର ଆଖାପାଖରେ ଥିବା ଜଳକ୍ଷେତ୍ରକୁ କଡା ସୁରକ୍ଷା ଭିତରେ ରଖାଯାଇଥାଏ। ହର୍ମୁଜ ବାଟ ଦେଇ ଯାଉଥିବା ଜାହାଜ ଉପରେ ବଙ୍କର ଓ ରାଡାର ସିଷ୍ଟମର ନେଟଓ୍ୱର୍କ ମାଧ୍ୟମରେ କଡା ନଜର ରଖାଯାଏ। ଲାରକ ଦ୍ୱୀପ ହର୍ମୁଜରେ ରହିଛି, ଯାହାକି ଇରାନ-ଆମେରିକା ସଂଘର୍ଷ ପୂର୍ବରୁ ବିଶ୍ୱ ତୈଳର ପ୍ରାୟ



୨୦% ପରିବହନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଥିଲା।

ରିପୋର୍ଟ ଅନୁସାରେ, ସେଠାରେ ବହୁ ଇରାନୀ ଆଡ୍ଡା ମଧ୍ୟ ପରିଚାଳିତ ହେଉଛି। ଯାହାକି ଛୋଟ ଓ ଦ୍ରୁତ ଗତିର ଜାହାଜକୁ ଟାର୍ଗେଟ କରିବା ପାଇଁ ସକ୍ଷମ। ବର୍ତ୍ତମାନ ୧୪ ଭାରତୀୟ ଜାହାଜ ପାର୍ସିଆନ୍ ଉପସାଗରରେ ରହିଛି ଓ ହର୍ମୁଜ ପାର କରିବାର ଅପେକ୍ଷା କରୁଛି। ଭାରତୀୟ ସେନା ଏହି ଜାହାଜ ସହିତ ଲଗାତାର ଯୋଗାଯୋଗରେ ରହିଛି ଓ ତାଙ୍କୁ ଅନୁମତି ମିଳିବା ପରେ ଆଗକୁ ବଢ଼ିବାକୁ ପରାମର୍ଶ ଦିଆଯାଇଛି। ପାର୍ସିଆନ ଉପସାଗର ନିକଟରେ ଭାରତୀୟ ନୌସେନାର ୭ ଜାହାଜ ମୁତୟନ ରହିଛି ଓ ହର୍ମୁଜ ପାର କରିବା ପରେ ଭାରତୀୟ ଜାହାଜକୁ ସୁରକ୍ଷା ଦିଆଯିବ।

## ଜାପାନରେ ଶକ୍ତିଶାଳୀ ଭୂମିକମ୍ପ ସୁନାମୀ ଚେତାବନୀ

ଟୋକିଓ, ୨୦।୪: ଜାପାନରେ ସୋମବାର ସକାଳେ ଆସିଛି ଭୟଙ୍କର ଭୂମିକମ୍ପ। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୪ ରହିଛି। ଏହାପରେ ଜାପାନର ପାଣିପାଗ ବିଭାଗ (ଜେଏମ୍ଏ) ପକ୍ଷରୁ ସୁନାମୀ ଚେତାବନୀ ଜାରି କରାଯାଇଛି। ଏଥିପାଇଁ ଉପକୂଳବର୍ତ୍ତୀ ଅଞ୍ଚଳ ନିକଟରେ ରହୁଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଅପିଲ କରାଯାଇଛି। ଏଭଳି ପ୍ରାକୃତିକ ବିପତ୍ତିକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠିତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭୂମିକମ୍ପ ଜାପାନର ଉତ୍ତର ଭାଗରେ ଘଟିଥିବା ଜେଏମ୍ଏ ଜଣାଇଛି। ଏହାର ପ୍ରଭାବ ଦ୍ୱାରା ସୁନାମୀ ଆସିପାରେ, ଯାହା ଫଳରେ ସମୁଦ୍ର ଜୁଆର ୧୦ ଫୁଟ ଉଚ୍ଚତାକୁ ଉଠିବାର ଆଶଙ୍କା କରାଯାଇଛି। ସ୍ଥାନୀୟ ସମୟାନୁସାରେ ସନ୍ଧ୍ୟା ୪ଟା ୫୩ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା। ଉତ୍ତର ଇୱାଟେ ପ୍ରଦେଶର ପ୍ରଶାନ୍ତ ମହାସାଗର ଥିବା ଅଞ୍ଚଳରେ ଏହି ଭୂକମ୍ପ ଆସିଥିବା ବେଳେ



ଏହାର ପ୍ରଭାବ ବହୁତ ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳିଛି। ଏହାର ଝଟକା ଏତେ ଜୋରଦାର ଥିଲା ଯେ, ଶତାଧିକ କିଲୋମିଟର ଦୂର ଟୋକିଓରେ ବଡ଼ ବଡ଼ ବିଲ୍ଡିଂ ଦୋହଲି ଯାଇଛି।

ଆଗକୁ ସୁନାମୀ ଲହରୀ ଖୁବ୍ ଶୀଘ୍ର ଉତ୍ତର ଉପକୂଳରେ ଅନୁଭୂତ ହେବ ବୋଲି ଜେଏମ୍ଏ ସୂଚନା ଦେଇଛି। ଉପକୂଳବର୍ତ୍ତୀ ଅଞ୍ଚଳ ଓ ନଦୀ କୂଳରେ ଥିବା ସ୍ଥାନକ ତୁରନ୍ତ ଖାଲି କରି ଉଚ୍ଚା ସ୍ଥାନକୁ ସୁରକ୍ଷିତ ଭାବରେ ଚାଲିଯିବାକୁ କୁହାଯାଇଛି। ପାଣିପାଗ ବିଭାଗ ଚେତାବନୀ ଦେଇଛି ଯେ, ସୁନାମୀ କାରଣରୁ ବଡ଼ ଧରଣର କ୍ଷତି ହୋଇପାରେ। ସରକାର ଭୂକମ୍ପ ଓ ସୁନାମୀର ମୁକାବିଲା ପାଇଁ ଏକ ଟିମ୍ ତିଆରି କରିଛନ୍ତି। ପ୍ରଧାନମନ୍ତ୍ରୀ ସନାଏ ତାକାଇଚି କହିଛନ୍ତି, ଯେଉଁ ଅଞ୍ଚଳରେ ଚେତାବନୀ ଜାରି କରାଯାଇଛି, ସେଠାରେ ରହୁଥିବା ଲୋକ ଦୟାକରି ଉଚ୍ଚା ସ୍ଥାନ ଓ ସୁରକ୍ଷିତ ଜାଗାକୁ ଚାଲି ଯାଆନ୍ତୁ। ସୁରକ୍ଷା ଦୃଷ୍ଟିରୁ ହାଚିନାହୋ ବନ୍ଦରରେ ଥିବା ଜାହାଜଗୁଡ଼ିକୁ ବାହାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଟୋକିଓ ଏବଂ ଓମିରି ଭିତରେ ଚାଲିଥିବା ବୁଲେଟ୍ ଟ୍ରେନ୍ ଚଳାଚଳକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଏହା ପୂର୍ବରୁ ୨୦୧୧ ରେ ଜାପାନରେ ୯.୦ ତୀବ୍ରତାରେ ଭୂକମ୍ପ ଆସିଥିଲା, ଯେଉଁଥିରେ ୧୮ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଭାରତ-ଆମେରିକା ୩ଦିନିଆ ବାଣିଜ୍ୟିକ ବୈଠକ

# ବଢ଼ିବ ଦୁଇ ଦେଶର ଆର୍ଥିକ ସମ୍ପର୍କ

ନୂଆଦିଲ୍ଲୀ, ୨୦।୪: ୱାଶିଂଟନରେ ଭାରତ ଏବଂ ଆମେରିକା ମଧ୍ୟରେ ସୋମବାରଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ବୈଠକ ଆରମ୍ଭ ହେବାକୁ ଯାଉଛି। ୨୦ ତାରିଖରୁ ଆରମ୍ଭ ହୋଇ ଏହି ବୈଠକ ୨୨ ପର୍ଯ୍ୟନ୍ତ ଚାଲିବ। ଏହି ୩ ଦିନିଆ ଆଲୋଚନାରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅକ୍ଟୋବର ୨୦୨୫ ପରେ ପ୍ରଥମଥର ପାଇଁ ଭାରତ ଓ ଆମେରିକା ମଧ୍ୟରେ ସାମ୍ନାସାମ୍ନି ଆଲୋଚନା ହେବାକୁ ଯାଉଛି। ଭାରତର ବାଣିଜ୍ୟ ବିଭାଗ ଯୁଗ୍ମ ସଚିବ ଦର୍ପଣ ଜୈନଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆମେରିକାରେ ପହଞ୍ଚିଛନ୍ତି। ବାଣିଜ୍ୟ, ସୀମା ଶୁଳ୍କ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ପ୍ରତିନିଧି ଦଳରେ ସାମିଲ ଅଛନ୍ତି।

ଫେବୃଆରୀ ମାସରେ ଶୁଳ୍କ ବିବାଦ ଯୋଗୁଁ ସ୍ଥଗିତ ରହିଥିବା ଆଲୋଚନା ଏବେ ଏକ ନୂଆ



ରୂପରେ ଆରମ୍ଭ ହେଉଛି । ନିକଟରେ ଆମେରିକା ସୁପ୍ରିମକୋର୍ଟ 'ଆନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଅଧିନିୟମ' ଅଧୀନରେ ଲାଗୁ ହୋଇଥିବା ଟ୍ୟାରିଫକୁ ରଦ୍ଦ କରିଦେଇଛନ୍ତି, ଯାହା ବ୍ୟାପାରିକ ସମୀକରଣ ବଦଳାଇ ଦେଇଛି। ୱାଶିଂଟନ ପକ୍ଷରୁ ଫେବୃଆରୀ ୨୪ରୁ ଜୁଲାଇ ୨୩ ପର୍ଯ୍ୟନ୍ତ ସମସ୍ତ ଦେଶ ପାଇଁ ୧୦% ଅସ୍ଥାୟୀ ଟ୍ୟାରିଫ ଲାଗୁ କରାଯାଇଛି । ପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୫୦% ରୁ ହ୍ରାସ ପାଇ ୧୮% ହେବାର ଥିଲା। ଏଥିରେ ରୁଷରୁ ତୈଳ କ୍ରୟ ପାଇଁ ଲାଗୁଥିବା ୨୫% ଜୋରିମାନା ହଟାଇବା ପ୍ରସ୍ତାବ ମଧ୍ୟ ଥିଲା, ଯାହା ଏବେ ସଙ୍କଟରେ। ଏ ପର୍ଯ୍ୟନ୍ତ ଚୁକ୍ତି ସ୍ୱାକ୍ଷର ହୋଇନଥିବାରୁ ଭାରତ ନିଜ ସର୍ତ୍ତଗୁଡ଼ିକ ଉପରେ ପୁନର୍ବିଚାର କରିବାର ସୁଯୋଗ ପାଇଛି।

ଏହି ଆଲୋଚନା ଏପରି ଏକ ସମୟରେ ହେଉଛି ଯେତେବେଳେ ଚୀନ, ଆମେରିକାକୁ ପଛରେ ପକାଇ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ସହଭାଗୀ ହୋଇପାରିଛି। ଆମେରିକା ସହ ଭାରତର ରପ୍ତାନି ମାତ୍ର ୦.୯୨% ବଢ଼ିଥିବା ବେଳେ ଆମଦାନୀ ୧୫.୯୫% ବୃଦ୍ଧି ପାଇଛି, ଯାହା ଫଳରେ ଭାରତର ଟ୍ରେଡ୍ ସରପ୍ଲସ୍ ହ୍ରାସ ପାଇଛି। ଏହି ତିନିଦିନିଆ ବୈଠକ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏବଂ ଦୁଇ ଦେଶର ଆର୍ଥିକ ସମ୍ପର୍କ ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ ହେବାକୁ ଯାଉଛି।

## ଆରକମ୍‌ରେ ସିବିଆଇର ବଡ଼ କାର୍ଯ୍ୟାନୁଷ୍ଠାନ, ୨ ବରିଷ୍ଠ ଅଧିକାରୀ ଗିରଫ

ନୂଆଦିଲ୍ଲୀ, ୨୦।୪: ସିବିଆଇ ଅନିଲ ଅମ୍ବାନୀଙ୍କ ମାଲିକାନାରେ ଥିବା କମ୍ପାନୀ ରିଲାଏନ୍ସ କମ୍ୟୁନିକେସନ୍ସ ଲିମିଟେଡ୍‌ର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ଗିରଫ କରିଛି। ଏମାନେ ହେଉଛନ୍ତି ଡି.ବିଶ୍ୱନାଥ ଓ ଅନିଲ କାଲ୍ୟା। ଅନିଲ ଅମ୍ବାନୀ, ତାଙ୍କର କମ୍ପାନୀ ରିଲାଏନ୍ସ କମ୍ୟୁନିକେସନ୍ସ ଓ କିଛି ଅଜଣା ଲୋକଙ୍କ ବିରୋଧରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅଭିଯୋଗରେ ସିବିଆଇ ଏହି କେସ୍ ରୁଜୁ କରିଛି। ବ୍ୟାଙ୍କ କହିବାନୁସାରେ, ସେ କମ୍ପାନୀକୁ ଅନେକ କ୍ରେଡିଟ୍ ଫାସିଲିଟି ଦେଇଥିଲା। କିନ୍ତୁ କମ୍ପାନୀ ଅସତ୍ ଉପାୟରେ ଏହାର ବ୍ୟବହାର କରିଥିଲା ଏବଂ ଏଥିରେ ଫ୍ରଡ୍ କରାଯାଇଥିଲା। ଏଥିଯୋଗୁଁ ବ୍ୟାଙ୍କକୁ ୨୯୨୯.୦୫ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏସବିଆଇର ଅଭିଯୋଗ ଅନୁସାରେ, ଫ୍ରଡ୍ ଯୋଗୁଁ ୧୭ ଟି ବ୍ୟାଙ୍କକୁ ମୋଟ ୧୯,୬୯୪.୩୩ କୋଟି ଟଙ୍କାର କ୍ଷତି ହୋଇଛି। ରିଲାଏନ୍ସ କମ୍ୟୁନିକେସନ୍ସରେ କାର୍ଯ୍ୟରତ ଅଧିକାରୀମାନେ ଅଲଗା ଅଲଗା ସେଲ୍ କମ୍ପାନୀ ତିଆରି କରିଥିଲେ। ବ୍ୟାଙ୍କରୁ ନିଆ ଯାଇଥିବା ଅର୍ଥରାଶିକୁ ଏହିସବୁ କମ୍ପାନୀ ଆକାଉଣ୍ଟରେ ଟ୍ରାନ୍ସଫର କରାଯାଇଥିଲା। ଏହି ଅର୍ଥ ରାଶି ସର୍ଭିସ ସହ ସମ୍ବନ୍ଧିତ ଫେକ୍ ନେଣଦେଣ ନାମରେ କରାଯାଇଛି। ଏହିପରି ବ୍ୟାଙ୍କ ଗୁଡ଼ିକରୁ ନିଆ ଯାଇଥିଲା ଅର୍ଥର ହେରଫେର ହୋଇଛି ଏବଂ ବଡ଼ କ୍ଷତି କରାଯାଇଛି। ସିବିଆଇର କହିବା ଅନୁସାରେ, ରିଲାଏନ୍ସ କମ୍ୟୁନିକେସନ୍ସର ବ୍ୟାଙ୍କିଂ ଅପରେସନ୍ସର ଜଏଣ୍ଟ ପ୍ରେସିଡେଣ୍ଟ ଭାବେ ଡି.ବିଶ୍ୱନାଥ କାର୍ଯ୍ୟ କରୁଛନ୍ତି।



## ପାଣିକୋଇଲି ଛକରେ ଖୋଲିଲା ଜଳଛତ୍ର



କୋରେଇ, ୨୦।୪ (ସଂଚାର ବ୍ୟୁର): କୋରେଇ ନିର୍ବାଚନ ମଣ୍ଡଳୀର ପାଣିକୋଇଲି ଛକ ଠାରେ କୋରେଇ ବିଜେପି ପକ୍ଷରୁ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଦ୍ୱାରା ଶୁଭ ଉଦଘାଟନ କରାଯାଇ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ର ଷ୍ମପ୍ରବାହରୁ ରାସ୍ତାରେ ଯାଉଥିବା ବାଟୋଇ ମାନଙ୍କର ଶୋଷ ମେଂଟାଇବା ପାଇଁ ଏହି ଜଳଛତ୍ର ଖୋଲାଯାଇଛି। ଏହି ଅବସରରେ ପଥଚାରୀମା ମାନଙ୍କୁ ଅଂଶୁଘାତରୁ ରକ୍ଷାପାଇବା ପାଇଁ ଘରୁ ବାହାରିଲେ ଚପଲ, ଛତା ଗାମୁଛା ପାଣି ବୋତଲ ନେଇ ଘରୁ ବାହାରିବାକୁ ପରାମର୍ଶ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ବିଜେପି ସଂଗଠନର କାର୍ଯ୍ୟକର୍ତା ମାନେ ପରିଚାଳନା କରୁଛନ୍ତି।

## ସୋଆ 'ଜାଗୋ' ପକ୍ଷରୁ ଜଳ ସେବା ଶିବିର




ଭୁବନେଶ୍ୱର, ୨୦।୪ (ସଂଚାର ବ୍ୟୁର): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଅନ୍ତର୍ଗତ 'ଜାଗୋ' କ୍ଲବ ପକ୍ଷରୁ ସୋମବାର ଜଳ ସେବା ଶିବିର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଯାଇଛି।

ଏହି ମହତ୍ କାର୍ଯ୍ୟ ଅବସରରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ ପ୍ରଫେସର ମଞ୍ଜୁଳା ଦାସ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପି.କେ ସାହୁ ଓ 'ଜାଗୋ' କ୍ଲବର ଆବାହକ ପ୍ରଫେସର ଅନୀତା ପଣ୍ଡା ଉପସ୍ଥିତ ରହି ପଥଚାରୀଙ୍କୁ ପାନୀୟ ଜଳ ଓ ପଣା ବଣ୍ଟନ କରିଥିଲେ।

ଏହି ଅବସରରେ ଆସୋସିଏଟ୍ ପ୍ରଫେସର ତନ୍ମୟ ପରିଡ଼ା, ଆସିଷ୍ଟାଂଟ ପ୍ରଫେସର ଅଭିଜିତ ଚୌଧୁରୀ, ଷ୍ଟୁଡେଂଟ କୋଅର୍ଡିନେଟର ଶ୍ରୀ ଶିବାନୀ ଶଙ୍କର ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ।

'ଜାଗୋ' କ୍ଲବ ପକ୍ଷରୁ ସୋଆର ବିଭିନ୍ନ କ୍ୟାମ୍ପସ ନିକଟବର୍ତୀ ବସ୍ତିଗୁଡ଼ିକର ଛୋଟ ଛୋଟ ପିଲାମାନଙ୍କୁ ପାଠ ପଢ଼ାଇବା ଭଳି ମହତ୍ କାର୍ଯ୍ୟ ଦୀର୍ଘ ବର୍ଷ ହେବ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳ ସେବା ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା।

## ଚଲାଣଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତରଫରୁ ଜଳସେବା ଶିବିର



ବୋରିଗୁମ୍ମା, ୨୦।୪ (ସଂଚାର ବ୍ୟୁରୋ): ପ୍ରତିବର୍ଷ ପରି ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚଲାଣଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ପାର୍ଶ୍ୱ ଠାରେ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ଓ ଇକୋ କ୍ଲବର ଛାତ୍ର ଛାତ୍ରୀ ମାନେ ଗ୍ରଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀ ଏବଂ ରାସ୍ତାରେ ଯାତାୟାତ କରୁଥିବା ବାଟୋଇ ମାନଙ୍କୁ ମିଠା ଦହି ସର୍ବତ ଓ ଚହ୍ଣା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଧ୍ୟ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା, ବୃକ୍ଷ ରୋପଣ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବାର୍ତ୍ତା ଫ୍ଲାଗ କାର୍ଡ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା | ତେବେ ୧୫୦୦ରୁ ଉର୍ଦ୍ଧ ବାଟୋଇଙ୍କୁ ଥଣ୍ଡା ପାନୀୟ ପ୍ରଦାନ କରାଯାଇଥିଲା।

## ଦୋଛକିରେ ସାମ୍ବାଦିକ ସଂଘର ଜଳଛତ୍ର




ପାରାଦୀପ, ୨୦।୪ (ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଲୋକେ ପଣି ପାଇଁ ଉହଳ ବିକଳ ହେବାରେ ଲାଗୁଛନ୍ତି | ବନ୍ଦର ନଗରୀ ପାରାଦୀପର ପ୍ରବେଶ ପଥ କୁହାଯାଉଥିବା ଦୋଛକିରେ ମଧ୍ୟାହ୍ନ ସମୟରେ ପାଣି ପାଇଁ ପଥଚାରୀ ମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ଇଉନିୟନ ଆଜି ପବିତ୍ର ଅକ୍ଷୟ ତୃତୀୟା ଠାରୁ ସେଠାରେ ଜଳଛତ୍ର ଆରମ୍ଭ କରିଛି | ମୁଖ୍ୟ ଅତିଥି ଭାବେ ଏନସି ମେରାଇନ କର୍ପୋରେସନର ପ୍ରତିଷ୍ଠାତା ଶ୍ରୀଯୁକ୍ତ ନକୁଳ ଚନ୍ଦ୍ର ବିଶ୍ୱାଳ ଆସି ଆଜି ଆନୁଷ୍ଠାନିକ ଭାବେ ଏହି ଜଳଛତ୍ରକୁ ଉଦ୍ଘାଟନ କରିଛନ୍ତି। ଇଉନିୟନର ସାଧାରଣ ସମ୍ପାଦକ ସାମ୍ବାଦିକ ସୁବ୍ରତ କୁମାର ନାୟକ , ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ସ୍ୱାଇଁ , ବିଶ୍ୱ ରଞ୍ଜନ ବିଶ୍ୱାଳ , ଗୋବିନ୍ଦ ଚନ୍ଦ୍ର ନାଥ ଆଦି ସଦସ୍ୟଙ୍କ ପ୍ରତେକ୍ଷ ତତ୍ୱାବଧାନରେ ଏହି ଜଳଛତ୍ର ପରିଚାଳିତ ହେଉଥିବା ବେଳେ ଏହା ଖରା ଦିନ ପର୍ଯ୍ୟନ୍ତ ଚାଲିବ ଓ ପ୍ରତେକ ଦିନ ଦହି ପାଣି ମାଗଣାରେ ବଣ୍ଟନ କରାଯିବ ବୋଲି ଜଣାପଡିଛି | ଗତବର୍ଷ ମଧ୍ୟ ସମାନ ସ୍ଥାନରେ ସମାନ ଢଙ୍ଗରେ ଏହି ଜଳଛତ୍ର ସମାପନ ହୋଇଥିଲା।

## ସୁନ୍ଦରଗଡରେ ଇନ୍ଧନ ସଙ୍କଟ ଗଭୀର

# ପମ୍ପ ସମ୍ମୁଖରେ ଲମ୍ବା ଲାଇନ୍

ସୁନ୍ଦରଗଡ, ୨୦।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ ସହରରେ ଗ୍ୟାସ୍ ସମସ୍ୟା ପରେ ଏବେ ଦେଖାଦେଇଛି ଆଉ ଗୋଟିଏ ଗମ୍ଭୀର ସମସ୍ୟା। ସହରରେ ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲର ଘୋର ଅଭାବ ଦେଖାଦେଇଛି। ଅବସ୍ଥା ଦିନକୁ ଦିନ ଗଭୀର ହେଉଥିବାବେଳେ ଜନସାଧାରଣ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବୃଦ୍ଧି ପାଉଛି।

ସୁନ୍ଦରଗଡ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଏବେ 'ନୋ ପେଟ୍ରୋଲ, ନୋ ଡିଜେଲ'ର ବୋର୍ଡ ଲାଗିଥିବା ଦୃଶ୍ୟ ସାଧାରଣ ଘଟଣା ଭଳିଆ ଲାଗୁଛି। ସହରର ଟିଡ଼ିସିସି ପେଟ୍ରୋଲ ପମ୍ପ ସମ୍ମୁଖରେ ଦେଖିବାକୁ ମିଳୁଛି ଲୋକମାନଙ୍କର ଲମ୍ବା ଲାଇନ୍। କିଏ ବାଇକ୍ ନେଇ ତ କିଏ ଚାରିଚକିଆ ଗାଡ଼ି ସହ ଘଣ୍ଟା ଘଣ୍ଟା ଧରି



ଗ୍ୟାସ ପରେ ପେଟ୍ରୋଲ, ଡିଜେଲ ଅଭାବ

ଜନଜୀବନ ଅସ୍ତବ୍ୟସ୍ତ

ଲାଇନରେ ରହି ଅପେକ୍ଷା କରୁଛନ୍ତି। ଅନେକ ପମ୍ପରେ ତେଲ ସମ୍ପୂର୍ଣ୍ଣ ଶେଷ ହୋଇଯାଇଥିବାରୁ ପମ୍ପଗୁଡ଼ିକ ବନ୍ଦ ରହିଛି। ଯେଉଁଠି କେବେ କେମିତି ତେଲ ଆସୁଛି, ସେଠି ମଧ୍ୟ ଏକ ଦିନ କିମ୍ବା ଦୁଇ ଦିନ ମଧ୍ୟରେ ସମସ୍ତ ପେଟ୍ରୋଲ ଡିଜେଲ ଶେଷ ହୋଇଯାଉଛି, ଫଳରେ ପୁଣି ସେହି ପରିସ୍ଥିତି ଫେରିଆସୁଛି।

ଏହି ଇନ୍ଧନ ସଙ୍କଟର ପ୍ରଭାବ ସହରର ସାଧାରଣ ଜୀବନରେ ସିଧାସଳଖ ଭାବେ ପ୍ରଭାବ ପଡୁଛି। ନିତ୍ୟଦିନ କାମକୁ ଯିବାରେ ଅସୁବିଧା, ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା, ଏପର୍ଯ୍ୟନ୍ତ ଜରୁରୀ ସେବାମାନେ ମଧ୍ୟ ପ୍ରଭାବିତ ହେଉଥିବାର ପରିଲକ୍ଷିତ ହୋଇଛି। ଲୋକେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡା ହେଉଛନ୍ତି, ତଥାପି ପେଟ୍ରୋଲ ମିଳୁନାହିଁ। ବହୁତ ଅସୁବିଧା ହେଉଛି, କିଛି ଲୋକଙ୍କ ଦିନକର କାମରେ ଯାଇପାରୁ ନାହାନ୍ତି।

ଏହି ପରିସ୍ଥିତିକୁ ନେଇ ସ୍ଥାନୀୟ ଲୋକମାନେ ଜିଲ୍ଲା ପ୍ରଶାସନଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରୁଛନ୍ତି। ଯଦି ଶୀଘ୍ର ସମାଧାନ ନ ହୋଇ, ତେବେ ଆଗାମୀ ଦିନରେ ସ୍ଥିତି ଆଉ ଅଧିକ ଗମ୍ଭୀର ହେବାର ସମ୍ଭାବନା ରହିଛି।

# ଅସ୍ତରଙ୍ଗ ମୁଖ୍ୟବଜାରରେ ପାନୀୟ ଜଳ ସମସ୍ୟା

## ତୃଷା ମେଣ୍ଟାଇବା ପାଇଁ ବୋତଲ ପାଣି ଏକମାତ୍ର ଭରସା



କାକଟପୁର/ଅସ୍ତରଙ୍ଗ, ୨୦।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ବାଣିଜ୍ୟକ ପେଣ୍ଠସ୍ଥଳ ହୋଇଥିବା ବେଳେ ବିଭିନ୍ନ ସମୟରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଗ୍ରାହକ ଓ ଦୂରଦୁରାନ୍ତରୁ ବସ ମାଧ୍ୟମରେ ଆସି ଓହ୍ଲାଇଲେ ପାନୀୟ ଜଳ ମୁନ୍ଦାଏ ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଏହି ବଜାରରେ ଅନେକ ଲୋକ ଚଳପ୍ରଚଳ କରୁଥିଲେ ମଧ୍ୟ ସାଧାରଣତଃ ପାନୀୟ ଜଳସୁବିଧା ନାହିଁ।

ଅନ୍ୟପଟେ ବସ ଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ଦୋକାନ ନିକଟରେ କିମ୍ବା ଦୋକାନ ସାମ୍ନାରେ ବସୁଛନ୍ତି। ବ୍ଲକଛକ, ନୂତନ ଥାନାଛକ, ଲକ୍ଷ୍ମୀବଜାର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ, ଅସ୍ଥାୟୀ ବସଷ୍ଟାଣ୍ଡ, ଏମିତିକି ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ କୌଣସି ପାନୀୟ ଜଳସୁବିଧା ନାହିଁ। ପାନୀୟ ଜଳ ସମସ୍ୟା ଲାଗିରହୁଥିବା ବେଳେ ବ୍ୟବସାୟୀ କିମ୍ବା କୌଣସି ବ୍ୟକ୍ତିଙ୍କୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟସ୍ଥ ଦୋକାନରୁ ପାଣି ବୋତଲ କିଣୁଛନ୍ତି କିମ୍ବା କୌଣସି ଜଳଖିଆ ଦୋକାନ, ହୋଟେଲ ପାଣି ମାଗିକି ପିଉଛନ୍ତି।

ବର୍ଷ ବର୍ଷ ଧରି ଏଠାରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁନଥିବାରୁ ବ୍ୟବସାୟୀ ଓ ଦୂରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ ଅଭିଯୋଗ କରିଛନ୍ତି। ବଜାରରେ ଖରାଦିନେ ଲୋକଙ୍କ ସୁବିଧା ପାଇଁ ଜଳଛତ୍ର ଖୋଲାଯାଉଛି କିନ୍ତୁ ଅନ୍ୟଦିନେ ଲୋକେ ପାନୀୟ ଜଳ ସମ୍ମୁଖୀନ ଅସ୍ତରଙ୍ଗ ବଜାରରେ ହେଉଛନ୍ତି। ଏ ପଟେ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ କହିଛନ୍ତି ଖୁବ ଶୀଘ୍ର ଏକ ସପ୍ତାହ ମଧ୍ୟରେ ବଜାରର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହେବ। ଦେଖିବାକୁ ଅପେକ୍ଷା କେବେ ଲୋକଙ୍କ ସୁବିଧା ପାଇଁ ପାନୀୟ ଜଳ ଯୋଗାଇ ଦିଆଯାଉଛି।

## ସୋଆ କୃଷି ମହାବିଦ୍ୟାଳୟ ପକ୍ଷରୁ ଅକ୍ଷୟ ତୃତୀୟା ଉତ୍ସବ ପାଳିତ



ଭୁବନେଶ୍ୱର, ୨୦।୪ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଓଡ଼ିଶାର କୃଷିଭିତିକ ପର୍ବ ପବିତ୍ର 'ଅକ୍ଷୟ ତୃତୀୟା' ପାଳିତ ହୋଇଯାଇଛି। ନୂଆଗାଁ ସ୍ଥିତ ସୋଆ ଅନ୍ତର୍ଗତ ଆଇଏନଏସ ଫାର୍ମ ଓ ବିଂଝଗିରି ସ୍ଥିତ ଏଆରଏସ ଫାର୍ମରେ ପର୍ଯ୍ୟାୟ କ୍ରମେ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, କୃଷି ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲଚର ରିସର୍ଚ୍ଚ କୋଅର୍ଡିନେଟର ପ୍ରଫେସର ଜେ.ଏମ.ଏଲ ଗୁଲାଟି, କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବାସୁଦେବ ବେହେରା, ପରୀକ୍ଷା ସଂଯୋଜକ ପ୍ରଫେସର ରବୀନ୍ଦ୍ର ପାଇକରାୟ, ଫୁଲଚାଷ ଓ ସୌନ୍ଦର୍ଯ୍ୟକରଣ ବିଭାଗର ମୁଖ୍ୟ ପ୍ରଫେସର ଶଶିକଳା ବେଉରା, ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ପ୍ରାଧ୍ୟାପିକା ଡକ୍ଟର ନନ୍ଦିତା ଜେନା ପ୍ରମୁଖ ଯୋଗ ଦେଇ ପାରଂପରିକ ରୀତିନୀତି ଅନୁସାରେ ଅକ୍ଷି ମୁଠି ଅନୁକୂଳ କରିଥିଲେ। ଉତ୍ସବରେ କୃଷି ମହାବିଦ୍ୟାଳୟର ସମସ୍ତ ରିସର୍ଚ୍ଚ ସ୍କଲାର, ଫାର୍ମ କର୍ମଚାରୀ ଓ ବିଂଝଗିରିର ସ୍ଥାନୀୟ କୃଷକମାନେ ଯୋଗ ଦେଇଥିଲେ।

## ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ବେତନଟୀ, ୨୦।୪ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକର ବିଭିନ୍ନ ଶିକ୍ଷକ ସଂଘ ମାନଙ୍କୁ ନେଇ ଜନଗଣନା କାର୍ଯ୍ୟ ସଂପର୍କରେ ଏକ ଦାବିପତ୍ର ବେତନଟୀ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ମଧ୍ୟରେ ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶା କର୍ମଚାରୀ ମାନଙ୍କୁ ସାମିଲ କରିବା ଓ ସାଧାରଣ ଲୋକଙ୍କ ମଧ୍ୟରେ ଜନଗଣନା କାର୍ଯ୍ୟକ୍ରମ ସଂପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟକ୍ରମରେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ଓପଟାର ରାଜ୍ୟ ଉପସଭାପତି ଭବେଶ ଚନ୍ଦ୍ର ପାଣିଗ୍ରାହୀ, ପିଷ୍ଟା ସଂଘର ଜିଲ୍ଲା ସଭାପତି ଶରତ କୁମାର ମହାନ୍ତ ଉପସ୍ଥିତ ଥିଲେ।

# ପୋଖରୀ ପୋତିବାକୁ ନେଇ ବଢୁଛି ଅସନ୍ତୋଷ

## ଖବର ପ୍ରସାରଣ ପରେ ବି କାହିଁକି ନିଦାବିଷ୍ଟ ବ୍ଲକ୍ କର୍ତ୍ତୃପକ୍ଷ



ଆନନ୍ଦପୁର, ୨୦।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ପୁରୁଣା ବାନ୍ଧଗୋଡ଼ା ପଞ୍ଚାୟତର ତିଗିରିଆ ଗ୍ରାମରେ ଘଟିଥିବା ଏକ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଅସନ୍ତୋଷର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ଗ୍ରାମର ଦେହୁରୀ ଗାଡ଼ିଆ ପୋଖରୀକୁ ହଠାତ୍ ପୋତି ଦେବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦେହୁରୀ ଗାଡ଼ିଆ ପୋଖରୀ ଦୀର୍ଘ ବର୍ଷ ଧରି ଗ୍ରାମର ପାଣି ଆବଶ୍ୟକତା ପୂରଣ କରୁଥିଲା। ଚାଷ, ଦୈନିକ ବ୍ୟବହାର ଓ ପଶୁପାଳନ ପାଇଁ ଏହା ଥିଲା ଏକ ମୁଖ୍ୟ ଜଳ ସ୍ରୋତ। କିନ୍ତୁ ଅଚାନକ ଭାବେ କିଛି ଲୋକଙ୍କ ଦ୍ୱାରା ଏହି ପୋଖରୀକୁ ପୋତି ଦିଆଯାଇଥିବା ଅଭିଯୋଗ ଆସୁଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନୀରବତା ଏବେ ଅନେକ ପ୍ରଶ୍ନ ଉଠାଉଛି।

ଏତେ ବଡ଼ ଘଟଣା ପରେ ମଧ୍ୟ କାହିଁକି କୌଣସି ସ୍ପଷ୍ଟ ପଦକ୍ଷେପ ଦେଖାଯାଉନାହିଁ? ଖବର ପ୍ରସାରଣ ପରେ ମଧ୍ୟ ବ୍ଲକ୍ ପ୍ରଶାସନ ନିଦାବିଷ୍ଟ ଭଳି ଚୁପ୍ ରହିବା ସହଜରେ ହଜମ ହେଉନାହିଁ ବୋଲି କହୁଛନ୍ତି ଗ୍ରାମବାସୀ। ସମସ୍ତ ଘଟଣା ପଛରେ କୌଣସି ଅର୍ଥ ଲେନଦେନ ହୋଇଥିବା ସନ୍ଦେହ ମଧ୍ୟ ଉଠୁଛି। ଯଦି ଏହା ସତ୍ୟ, ତେବେ ଏହା କେବଳ ଏକ ପୋଖରୀ ପୋତିବା ଘଟଣା ନୁହେଁ, ବରଂ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ଗଭୀର ପ୍ରଶ୍ନଚିହ୍ନ।

ଏହାଫଳରେ ଚାଷ ଉପରେ ପ୍ରଭାବ ପଡ଼ିବା, ପଶୁପାଳନରେ ସମସ୍ୟା ସୃଷ୍ଟି ହେବା ସହ ଭବିଷ୍ୟତରେ ପାଣି ସଙ୍କଟ ମଧ୍ୟ ଦେଖାଦେଇପାରେ। ଏହି ଘଟଣାକୁ ନେଇ ଗ୍ରାମବାସୀ ଏବେ ସ୍ପଷ୍ଟ ଦାବି ରଖିଛନ୍ତି, ତୁରନ୍ତ ନିଷ୍ପକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପୋଖରୀକୁ ପୁନରୁଦ୍ଧାର କରାଯାଉ। ତେବେ ଦେଖିବାକୁ ବାକି ରହିଲା ଉକ୍ତ ଘଟଣା ପ୍ରତି କେତେ ଶୀଘ୍ର ଘଷିପୁରା ବ୍ଲକ୍ ଅଧିକାରୀ ଦୃଷ୍ଟି ଦେଉଛନ୍ତି।

# ଗଞ୍ଜାମରେ ସ୍କୁଲ ଛୁଟି ଘୋଷଣା

## ଛୁଟି ସମୟରେ ଶିକ୍ଷକ-କର୍ମଚାରୀ ଉପସ୍ଥିତ ରହିବେ

ଛତ୍ରପୁର, ୨୦।୪ (ସଂଚାର ବ୍ୟୁରୋ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ତିନି ଦିନିଆ ଅସ୍ଥାୟୀ ଛୁଟି ଘୋଷଣା କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ ଆଦେଶ ଅନୁସାରେ, ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ୨୧ ଏପ୍ରିଲ୍ ଠାରୁ ୨୩ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବନ୍ଦ ରହିବ। ଏହି ନିଷ୍ପତ୍ତି ଶିଶୁ ବାଟିକା (ପ୍ରି-ପ୍ରାଇମେରୀ) ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ଲାଗୁ ହେବ।

ତେବେ, ପୂର୍ବରୁ ନିର୍ଦ୍ଧାରିତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷାଗୁଡ଼ିକ ଓଏସପିଇଏ ଦ୍ୱାରା ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ଯଥାବତ୍ ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ପାନୀୟ ଜଳ, ଓଆରଏସ ଓ ପ୍ରଥମିକ ଚିକିତ୍ସା ସୁବିଧା ଯୋଗାଇବାକୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୟରେ ବିଦ୍ୟାଳୟର ଆଡମିଶନ୍, ପ୍ରଶାସନିକ କାର୍ଯ୍ୟ, ଜନଗଣନା ଦାୟିତ୍ୱ ଓ ଅନ୍ୟାନ୍ୟ ଜରୁରୀ କାମ ସାଧାରଣ ଭାବରେ ଚାଲୁ ରହିବ। ଶିକ୍ଷକ ଓ କର୍ମଚାରୀମାନେ ପୂର୍ବବତ୍ ଭାବରେ ବିଦ୍ୟାଳୟକୁ ଉପସ୍ଥିତ ହେବେ।

ଏହା ସହିତ, ବିଏସଇ, ସିଏଚଏସଇ, ସିବିଏସଇ ଓ ଆଇସିଏସଇ ପକ୍ଷରୁ ନିର୍ଦ୍ଧାରିତ ଅନ୍ୟାନ୍ୟ ପରୀକ୍ଷାମାନେ ମଧ୍ୟ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ମନେରଖି ଏହି ପଦକ୍ଷେପ ଗ୍ରହଣ କରିଛି।

# ଅକ୍ଷୟ ତୃତୀୟାରେ ଶ୍ରଦ୍ଧାପତିଙ୍କ ଘୋଷଯାତ୍ରା ପାଇଁ ରଥ କାଠ ଅନୁକୂଳ

## ଶନି ମହାଗ୍ରହଙ୍କ ମନ୍ଦିର ପାଇଁ ଭୂମିପୂଜନ

## ଗଣେଶ ମନ୍ଦିରର ଦଧିନଉତି ରତ୍ନମୁଦ ନୀତି ସମ୍ପନ୍ନ



ବାଲିଆପାଳ, ୨୦।୪ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ଖଗଡାପାଳ ଠାରେ ବିରାଜମାନ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ (ଶ୍ରଦ୍ଧାପତି) ଙ୍କର ଆଷାଢ଼ ମାସରେ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆଜି ଅକ୍ଷୟ ତୃତୀୟା ଅବସରରେ ରଥକାଠ ଅନୁକୂଳ ହୋଇଯାଇଛି। ପ୍ରଥମେ ମହାପ୍ରଭୁଙ୍କ ସକାଳ ଧୂପ, ସୂର୍ଯ୍ୟ ପୂଜା, ବରୁଣ ପୂଜା, ଦ୍ୱାରପାଳ ପୂଜା ତଥା ପାର୍ଶ୍ୱ ଦେବାଦେବୀ ପୂଜନ ପରେ ମହାପ୍ରଭୁ ଶ୍ରଦ୍ଧାପତିଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା।

ପରେ ଶନି ମହାଗ୍ରହଙ୍କ ମନ୍ଦିର ପାଇଁ ଶ୍ରଦ୍ଧାକ୍ଷେତ୍ର ପରିସରରେ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟ ସଞ୍ଜୟ କୁମାର ଦେଙ୍କ ଅନୁଦାନରେ ଶନି ମହାଗ୍ରହଙ୍କ ମନ୍ଦିର ନିର୍ମାଣ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ ସୂଚନା ଦେଇଛନ୍ତି। ପରେ ମନ୍ଦିର ପରିସରରେ ନିର୍ମାଣାଧୀନ ବିଘ୍ନରାଜ ଗଣେଶଙ୍କ ମନ୍ଦିରର ଦଧିନଉତି ରତ୍ନମୁଦ ନୀତି ସମ୍ପନ୍ନ ହୋଇଛି। ସମସ୍ତ ନୀତି ସମ୍ପନ୍ନ ହେବା ପରେ ସର୍ବସାଧାରଣ ଭକ୍ତଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଉଦ୍ୟମରେ ନିର୍ମିତ ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଶ୍ରଦ୍ଧାକ୍ଷେତ୍ର ପରିସରରେ ବିଗତ କିଛି ହେବ ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ଉଦ୍ୟମ ଜାରି ରଖିଛନ୍ତି।

ଶ୍ରଦ୍ଧାକ୍ଷେତ୍ର ପରିସରରେ ବାବା କାଶୀ ବିଶ୍ୱନାଥଙ୍କ ମନ୍ଦିର, ମା ବିମଳାଙ୍କ ମନ୍ଦର ତଥା ମା ମହାଲକ୍ଷ୍ମୀଙ୍କ ମନ୍ଦିର ରହିଥିଲା ବେଳେ ଏବେ ଅନ୍ୟ ଦେବଦେବୀଙ୍କ ମନ୍ଦିର ପାଇଁ ପରିଚାଳନା କମିଟି ଅଣ୍ଟା ଭିଡ଼ିଛି। ଆଜିର ଏହି ସମସ୍ତ ପୂଜା ନୀତି ଶ୍ରଦ୍ଧାପତିଙ୍କ ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ, ବଳଦେବ ପଣ୍ଡା ତଥା ସୋମନାଥ ପାଣିଗ୍ରାହୀ ପ୍ରମୁଖ କରିଥିଲେ।

## ଗୌତମଙ୍କ ଗଡ଼ରେ ରାଜନୈତିକ ଝଟକା

# ବିଜେଡିର ମିଶ୍ରଣ ପର୍ବ, ବିଜେପି ଶିବିରରେ ଚିନ୍ତା



ଯାଜପୁର ଟାଉନ, ୨୦।୪ (ସଂଚାର ବ୍ୟୁରୋ): ଯାଜପୁର ରାଜନୀତିରେ ଆଜି ଦଶରଥପୁର ବ୍ଲକ୍ ଅହିୟାସ ହେଲା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ଯେଉଁ ଅଞ୍ଚଳକୁ ଗୌତମଙ୍କ ଦୃଢ଼ ଗଡ଼ ବୋଲି ଧରାଯାଉଥିଲା, ସେହି ବ୍ଲକରେ ବିଜେପି ନେତା ଗୌତମ ରାୟ ବ୍ଲକ ଅଧ୍ୟକ୍ଷ ରହିଥିଲେ। ବିଜେଡି ଆୟୋଜିତ ମିଶ୍ରଣ ପର୍ବ ରାଜନୈତିକ ସମୀକରଣକୁ ନୂଆ ଦିଗ ଦେଇଛି। ଶତାଧିକ ବିଜେପି କର୍ମୀଙ୍କ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ଗଡ଼ରେ ବିଜେପି ସରକାର ଥାଇ ମଧ୍ୟ ଗୌତମଙ୍କ କୋଟେରି କିଛି ଜଣଙ୍କୁ ନେଇ ଚାଲୁଥିବାରୁ ଅସନ୍ତୁଷ୍ଟ ହୋଇ ବିଜେଡିରେ ଯୋଗ ଦେଇଛନ୍ତି ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ବିଜେପି ଓ ବର୍ତ୍ତମାନ ସରକାର ଉପରେ ତୀବ୍ର ଆକ୍ରମଣ କରି କହିଥିଲେ, "ଲୋକଙ୍କ ଆଶା ଭଙ୍ଗ ହେଉଛି, ଉନ୍ନତିର ଗତି ଠପ୍।" ସେ ବିଜେଡି ଶାସନକାଳରେ ଦଶରଥପୁରରେ ହୋଇଥିବା ରାସ୍ତା, ବନ୍ଧ, ଡାକ୍ତରଖାନା ଓ ବସ୍‌ଷ୍ଟାଣ୍ଡ ପରି ଲୋକାଭିମୁଖୀ କାମକୁ ସ୍ମରଣ କରାଇ ବର୍ତ୍ତମାନ ସ୍ଥିତି ଉପରେ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ମଞ୍ଚରେ ବିଧାୟିକା ସୁଜାତା ସାହୁ ମଲ୍ଲିକାପୁର ସହିତ ଅନେକ ପଞ୍ଚାୟତରୁ ଆସିଥିବା ଦୃଢ଼ ସଂଗଠକ ଓ କର୍ମୀଙ୍କୁ ସ୍ୱାଗତ କରିଥିଲେ। ରାମଚନ୍ଦ୍ର ମଲ୍ଲିକ, ଟିଟୁ ଜେନା ଓ ସିପିଆଇ ନେତା ଅଶୋକ ମହାନ୍ତିଙ୍କ ଯୋଗଦାନକୁ ବିଜେଡି ପାଇଁ ବଡ଼ ସାଫଲ୍ୟ ବୋଲି ଦେଖାଯାଉଛି। ମଲ୍ଲିକାପୁର, କସପା, ତରପଦା, ଛଣିଣା ଓ ଜୟନ୍ତରା ପଞ୍ଚାୟତରୁ ଆସିଥିବା ଶତାଧିକ କର୍ମୀଙ୍କ ଭିଡ଼ ଦେଖି ବିଜେଡି ଶିବିରରେ ଉତ୍ସାହ ବଢ଼ିଥିବାବେଳେ, ବିଜେପି ପକ୍ଷରେ ଏହା ଚିନ୍ତାର କାରଣ ହୋଇଛି।

ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି ଗୌତମଙ୍କ ଗଡ଼ରେ ଏପରି ଭାବରେ ବିଜେଡିର ପ୍ରବେଶ କେବଳ ଏକ ମିଶ୍ରଣ ପର୍ବ ନୁହେଁ, ଆଗାମୀ ନିର୍ବାଚନ ପାଇଁ ଏକ ସ୍ପଷ୍ଟ ସନ୍ଦେଶ।

## ସୁଦର୍ଶନ ଦାରୁପୀଠ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନେଇ ପୂଜାନୀତି ଆରମ୍ଭ



ବାଲିଅନ୍ତା, ୨୦।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଗଡକଣ୍ଟୁଣିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନେଇ ମନ୍ଦିର ପରିସର ଉତ୍ସବମୁଖର ହୋଇଉଠିଛି। ଏନେଇ ସ୍ୱତନ୍ତ୍ର ପୂଜାନୀତି ହୋମ ଯଜ୍ଞ ଏବଂ ଷୋଡଶ ଉପଚାର ପୂଜା ଚାଲିଛି । ଆସନ୍ତା ୨୪ ତାରିଖରେ ପୂର୍ଣ୍ଣାହୁତି ନୀତିକାନ୍ତି ଏବଂ ଶ୍ରୀ ଜୀଉମାନେ ମନ୍ଦିର ସିଂହାସନରେ ବିରାଜମାନ ହେବେ । ଏନେଇ ଆଜି କଳସ ଶୋଭାଯାତ୍ରା ନେଇ ଭକ୍ତମାନଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉତ୍କଣ୍ଠା ଦେଖାଦେଇଥିଲା। ମୋଟ ୪୮୦ ଜଣ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଜି ପୂର୍ବାହ୍ନରେ ମହିଳା ଓ ପୁରୁଷ ମାନେ ସଂକଳ୍ପ ରଖି ପାଣି ଉଠାଇଥିଲେ। କୁଆଖାଇ ନଦୀରୁ ଦାରୁପୀଠ ଯାଏ କଳସ ଶୋଭାଯାତ୍ରା ଲମ୍ବିଥିଲା।

## ତୃତୀୟ ଶ୍ରୀକ୍ଷେତ୍ରରେ ରଥ କାର୍ଯ୍ୟ ଅନୁକୂଳ

# ଅକ୍ଷୟ ତୃତୀୟାରେ ଅଖରେ ଚକ ଲାଗି ହେଲା

ନୀଳଗିରୀ, ୨୦।୪ (ସଂଚାର ବ୍ୟୁରୋ): ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥି ଅବସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣର ପ୍ରାରମ୍ଭିକ ଶୁଭ କାର୍ଯ୍ୟ ଚକରେ ଅଖ ଲାଗି କାର୍ଯ୍ୟକ୍ରମ ଅନୁକୂଳ ହୋଇଯାଇଛି। ଏହି ପବିତ୍ର ଦିନରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବାହ୍ନ ଦଶ ଘଟିକାରେ ପାରମ୍ପରିକ ରୀତି ନୀତି ବିଧି ବିଧାନ ଅନୁଯାୟୀ ପୁରୋହିତ ମହାପ୍ରଭୁଙ୍କ ଆଦି ସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କୁ ନେଇ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଠାକୁର ମାହାଲ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ରଥ ନିର୍ମାଣ କାର୍ଯ୍ୟ ପାଇଁ ଚକରେ ଅଖ ଲାଗି ଶୁଭ ଅନୁକୂଳ ହୋଇଯାଇଛି। ରଥ ନିର୍ମାଣରେ ବ୍ୟବହୃତ ସମସ୍ତ ଉପକରଣ ଗୁଡ଼ିକୁ ମୁଖ୍ୟ କାରିଗର ମହାରଣା କାର୍ତ୍ତିକ ଚନ୍ଦ୍ର ମହାରଣା ଏବଂମହାରଣାଙ୍କ ସହଯୋଗୀ



ପୂଜାର୍ଚ୍ଚନା କରିବା ସହ ସମସ୍ତ ବିଧି ମୁତାବକ କାର୍ଯ୍ୟ ସମ୍ପାଦନ କରିଥିଲେ।

ସେହିଭଳି ରଘୁନାଥ ଜୀଉଙ୍କ ରଥର ନିର୍ମାଣ କାର୍ଯ୍ୟ ପାଇଁ ଯଥା ବିଧି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପବିତ୍ର ଦିବସରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣ ଅନୁକୂଳ ପର୍ବରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆଦି ସେବକ, ପଣ୍ଡା, ପୁରୋହିତ, ଘଣ୍ଟୁଆ, ଶଙ୍ଖୁଆ, ଶ୍ରଦ୍ଧାଳୁ ଭକ୍ତ, ଜଗନ୍ନାଥପ୍ରେମୀ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ।

'କହୁଛି ଓଡ଼ିଶା' ପତ୍ରିକା ଓ ୱେବ୍ ପୋର୍ଟାଲ ଉନ୍ମୋଚନ ଉତ୍ସବରେ ରାଜ୍ୟପାଳ

# ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷା ପ୍ରତିଫଳିତ ହେଉ

ଭୁବନେଶ୍ୱର,୨୦।୪ (ସଂଚାର ବ୍ୟୁରୋ): ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଆଜି ସ୍ଥାନୀୟ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ 'ସୂଚନା ଓ ସଚେତନତା ଟ୍ରଷ୍ଟ' ପକ୍ଷରୁ 'କହୁଛି ଓଡ଼ିଶା' ପତ୍ରିକା ଓ ଏହାର ୱେବ୍ ପୋର୍ଟାଲ୍ ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହାଛଡ଼ା ଓଡ଼ିଆ ଭାଷାର ସଂରକ୍ଷଣ, ପ୍ରଚାର ଓ ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।




ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଭାଷା, ପରମ୍ପରା, ରୀତିନୀତି ଓ ଇତିହାସ ଏକ ଗୋଷ୍ଠୀର ପରିଚୟ ନିର୍ଦ୍ଧାରଣ କରେ। ଓଡ଼ିଆ ଭାରତର ପ୍ରାଚୀନତମ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଅନ୍ୟତମ। ରାଜ୍ୟର ପର୍ବପର୍ବାଣି, କଳାରୂପ, ସାହିତ୍ୟ, ଐତିହ୍ୟ ସ୍ଥଳ, ସାମୁଦ୍ରିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଭଗବାନ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଓଡ଼ିଶାର ସ୍ୱତନ୍ତ୍ର ଓ ସ୍ଥାୟୀ ପରିଚୟକୁ ପ୍ରତିଫଳିତ କରେ। ଏହି ଐତିହ୍ୟର ସଂରକ୍ଷଣ ପାଇଁ କେବଳ ପ୍ରଶଂସା ନୁହେଁ ବରଂ ସକ୍ରିୟ ପୋଷଣ ଆବଶ୍ୟକ। ଭାଷା ଓ ସଂସ୍କୃତି ଜୀବନ୍ତ ସମ୍ପଦ ଯାହା ନିଜର ପ୍ରାମାଣିକତା ବଜାୟ ରଖି ବିକଶିତ ହେବା ଉଚିତ୍ ବୋଲି ରାଜ୍ୟପାଳ ମତ ପ୍ରକାଶ କରିବା ସହିତ ନିଜ ଐତିହ୍ୟ ସହ ଦୃଢ଼ ସଂଯୋଗ ଏକ ଅର୍ଥପୂର୍ଣ୍ଣ ପରିଚୟବୋଧ ସୃଷ୍ଟି କରେ ବୋଲି କହିଥିଲେ।

'ସୂଚନା ଓ ସଚେତନତା ଟ୍ରଷ୍ଟ' ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ପ୍ରଥମ ସଂଖ୍ୟାର ଶୀର୍ଷକ 'ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର' ଓଡ଼ିଆ ପରିଚୟର ସ୍ୱରୂପକୁ ସଠିକ୍ ଭାବେ ପ୍ରତିଫଳିତ କରିଛି। ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଭାଷାର ବ୍ୟାପ୍ତି ଓ ପ୍ରାସଙ୍ଗିକତା ବୃଦ୍ଧି ପାଉଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ଅଧିକ ବ୍ୟବହାର ପାଇଁ ଆହ୍ୱାନ ଦେଇ ପ୍ରତି ପରିବାର ପିଲାମାନଙ୍କୁ ଗର୍ବର ସହ ଓଡ଼ିଆରେ କଥା କହିବା, ପଢ଼ିବା ଓ ଲେଖିବା ପାଇଁ ଉତ୍ସାହିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଭାଷାଗତ ପରିଚୟର ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ ବୋଲି ରାଜ୍ୟପାଳ କହିବା ସହ ଏହା ଅନ୍ୟ କୌଣସି ଭାଷା ବିରୋଧରେ ନୁହେଁ, ବରଂ ଓଡ଼ିଆ ଭାଷାର ସମୃଦ୍ଧ ପରିଚୟକୁ ସୁରକ୍ଷିତ ରଖିବାର ଉପାୟ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

ପଦ୍ମ ବିଭୂଷଣ ସୁଦର୍ଶନ ସାହୁ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। 'ସୂଚନା ଓ ସଚେତନତା ଟ୍ରଷ୍ଟ' ସଭାପତି ଅଶୋକ ଭଗତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଜିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଓ ଦମୟନ୍ତୀ ବେଶ୍ରା, ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀ ମଞ୍ଚାସୀନ ଥିଲେ।

# ଅନୁକୂଳ ହେଲା ରଥ ନିର୍ମାଣ କାମ

ପୁରୀ,୨୦।୪(ସଂଚାର ବ୍ୟୁରୋ): ପବିତ୍ର ଅକ୍ଷୟ ତୃତୀୟା ପାଇଁ ଚଳଚଞ୍ଚଳ ହୋଇଛି ଶ୍ରୀକ୍ଷେତ୍ର। ଆଜିଠୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଛି। ମଧ୍ୟାହ୍ନ ଧୂପ ଲାଗି ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ପୂଜାପଣ୍ଡା ସେବାୟତମାନେ ରଥଖଳାଠାରେ ପହଞ୍ଚି ସେଠାରେ ସୁନା କୁରାଢ଼ୀରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରିଥିଲେ। ସେହିପରି ଆଜିଠାରୁ ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ଚନ୍ଦନ ଯାତ୍ରା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଉପଶମ ପାଇବା ପାଇଁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଛନ୍ତି। ୨୧ ଦିନ ଧରି ଚାଲିବାକୁ ଥିବା ଏହି ବାହାର ଚାପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ପ୍ରତ୍ୟହ ମଧ୍ୟାହ୍ନରେ ଶ୍ରୀମନ୍ଦିରରୁ ବାହାରି ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୁଷ୍କରିଣୀ ନରେନ୍ଦ୍ର ଅଭିମୁଖେ ଯିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ହୋଇଥିବା ପୂର୍ବ ନୀତିନିର୍ଘଣ୍ଟ ଅନୁଯାୟୀ ନୀତିକାନ୍ତିରେ ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଭୋର ୩ଟା ୫୦ରେ ଦ୍ୱାର ଫିଟା ନୀତି ପରେ ମଙ୍ଗଳା ଆଳତୀ, ମଇଲମ, ଅବକାଶ ଓ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଏହାପରେ ନକ୍ଷତ୍ର ଓ ଜୟବିଜୟ ଦ୍ୱାର ବନ୍ଦାପନା ସରିବା ପରେ ବିମାନକୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ବିଜେ କରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ବାହାରିଥିଲେ। ସେହିପରି ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ତିନିବାଡ଼ର ପୂଜାପଣ୍ଡା ସେବାୟତମାନେ ବିରାଟ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସେଠାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଥିଲା। ଶ୍ରୀମନ୍ଦିର ଶ୍ରୋତ୍ରୀୟ ବ୍ରାହ୍ମଣ ଓ ରାଜପୁରୋହିତଙ୍କ ଦ୍ୱାରା ବନଯାଗ ବିଧିରେ ପୂଜାର୍ଚ୍ଚନା ସହ ବିଶ୍ୱକର୍ମା ମହାରଣାଙ୍କ ଶାଢ଼ୀ ବନ୍ଧା ନୀତି ପରେ ସୁନା କୁରାଢ଼ିରେ ରଥନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଥିଲା। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଓ ଏହି ଯାତ୍ରା ସୁରୁଖୁରୁରେ କିଭଳି ସମ୍ପାଦନ ହେବ ସେ ନେଇ ସମସ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



ପ୍ରକାଶ ପାଇଲା ଜେଇଇ (ମେନ୍) ସେସନ-୨ ରେଜଲ୍ଟ

# ୨୬ ପ୍ରାର୍ଥୀଙ୍କର ସ୍କୋର ୧୦୦ ପ୍ରତିଶତ

ନୂଆଦିଲ୍ଲୀ,୨୦।୪: ଆଜି ଜେଇଇ (ମେନ୍) ସେସନ-୨ ରେଜଲ୍ଟ ପ୍ରକାଶ ପାଇଛି। ଜେଇଇ ମେନ୍ ଦେଶର ସବୁଠାରୁ ବଡ଼ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ମଧ୍ୟରେ ଅନ୍ୟତମ। ସୋମବାର ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପରୀକ୍ଷା ଫଳ ଜାରି କରିଛି। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଅଫିସିଆଲ୍ ଜେଇଇ ମେନ୍ ୱେବସାଇଟ୍ ଓ ଏନଟିଏ ୱେବ୍‌ସାଇଟରୁ ସେମାନଙ୍କ ଫଳାଫଳ ଜାଣିପାରିବେ। ଜେଇଇ ମେନ୍ ୨୦୨୬ ସେସନ୍ ୨ ଫଳାଫଳରେ ଅନୁସାରେ, ଏଥର ୨୬ ଜଣ ପ୍ରାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି। ଜେଇଇ ମେନ୍ ୨୦୨୬ର ଏପ୍ରିଲ୍ ସେସନ ଗତ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ପାଖାପାଖି ୧୧.୨୩ ଲକ୍ଷ ପଞ୍ଜିକୃତ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଜେଇଇ ମେନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ୨.୫ ଲକ୍ଷ ପ୍ରାର୍ଥୀ ଆଇଆଇଟିରେ ପ୍ରବେଶ ପାଇଁ ଜେଇଇ ଆଡଭାନ୍ସଡ୍ ପ୍ରବେଶିକା ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପଞ୍ଜୀକରଣ ଆସନ୍ତା ୨୩ରୁ ଆରମ୍ଭ ହେବ ଓ ମେ' ୨ରେ ଏହା ଶେଷ ହେବ। ଜେଇଇ ଆଡଭାନ୍ସଡ୍ ୨୦୨୬ ପରୀକ୍ଷା ଆସନ୍ତା ମେ' ୧୭ରେ ହେବ।




# ଅକ୍ଷୀତୃତୀୟାରେ ୩୦% ବ୍ୟବସାୟ ହ୍ରାସ

## ଦରବୃଦ୍ଧି ହେତୁ ୯ କ୍ୟାରେଟ ଗହଣା ପ୍ରତି ଆକର୍ଷଣ



ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ): ସୁନା ଦର କମିବାର ନାଁ ଧରୁନି। ସେପଟେ ଅକ୍ଷୟ ତୃତୀୟାରେ ସୁନା, ରୁପା କିମ୍ବା ଧାତୁ ସାମଗ୍ରୀ କିଣିଲେ ଘରକୁ ସମୃଦ୍ଧି ଆସେ ବୋଲି ରହିଥିବା ବିଶ୍ୱାସ ପାଇଁ ଏହି ଦାମୀ ଧାତୁର ଦର ଉପରମୁହାଁ ହୋଇଥିବା ସତ୍ତ୍ୱେ ଆଜି ସୁନା ଦୋକାନରେ ଲାଗିଥିଲା ଭିଡ଼। କିନ୍ତୁ ଦର ବୃଦ୍ଧି ଯୋଗୁ ଚଳିତ ବର୍ଷ ସୁନା ବିକ୍ରି ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି। ସବୁଠୁ ବଡ଼ କଥା ହେଲା ଯେହେତୁ ୨୨ କ୍ୟାରେଟ ସୁନା ଦର ଅଧିକ ରହିଛି, ତେଣୁ ଗ୍ରାହକଙ୍କ ପକେଟକୁ ସୁହାଇବାକୁ ଦୋକାନୀମାନେ ୯ କ୍ୟାରେଟ ସୁନା ସାମଗ୍ରୀର ଆକର୍ଷଣୀୟ ଅଫର ଦେଇଥିଲେ।

ଆଜିର ଦିନରେ ୨୨ କ୍ୟାରେଟ ସୁନା ଦର ୧ ଲକ୍ଷ ୪୨ ହଜାର ଥିବା ବେଳେ ୯ କ୍ୟାରେଟ ସୁନା ଦର ଥିଲା ୫୮ ହଜାର। ତେଣୁ ବହୁ ସଂଖ୍ୟାର ଗ୍ରାହକ ୯ କ୍ୟାରେଟ ସୁନା ଅଳଙ୍କାର କଣିଥିଲେ, ଯାହା ସେମାନଙ୍କ ପକେଟକୁ ସୁହାଇଥିଲା। ସେପଟେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଲୋଭନୀୟ ଅଫର ବି ରଖିଥିଲେ। କିଏ ଗହଣା ମୂଲ୍ୟ ତ ଆଉ କିଏ ଗଢ଼ା ମଜୁରୀରେ ଛାଡ଼ କରି ଗ୍ରାହକଙ୍କ ଟାଣିବାକୁ ଚେଷ୍ଟା କରିଥିଲେ।

ଗତବର୍ଷ ଅକ୍ଷୟ ତୃତୀୟଠାରୁ ଚଳିତ ବର୍ଷ ସୁନା ଦର ପ୍ରାୟ ୬୦ ପ୍ରତିଶତ ବଢ଼ିଛି, ଯେଉଁଥିପାଇଁ ବହୁ ସଂଖ୍ୟାରେ ଗ୍ରାହକ ସୁନା କଣିବାକୁ ଆସିନାହାଁନ୍ତି। ସବୁଠୁ ବଡ଼ କଥା ହେଲା, ଯେଉଁମାନେ ୨୨ କ୍ୟାରେଟ ସୁନା ଅଳଙ୍କାର କିଣୁଥିଲେ ସେମାନେ କେବଳ ବିଧି ରକ୍ଷା ପାଇଁ ଅପେକ୍ଷାକୃତ ହାଲକା ଜିନିଷ କିଣୁଥିଲେ। ଯେଉଁଥିପାଇଁ ଗତବର୍ଷ ତୁଳନାରେ ଅକ୍ଷୟ ତୃତୀୟାରେ ସୁନା ବ୍ୟବସାୟ ବାଧାପ୍ରାପ୍ତ ହୋଇଛି। ଏବର୍ଷ ସାରା ଦେଶରେ ପ୍ରାୟ ୨୦ ହଜାର କୋଟି ଟଙ୍କାର ସୁନା ଓ ରୁପା ଅଳଙ୍କାର ବିକ୍ରି ହୋଇଥିବା ଜଣାପଡ଼ିଛି। ଗତବର୍ଷ ତୁଳନାରେ ଏହା ଯଥେଷ୍ଟ କମ୍ ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଆକଳନ କରାଯାଇଛି।

# ଢାବାରେ ଦେହ ବ୍ୟବସାୟ, ୫ ଗିରଫ; ବିପୁଳ ମଦ ଜବତ



ବରଗଡ଼, ୨୦।୪ (ସଂଚାର ବ୍ୟୁରୋ) : ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଧାଙ୍ଗେର ଆନ୍ଦ୍ରାଟିକ୍ରା ନିକଟ ଜୟ ଦୁର୍ଗା ଢାବାରେ ଦେହ ବ୍ୟବସାୟ ଚାଲିଥିବାବେଳେ ସୋମବାର ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ପୋଲିସ ଜଣେ ଦେହଜୀବୀଙ୍କୁ ଉଦ୍ଧାର କରିଥିବାବେଳେ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଢାବା ମାଲିକ, ତାଙ୍କ ସ୍ତ୍ରୀ ଏବଂ ୩ ଗ୍ରାହକ ଗିରଫ ହୋଇଛନ୍ତି। ଢାବାରୁ ବିପୁଳ ପରିମାଣରେ ମଦ, ନଗଦ ଟଙ୍କା, ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ ଆଦି ଜବତ ହୋଇଛି।

## ସାଇକେଲ୍‌କୁ ପିଟିଲା ବୁଲେଟ୍, ମହିଳା ମୃତ

ବାଲେଶ୍ୱର,୨୦।୪(ସଂଚାର ବ୍ୟୁରୋ): ବୁଲେଟ୍ ଧକ୍କାରେ ଜନୈକା ମହିଳାଙ୍କର ମୃତ୍ୟୁ ହୋଇଛି। ଏକ ସାଇକେଲ୍‌କୁ ବୁଲେଟ୍ ମୁହାଁମୁହିଁ ଭାବେ ଧକ୍କା ଦେବା ଫଳରେ ଏପରି ଅଘଟଣ ଘଟିଛି। ବାଲେଶ୍ୱର ଜିଲ୍ଲା ଔପଦା ଥାନା କମାରପାଳ ଗାଁର ମଞ୍ଜୁଲତା ଜେନା ବଜାରରୁ ଘରେ ଅଭିମୁଖେ ସାଇକେଲରେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଉପରସାହିରୁ ବୁଲେଟ ଧରି ଆସୁଥିବା ଚାଳକ ଜଣଙ୍କ ମଞ୍ଜୁଲତାଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରୁ ସାଇକେଲ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ସୋର ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଔପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ସାଇକେଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

● ଭୟଙ୍କର ଦୁର୍ଘଟଣା

## ବାଇକ୍ ଦୁର୍ଘଟଣା, ଗଛରେ ଲାଗିଗଲା ଖପୁରି



ମୋହନା,୨୦।୪(ସଂଚାର ବ୍ୟୁରୋ): ଆଜି ଏଠାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି, ଯେଉଁଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଭାରସାମ୍ୟ ହରାଇ ଯୁବକ ଜଣଙ୍କ ଚଳାଉଥିବା ବାଇକ୍‌ଟି ରାସ୍ତା କଡ଼ରେ ଥିବା ଏକ ଗଛ ସହ ପିଟି ହୋଇଯାଇଥିଲା। ତେବେ ସେତେବେଳେ ଉକ୍ତ ବାଇକ୍‌ର ବେଗ ଏତେ ଅଧିକ ଥିଲା ଯେ ଯୁବକ ଜଣଙ୍କର ଖପୁରୀ ଗଛରେ ଲାଗିରହିଥିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲାର ଅଡ଼ବା ଥାନା ଅନ୍ତର୍ଗତ ଡେକାପଙ୍କା ଗାଁ ନିକଟସ୍ଥ ବୁଲାଣି ରାସ୍ତାରେ। ପାଣିଗଣ୍ଡା ଗାଁର ଦୁଇ ଯୁବକ ମୋହନା ଆସୁଥିବା ସମୟରେ ସେମାନଙ୍କ ଗାଡ଼ି ଗଛରେ ପିଟି ହୋଇଯାଇଥିଲା। ମୃତ୍ୟୁବରଣ କରିଥିବା ଯୁବକଙ୍କ ନାମ ଶିବ ଦଣ୍ଡସେନା (୨୦)। ସେହିପରି ଏହି ଘଟଣାରେ ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ମୋହନ ମାଦଳା (୨୦)। ତାଙ୍କୁ ଗୁରୁତର ଅବସ୍ଥାରେ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ପହଞ୍ଚି ଅଡ଼ବା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ତଦନ୍ତ ଚଳାଇଛି।

## କୋର୍ଟରେ ମାରଣାସ୍ତ୍ର ଧରି ଗୋଡ଼ାଇଲେ ଯୁବକ



ବ୍ରହ୍ମପୁର,୨୦।୪(ସଂଚାର ବ୍ୟୁରୋ): ବ୍ରହ୍ମପୁର କୋର୍ଟରେ ଜଣେ ଯୁବକ ଆଜି ଆତଙ୍କରାଜ ଖେଳାଇଛନ୍ତି। ଯୁବକ ଜଣଙ୍କ ମାରଣାସ୍ତ୍ର ଧରି ଗୋଡ଼ାଉଥିବା ସମୟରେ ତାଙ୍କୁ ଆଇନଜୀବୀମାନେ କାବୁ କରିଛନ୍ତି। ପରେ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ବୈଦ୍ୟନାଥପୁର ପୁଲିସ୍ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ଉକ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏଥିସହ କେଉଁ କାରଣରୁ ସେ ଏପରି ମାରଣାସ୍ତ୍ର ଧରି ଆତଙ୍କ ଖେଳାଇଥିଲେ, ତା' ବି ଜଣାପଡ଼ିନାହିଁ।

# ମେ' ୧୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସାଲିଆସାହି ରାସ୍ତା


ସଂଯୋଗସ୍ଥଳରେ ଟି-ବ୍ରିଜ ସହ ହେବ ଗୋଲେଇ ଛକ

ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ): ଜୟଦେବ ବିହାରରୁ ଏକାମ୍ର କାନନ ପାର୍କ ଦେଇ ସିଆରପି ଛକକୁ ସଂଯୋଗ କରୁଥିବା ରାସ୍ତାକୁ ମିଳିବ ନୂଆ ଲୁକ୍। ଫ୍ଲାଏଓଭର ବ୍ରିଜ ସହ ଯୋଡ଼ିହେବ ସାଲିଆ ସାହି ଦେଇ ଯାଉଥିବା ନୂଆ ରାସ୍ତା। ଏପରି ଏକ ନୂତନ ଯୋଜନା କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏହି ସୂଚନା ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସାଲିଆ ସାହି ଦେଇ ଆସୁଥିବା ନୂଆ ପାରାଲାଲ୍ ରାସ୍ତାର କାମ ଚଳିତ ମାସ ଶେଷ ସୁଦ୍ଧା ସରିବ। ଏହାପରେ ମେ' ୧୫ ସୁଦ୍ଧା ଏହି ରାସ୍ତା କାର୍ଯ୍ୟକ୍ଷମ ହେବ। ଏହି ୯୦୦ ମିଟର ରାସ୍ତାଟି ଯେଉଁଠି ସଂଯୋଗ କରିବ, ସେଠାରେ ଏକ ଗୋଲେଇ ଛକ କରାଯିବ। ସେଥିପାଇଁ ଏହି ରାସ୍ତାର ଉଭୟ ପାଖକୁ ଏବେ ପ୍ରଶସ୍ତ କରାଯାଉଛି। ବିଦ୍ୟୁତ୍ ଖୁଣ୍ଟି ଉଠିବା ସହ ମୋ ବସଷ୍ଟାଣ୍ଡକୁ ଭାଙ୍ଗି ଦିଆଯାଇଛି। ଗୋଲେଇ ଛକ ହେଲେ ଟ୍ରାଫିକ୍ ସମସ୍ୟା ଉପୁଜିବ ନାହିଁ। ଏଥିସହ ଏହି ରାସ୍ତା ସଂଯୋଗ ହେବା ପରେ ନନ୍ଦନକାନନଠାରୁ କିଟ୍‌କୁ ଆଉ ଏକ ନୂଆ ରାସ୍ତା ରଘୁନାଥପୁର ଦେଇ ସଂଯୋଗ କରିବ ବୋଲି ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ବିଫଳ ପ୍ରେମିକର ଜଘନ୍ୟ କାଣ୍ଡ

# ନାବାଳିକାଙ୍କୁ ଉଠାଇନେଇ ଦୁଷ୍କର୍ମ




କଟକ,୨୦।୪(ସଂଚାର ବ୍ୟୁରୋ): ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ଭଟ୍ଟାରିକା ପଞ୍ଚାୟତ ଅଞ୍ଚଳରେ ଏପରି ଏକ ଜଘନ୍ୟ କାଣ୍ଡକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ପୀଡ଼ିତାଙ୍କ ଗାଁର ବିଶ୍ୱରଞ୍ଜନ ଚୌଧୁରୀ (୪୫)କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ଗତ ଶନିବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ଟ୍ୟୁସନ୍ ସାରି ଘରକୁ ଫେରୁଥିବା ସମୟରେ ସେଠାରେ ତାଙ୍କୁ ଏକୁଟିଆ ପାଇଁ ଅଭିଯୁକ୍ତ ଜୋରଜବରଦସ୍ତ ଟେକିନେଇ ଏକ ପରିତ୍ୟକ୍ତ ଘରେ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ଝିଅର ଫେରିବାରେ ବିଳମ୍ବ ହେବାରୁ ଖୋଜାଖୋଜି କରିଥିଲେ। ଶେଷରେ ସେମାନେ ରାସ୍ତା ଉପରେ ତାଙ୍କ ଟ୍ୟୁସନ୍ ବ୍ୟାଗ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ନିକଟସ୍ଥ ଏକ ଘର ପଛପଟେ ନାବାଳିକା ଜଣଙ୍କ ରକ୍ତାକ୍ତ ଓ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ଖୋଜି ଖୋଜି ନାବାଳିକାଙ୍କ ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ଅଭିଯୁକ୍ତ ନାବାଳିକାଙ୍କ ବାପା ଓ ମା'ଙ୍କୁ ମାଡ଼ ମାରି ସେଠାରୁ ଫେରାର୍ ହୋଇଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଜଘନ୍ୟ କାଣ୍ଡ ଘଟିଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ ପୁଲିସ୍‌ରେ ମାମଲା ରୁଜୁ ହେବା ପରେ ବଡ଼ମ୍ବା ଥାନାଧିକାରୀ ପରମାନନ୍ଦ ନାୟକ ସଦଳବଳ ଉକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ପରେ ପୋକ୍‌ସୋ ଟିମ୍ ଓ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ପୀଡ଼ିତାଙ୍କ ରକ୍ତଭିଜା ଚପଲ, କେଶ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରିଛନ୍ତି। ଏନେଇ ବଡ଼ମ୍ବା ଥାନାରେ ୧୪୫/୨୬ରେ ପୋକ୍‌ସୋ ଆକ୍ଟ ଅନୁସାରେ ମାମଲା ରୁଜୁ ହୋଇଛି। ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

ଶ୍ରମିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

## ଜଣେ ମୃତ, ୫ ଆହତ; ୬ ଅଟକ

କୋରାପୁଟ,୨୦।୪(ସଂଚାର ବ୍ୟୁରୋ): ଗତକାଲି ରାତିରେ କୋରାପୁଟରେ ଦୁଇ ଶ୍ରମିକ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ହେବା ଫଳରେ ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। କୋରାପୁଟ ସଦର ଥାନା ଅଧୀନସ୍ଥ ଜରଟି ନିକଟସ୍ଥ ରେଳବାଇ ଦୋହରୀକରଣ କ୍ୟାମ୍ପରେ ଏହି ଆକ୍ରମଣ-ପ୍ରତିଆକ୍ରମଣ ଘଟଣା ଘଟିଛି। ରବିବାର ରାତିରେ ବଙ୍ଗାଳୀ ଶ୍ରମିକ ଗୋଷ୍ଠୀ ଓ ବିହାରୀ ଶ୍ରମିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନିଶାସକ୍ତ ଅବସ୍ଥାରେ ପ୍ରଥମେ ଗାଳିଗୁଲଜରୁ ଆରମ୍ଭ ହୋଇଥିବା ଏହି କଳିଝଗଡ଼ା ପରେ ଆକ୍ରମଣ-ପ୍ରତିଆକ୍ରମଣର ରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ଲୁହା ରଡ଼ରେ ଆକ୍ରମଣ କରିବାରୁ ବିହାରୀ ଗୋଷ୍ଠୀର ୬ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଶ୍ରମିକ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାମ ମହମ୍ମଦ ଦୁଲାଲ ହୋଇଥିବା ବେଳେ ସେ ବିହାର କାଠିଆ ଜିଲ୍ଲାର ନିବାସୀ ବୋଲି ଜଣାପଡ଼ିଛି। କୋରାପୁଟ ସଦର ଥାନା ପୁଲିସ ବଙ୍ଗାଳୀ ଗୋଷ୍ଠୀର ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବ ବେଳେ ସଦର ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର

● ୪୦ ଡିଗ୍ରୀ ଉପରେ ୧୩ ସହର ତାପମାତ୍ରା



ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ): ଦିନକୁ ଦିନ ରାଜ୍ୟରେ ତାତିର ତାଉ ବଢୁଥିବା ବେଳେ ଆଜି ଝାରସୁଗୁଡ଼ାର ଲୋକମାନେ ଦହଗଞ୍ଜ ହୋଇଛନ୍ତି। କାରଣ ଏଠାରେ ଆଜି ରାଜ୍ୟର ସବୁଠାରୁ ଅଧିକ ଉତ୍ତାପ ରେକର୍ଡ କରାଯାଇଛି। ୪୩.୩ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏଥିସହ ରାଜ୍ୟର ୧୩ଟି ସହରର ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଉପରେ ରହିଛି। ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ କେତେକ ସ୍ଥାନରେ କାଳବୈଶାଖୀର ସମ୍ଭାବନା ରହିଛି। ଆସନ୍ତା ୩-୪ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇପାରେ। ୨୨ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଏପ୍ରିଲ ୨୦ ରୁ ୨୩ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କନ୍ଧମାଳରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ହେବାର ସମ୍ଭାବନା ରହିଛି। ସେପଟେ, ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ୪୦ ଡିଗ୍ରୀ ଉପରେ ରହିଛି ଅଧା ଓଡ଼ିଶା। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସହ୍ୟ ତାତି। ଆସନ୍ତା ୨୩ ତାରିଖ ଯାଏଁ ଲାଗି ରହିବ ତାତିର ପ୍ରଭାବ। ଆଭ୍ୟନ୍ତରୀଣ ଓଡ଼ିଶାରେ ୩୮ ରୁ ୪୦ ଡିଗ୍ରୀ ଟପିପାରେ ତାତି। ୨ରୁ ୩ ଡିଗ୍ରୀ ବଢ଼ିପାରେ ଦିନ ତାପମାତ୍ରା। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା ଓ ସମ୍ବଲପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ।

## ଚତୁର ଚାଳକ, ଟଳିଗଲା ବଡ଼ ଦୁର୍ଘଟଣା

ବର୍ତ୍ତିଗଲେ ୪୮ ତୀର୍ଥଯାତ୍ରୀ

ଢେଙ୍କାନାଳ,୨୦।୪(ସଂଚାର ବ୍ୟୁରୋ): ପୁରୀରୁ ତୀର୍ଥ କରିବାକୁ ଆସିଥିବା ଏକ ତୀର୍ଥଯାତ୍ରୀ ଦଳ ମହାରାଷ୍ଟ୍ରର ନାସିକ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ତେବେ ଉକ୍ତ ତୀର୍ଥଯାତ୍ରୀଙ୍କ ବସ୍‌ର ଚାଳକ ଜଣଙ୍କ ଚତୁରତା ଦେଖାଇବା ଫଳରେ ଉକ୍ତ ବସ୍‌ରେ ଥିବା ୪୮ ଜଣ ତୀର୍ଥଯାତ୍ରୀଙ୍କ ଜୀବନ ବଞ୍ଚିଯାଇଛି। ତେବେ ବସ୍ ଚାଳକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ଭୋର ସମୟରେ ଢେଙ୍କାନାଳ ସହରର କୋରିଆଁ ଛକ ନିକଟସ୍ଥ ବ୍ରାହ୍ମଣୀ ଦେବୀ ମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେବାକୁ ବସ୍‌ଟି ଯାଉଥିଲେ ହେଁ ଏଥିରୁ ମୁକୁଳିବା ସକାଶେ ଚାଳକ ଜଣଙ୍କ ବସ୍‌କୁ ରାସ୍ତା କଡ଼ରେ ଗଦା ହୋଇଥିବା ବାଲି ଉପରେ ଚଢ଼ାଇ ଦେଇଥିଲେ। ଫଳରେ ବସଟି ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଏନେଇ ଖବରପାଇ ଏନଏଚ ପାଟ୍ରୋଲିଂ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ବସ୍‌ରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡ଼ିଛି। କିନ୍ତୁ ଚାଳକ ଜଣଙ୍କ ଆହତ ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ଚାଳକ ଜଣଙ୍କ ନାସିକ ଅଞ୍ଚଳର ମନୋଜ ଭାଲେରାଓ ବୋଲି ଜଣାପଡ଼ିଛି। ତୀର୍ଥଯାତ୍ରୀମାନେ ମହାରାଷ୍ଟ୍ର ନାସିକ ଜିଲ୍ଲାର ଚାନ୍ଦଗଡ଼ ଗ୍ରାମର ବୋଲି ଜାଣିବାକୁ ମିଳିଛି। ଗତ ୬ ତାରିଖରୁ ଏହି ତୀର୍ଥଯାତ୍ରୀମାନେ ନାସିକରୁ ବାହାରି ଓଡ଼ିଶାର ପୁରୀ ସମେତ ବିଭିନ୍ନ ସ୍ଥାନ ବୁଲି ସାରି ବସ ଯୋଗେ ନାସିକ ଫେରୁଥିବା ସମୟରେ ଏପରି ଅଘଟଣର ଶିକାର ହୋଇଛନ୍ତି।

ବାରବାଟୀ ଫୁଡ୍ କୋର୍ଟ ବିବାଦ

# ମୁହାଁମୁହିଁ ହେଲେ ବିଧାୟିକା ଓ ମେୟର




କଟକ,୨୦।୪(ସଂଚାର ବ୍ୟୁରୋ): ବାରବାଟୀ ଫୁଡ କୋର୍ଟ ନେଇ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାଷ ସିଂ। ଯେଉଁ ଫୁଡ କୋର୍ଟ ପାଇଁ ଦିନେ ବିଧାୟିକା ବିଧାନସଭାରେ ସ୍ୱର ଉଠାଉଥିଲେ, ଏବେ ସେ ଉକ୍ତ ପ୍ରକଳ୍ପରେ ଦୋକାନ ଘର ଆବଣ୍ଟନକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ସେ ସିଧାସଳଖ ଭାବେ କଟକ ମେୟର ଶ୍ରୀ ସିଂଙ୍କୁ ଦୁର୍ନୀତିଖୋର ବୋଲି କହିବା ସହ ଜାରି ହୋଇଥିବା ଏ ସଂକ୍ରାନ୍ତ ଏସଓପିକୁ ମଧ୍ୟ ଚିରି ଫିଙ୍ଗି ଦେଇଛନ୍ତି। ଉଦଘାଟନ ହୋଇନାହିଁ, ହେଲେ ବିବାଦରେ ଛନ୍ଦି ହୋଇଗଲାଣି ବହୁ ପ୍ରତୀକ୍ଷିତ ବାରବାଟୀ ଫୁଡ୍ କୋର୍ଟ। ସୋଫିଆ ସିଧାସଳଖ ଭାବେ ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି। ନିଜ ପସନ୍ଦର ଲୋକଙ୍କୁ ଦୋକାନ ଦେବା ପାଇଁ ମେୟର ଏଭଳି ନିୟମ କରିଥିବା ସୋଫିଆ କହିଛନ୍ତି। ସୁବାସ ସିଂ ମଧ୍ୟ ପାଲଟା ଜବାବ ଦେଇ କହିଛନ୍ତି ଯେ ବିଧାୟିକାଙ୍କ ସଭ୍ୟ ପଦ ବିପଦରେ ଥିବାରୁ ସେ ବାଉଳି ଚାଉଳି ହେଉଛନ୍ତି।

ଏସଓପି ଚିରି ଫିଙ୍ଗିଦେଲେ ସୋଫିଆ

ପାଖାପାଖି ୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଆଧୁନିକ ବାରବାଟୀ ଫୁଡ୍ କୋର୍ଟ। ମୋଟ ୮୮ଟି ଦୋକାନ ଘରୁ ୪୫ଟିର ଆବଣ୍ଟନ ସରିଛି। ବାରବାଟୀ ଷ୍ଟାଡିୟମ ପାଖରେ ପୂର୍ବରୁ ବ୍ୟବସାୟ କରୁଥିବା ଲୋକଙ୍କୁ ଏଠାରେ ପ୍ରାଧାନ୍ୟ ଦିଆଯାଉଥିବା ସେ କହିଛନ୍ତି। ସେପଟେ ମେୟର-ବିଧାୟିକାଙ୍କ ମଧ୍ୟରେ ବିବାଦ ବଢ଼ିବା ପରେ ସାମ୍ନାକୁ ଆସିଛନ୍ତି ସିଏମସି କମିଶନର କିରଣଦୀପ କୌର ସହୋତା। କମିଶନରଙ୍କ କହିବା କଥା ଯେ ସମସ୍ତ ପ୍ରକ୍ରିୟା ସ୍ୱଚ୍ଛତାର ସହ ହେଉଛି ଓ ଯିଏ ଲିଜ୍ ନେବେ ସେ କାହାକୁ ସବ-ଲିଜ ଦେଇପାରିବ ନାହିଁ। ମେୟର ଓ ବିଧାୟିକାଙ୍କ ମଧ୍ୟରେ ଏହି ଆରୋପ ପ୍ରତ୍ୟାରୋପ ଭିତରେ ବାରବାଟୀ ଫୁଡ୍ କୋର୍ଟର ଭବିଷ୍ୟତକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। କଟକବାସୀଙ୍କ ଖାଇବା ଶୈଳୀକୁ ନୂଆ ରୂପ ଦେବାକୁ ଲକ୍ଷ୍ୟ ରଖିଥିବା ଏହି ପ୍ରକଳ୍ପ ଏବେ ରାଜନୈତିକ ଲଢ଼େଇର ମଇଦାନ ପାଲଟିଛି।

## ବିବାହ ପାଇଁ ମନା କରି ବନ୍ଧା ହେଲେ ଯୁବକ

କଟକ,୨୦।୪ (ସଂଚାର ବ୍ୟୁରୋ): ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ତୋଫାନ (୨୭) ନାମକ ଯୁବକ ଗିରଫ ହୋଇଛନ୍ତି। ଏନେଇ ପୀଡ଼ିତା ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ, ବାଦାମବାଡ଼ିର ୨୨ ବର୍ଷୀୟା ଯୁବତୀ ଜଗତପୁରସ୍ଥିତ ଜିମ୍‌କୁ ୨୦୨୫ରେ ଯାଉଥିଲେ। ସେଠାରେ ଟ୍ରେନର ତୋଫାନଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ତୋଫାନ ବିବାହର ପ୍ରସ୍ତାବ ଦେଇଥିବା ବେଳେ ଯୁବତୀ ରାଜି ହୋଇଥିଲେ। ଫଳତଃ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ହୋଇଥିଲା। କିନ୍ତୁ ପରେ ତୋଫାନ ବିବାହ କରିବାକୁ ମନା କରିଥିଲେ। ତେଣୁ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଞ୍ଚାର
ମଙ୍ଗଳବାର ୨୧ ଏପ୍ରିଲ ୨୦୨୬
BUSINESS

# ଲଞ୍ଚ୍ ହେଲା ଏମଜି ମାଜେଷ୍ଟର୍ କାର୍




ନୂଆଦିଲ୍ଲୀ, ୨୦।୪: କାର ଲଭର୍ସଙ୍କ ପାଇଁ ଆସିଲା ଖୁସି ଖବର। ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ ଭାରତୀୟ ବଜାରରେ ବହୁତ ସମୟରେ ଅନେକ କାର୍ ଲଞ୍ଚ ହୁଏ। ଏହି ଲଞ୍ଚ ଖବର ଶୁଣି କାର୍ ଲଭର୍ସଙ୍କ ଖୁସି କହିଲେ ନସରେ। ଏଥି ସହ ଏହି ଲଭର୍ସମାନେ ଗାଡ଼ିକୁ କିଣିବା ପାଇଁ ପ୍ଲାନ୍ କରିଥାନ୍ତି ତ ଆଉ କେହି କିଣିବି ଦେଇଥାନ୍ତି। କାରଣ କାର୍ ଚଲାଇବାର ମଜା କିଛି ଅଲଗା। ଏହି କାର୍ ଲଭର୍ସଙ୍କ ଖୁସିକୁ ଆହୁରି ଦୁଇଗୁଣିତ କରିବା ପାଇଁ ଭାରତୀୟ ବଜାରରେ ଲଞ୍ଚ ହେବ ଏକ ଜବରସ୍ତ କାର। ତେବେ ଆସନ୍ତୁ ଜାଣିବା ଏହି ଜବରଦସ୍ତ କାରର ସମ୍ପୂର୍ଣ୍ଣ ଡିଟେଲ୍ସ। ବର୍ତ୍ତମାନ ଭାରତରେ ବଡ଼ ଏବଂ ଲଗଜରୀ ଏସୟୁଭି ର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏକ ପାୱାରଫୁଲ୍ କାର, ଏମଜି ମାଜେଷ୍ଟର୍, ଏହି ସେଗମେଣ୍ଟରେ ଏଣ୍ଟ୍ରି କରୁଛି। ଏହି ଏସୟୁଭି ଅଧିକ ସ୍ପେସ୍, ପାୱାର ଏବଂ ପ୍ରିମିୟମ୍ ଫିଚର୍ସ ସହିତ ଏକ ଗାଡ଼ି ଖୋଜୁଥିବା ଲୋକଙ୍କ ପାଇଁ ବେଷ୍ଟ। କମ୍ପାନୀ ଏହାକୁ ଏହାର ପ୍ରମୁଖ ଏସୟୁଭି ଭାବରେ ସ୍ଥାନିତ କରୁଛି, ଅର୍ଥାତ୍ ଏହା ଏହାର ଲାଇନଅପ୍‌ରେ ସବୁଠାରୁ ବଡ଼ ଏବଂ ସବୁଠାରୁ ମହଙ୍ଗା ଗାଡ଼ି ମଧ୍ୟରୁ ଗୋଟିଏ ହେବ। କମ୍ପାନୀର ପୁରୁଣା ଏମଜି ଗ୍ଲୋଷ୍ଟର୍‌ର ଏକ ଅପଡେଟ୍ ଏବଂ ପ୍ରିମିୟମ୍ ଭର୍ସନ ଭାବରେ ଏମଜି ମାଜେଷ୍ଟର୍ ଆଜିଅର୍ଥାତ୍ ଏପ୍ରିଲ୍ ୨୦, ୨୦୨୬ ରେ ଭାରତରେ ଲଞ୍ଚ ହେବ। ଖାସ୍ କରି ବଡ଼ ସାଇଜ୍ ଏବଂ ଷ୍ଟ୍ରଙ୍ଗ୍ ରୋଡ୍ ପ୍ରେଜେନ୍ସ ସହିତ ଡିଜାଇନ୍ କରାଯାଇଛି। ଏହା ପ୍ରାୟ ୫ ମିଟର ଲମ୍ବା, ଏହାକୁ ଏହାର ସେଗମେଣ୍ଟର ସବୁଠାରୁ ବଡ଼ ଗାଡ଼ି ମଧ୍ୟରୁ ଗୋଟିଏ କରିଥାଏ।

ଏହି କାରରେ ତିନି ରୋ ସିଟିଂ ସୁବିଧା ଅଛି, ଯେଉଁଥିରେ ଆରାମରେ ଛଅ କିମ୍ବା ସାତ ଜଣ ଲୋକ ବସିପାରିବେ। ଏହାର କ୍ୟାବିନ ବଡ଼ ଏବଂ ବହୁତ୍ ଆରାମଦାୟକ, ଯାହା ଏହାକୁ ଲଙ୍ଗ ରାଇଡିଂ ପାଇଁ କୌଣସି ଅସୁବିଧା ହୋଇନଥାଏ। ଏଥିସହ, ଏଥିରେ ଏକ ପ୍ରିମିୟମ୍ ଇଣ୍ଟେରିଅର ମଧ୍ୟ ରହିଛି, ଯେଉଁଥିରେ ଏକ ବଡ଼ ଟଚସ୍କ୍ରିନ୍ ଡିସପ୍ଲେ, ଏକ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଏକ ପାନୋରାମିକ୍ ସନରୁଫ୍ ଏବଂ ମସାଜ୍ ସିଟ୍ ସାମିଲ୍। ଏହାର ଇଞ୍ଜିନ୍ ବିଷୟରେ କହିବାକୁ ଗଲେ, ଏଥିରେ ୨.୦-ଲିଟର ଟ୍ୱିନ୍-ଟର୍ବୋ ଡିଜେଲ ଇଞ୍ଜିନ୍ ଦିଆଯାଇଛି, ଯାହା ବହୁତ ପାୱାରଫୁଲ୍ ଏବଂ ଏସୟୁଭି କୁ ମଜବୁତ୍ ପରଫରମାନ୍ସ ପ୍ରଦାନ କରେ। ଏହା ସହିତ ଅଟୋମେଟିକ୍ ଗିଅରବକ୍ସ ଏବଂ ଏକ ୪×୪ ସିଷ୍ଟମର ଅପ୍ସନ ମଧ୍ୟ ରହିଛି, ଯାହା ଏହାକୁ ଖରାପ ରାସ୍ତା ଏବଂ ଅଫ-ରୋଡିଂ ପାଇଁ ଉପଯୁକ୍ତ କରିଥାଏ।

ଏହି ଏସୟୁଭି ସେଫ୍ଟି ଏବଂ ଟେକ୍ନୋଲୋଜି ଦୃଷ୍ଟିରୁ ମଧ୍ୟ ଉତ୍କୃଷ୍ଟ। ଏଥିରେ ଲେଭଲ୍-୨ ଏଡିଏଏସ (ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍) ଫିଚର୍ସ ରହିଛି, ଯାହା ଡ୍ରାଇଭିଂକୁ ସୁରକ୍ଷିତ ଏବଂ ସହଜ କରିଥାଏ। ଏଥିରେ ଅନେକ ଅଫ୍-ରୋଡ୍ ମୋଡ୍, ଏକ ୩୬୦-ଡିଗ୍ରୀ କ୍ୟାମେରା ଏବଂ ଅନ୍ୟାନ୍ୟ ସ୍ମାର୍ଟ ଫିଚର୍ସ ମଧ୍ୟ ପ୍ରଦାନ କରାଯାଇଛି। ପ୍ରାଇସ୍ ବିଷୟରେ କହିବାକୁ ଗଲେ, ଏମଜି ମାଜେଷ୍ଟର୍ ର ଏକ୍ସ-ଶୋରୁମ୍ ପ୍ରାଇସ୍ ୪୦ ଲକ୍ଷ ରୁ ୪୫ ଲକ୍ଷ ମଧ୍ୟରେ ହେବ ବୋଲି ଆଶା କରାଯାଉଛି। ଏହି ଏସୟୁଭି ସିଧାସଳଖ ଟୋୟୋଟା ଫର୍ଚୁନର୍ ଏବଂ ଲିଜେଣ୍ଡର୍ ଭଳି ପପୁଲାର୍ ଗାଡ଼ି ସହିତ ଟକ୍କର କରିବ ଏବଂ ପ୍ରିମିୟମ୍ ଏସୟୁଭି ସେଗମେଣ୍ଟରେ ଏକ ପାୱାରଫୁଲ୍ ଅପ୍ସନ ହୋଇପାରେ।

ସମ୍ପୂର୍ଣ୍ଣ ଭାବରେ, ଏହି ଏସୟୁଭି ସେହି ଲୋକଙ୍କ ପାଇଁ ଭଲ ଅପ୍ସନ ହୋଇପାରେ, ଯିଏ ବଡ଼, ପାୱାରଫୁଲ୍ ଏବଂ ଲଗଜରୀ ଗାଡ଼ି ଖୋଜିଥାନ୍ତି। ଏଥିରେ ସ୍ପେସ୍, ଫିଚର୍ସ, ସେଫ୍ଟି ଏବଂ ପରଫରମାନ୍ସ ର ଭଲ ବାଲାନ୍ସ ଦେଖିବାକୁ ମିଳିଥାଏ, ଯେଉଁଥିରେ ଏହା ଫ୍ୟାମିଲି ଆଡଭେନଚର ଉଭୟର ବ୍ୟବହାର ପାଇଁ ପରଫେକ୍ଟ ହୋଇଥାଏ। ଏଥିସହ ଯଦି ଆପଣ ଏକ ବେଷ୍ଟ କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି ଗାଡ଼ିଟି ଆପଣମାନଙ୍କ ବେଷ୍ଟ ଅପ୍ସନ ହୋଇପାରିବ।




# ଅଶୋଧିତ ତେଲ ଦର ୯୫ ଡଲାରକୁ ବୃଦ୍ଧି

ଲଣ୍ଡନ, ୨୦।୪: ଇରାନ ଓ ଆମେରିକା ମଧ୍ୟରେ ଆଲୋଚନା ଆଗକୁ ନବଢ଼ିବା ଏବଂ ହର୍ମୁଜ ପ୍ରଣାଳୀରେ ଇରାନର ଜାହାଜକୁ ଆମେରିକା ଅଟକ ରଖିବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଉପରେ ଏହାର ପ୍ରଭାବ ପଡ଼ିଛି। ବ୍ରେଣ୍ଟ୍ କ୍ରୁଡ୍ ଦର ବ୍ୟାରେଲ ପିଛା ୪.୧୯ ଡଲାର ବା ୪.୬ ପ୍ରତିଶତ ବୃଦ୍ଧି ଘଟି ୯୪.୫୭ ଡଲାରରେ ପହଞ୍ଚିଛି। ସେହିଭଳି ଆମେରିକାର ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ଦର ବ୍ୟାରେଲ ପିଛା ୪.୬ ଡଲାର ବା ୫.୫ ପ୍ରତିଶତ ବୃଦ୍ଧି ଘଟି ୮୮.୪୫ ଡଲାରରେ ପହଞ୍ଚିଛି। ଗତ ଶୁକ୍ରବାର ଅଶୋଧିତ ତେଲ ଦର ୯ ପ୍ରତିଶତ ହ୍ରାସ ପାଇଥିଲା। ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗରେ ଗତ ଶନିବାର ୨୦ରୁ ଅଧିକ ଜାହାଜ ଯାଆସ କରିଥିଲା। ସେଥିରେ ତେଲ, ଏଲ୍‌ପିଜି, ଧାତବ ସାମଗ୍ରୀ ଓ ସାର ଆଦି ବିଶ୍ୱ ବଜାରକୁ ପଠାଯାଇଥିଲା। ଗତ ମାର୍ଚ୍ଚ ୧ ତାରିଖରୁ ଏହା ଥିଲା ସର୍ବାଧିକ ସଂଖ୍ୟକ ଜାହାଜ ଚଳାଚଳ। କିନ୍ତୁ ସୋମବାର ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରାୟତଃ ବନ୍ଦ ରହିଛି। ଗତ ୧୨ ଘଣ୍ଟାରେ ମାତ୍ର ୩ଟି ଜାହାଜ ଯାଆସ କରିଛି ବୋଲି ଜଣାଯାଇଛି।

# ମହଙ୍ଗା ହେଲା ପାଇଲଟ୍ ତାଲିମ; ପ୍ରଶିକ୍ଷଣ ଖର୍ଚ୍ଚ ୭୦ ଲକ୍ଷକୁ ବୃଦ୍ଧି

ନୂଆଦିଲ୍ଲୀ, ୨୦।୪: ବିମାନ ଇନ୍ଧନ ଦରରେ ବୃଦ୍ଧି ଓ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବା ପରେ ପାଇଲଟ୍ ତାଲିମ ଖର୍ଚ୍ଚ ବଢ଼ିଛି। ଭାରତରେ ଏକ କମର୍ସିଆଲ ପାଇଲଟ୍ ଲାଇସେନ୍ସ ପାଇବାକୁ ହେଲେ ସର୍ବନିମ୍ନ ୨୦୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ସହ ଥିଓରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଦରକାର। ସେଥିପାଇଁ ପୂର୍ବରୁ ୫୦-୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା। ମାତ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ତେଲ ଦର ବଢ଼ିବାରୁ ସେହି ସମାନ ତାଲିମ ପାଇଁ ଏବେ ୬୦ରୁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଦେଶ ବାହାରକୁ ଯାଇ ଆମେରିକା କିମ୍ବା ନ୍ୟୁଜିଲ୍ୟାଣ୍ଡର କୌଣସି ଫ୍ଲାଇଂ ସ୍କୁଲରେ ପାଇଲଟ୍ ତାଲିମ ନେବା ଖର୍ଚ୍ଚ ମଧ୍ୟ ୧୫-୧୬ ପ୍ରତିଶତ ବଢ଼ିଛି।ଚାଇମ୍ସ ଆଭିଏସନ ଏକାଡେମିର ସିଇଓ ୱାଇ ଏନ୍ ଶର୍ମା କହିଛନ୍ତି ଯେ ପୂର୍ବରୁ ବିମାନ ଇନ୍ଧନର ଦାମ ଲିଟର ପିଛା ୭୦ ଟଙ୍କା ଥିଲା। ଏବେ ତାହା ୧୩୧ ଟଙ୍କାକୁ ବୃଦ୍ଧି ପାଇଛି। ଫଳରେ ପ୍ରତି ଘଣ୍ଟାର ଉଡ଼ାଣ ଖର୍ଚ୍ଚ ୨୫୦୦-୩୦୦୦ ଟଙ୍କା ବଢ଼ିଯାଇଛି। କେବଳ ଇନ୍ଧନ ମୂଲ୍ୟ ପାଇଁ ଭାରତରେ କମର୍ସିଆଲ ପାଇଲଟ୍ ଲାଇସେନ୍ସ ଖର୍ଚ୍ଚ ୧୦ ପ୍ରତିଶତ ଓ ବିଦେଶରେ ୧୫-୧୬ ପ୍ରତିଶତ ବଢ଼ିଛି। ଖର୍ଚ୍ଚ ବଢ଼ିଥିବାରୁ ବହୁ ଆଶାୟୀଙ୍କ ପାଇଁ ପାଇଲଟ୍ ତାଲିମ ନେବା କଷ୍ଟକର ହୋଇପଡ଼ିଛି ବୋଲି ସେ କହିଛନ୍ତି। ଅନ୍ୟ ଏକ ଫ୍ଲାଇଂ ସ୍କୁଲର ଜଣେ ଅଧିକାରୀ କହିଛନ୍ତି ଯେ ପାଇଲଟ୍ ତାଲିମରେ ଏକ କିମ୍ବା ଦୁଇ ଇଞ୍ଜିନ ବିଶିଷ୍ଟ ବିମାନ ବ୍ୟବହାର ହୋଇଥାଏ। ଗୋଟିଏ ଇଞ୍ଜିନ ଥିବା ବିମାନର ମୂଲ୍ୟ ୬.୫ ଲକ୍ଷ ଡଲାର ଓ ଦୁଇ ଇଞ୍ଜିନ ବିଶିଷ୍ଟ ବିମାନର ମୂଲ୍ୟ ୧.୫ ନିୟୁତ ଡଲାର ରହିଛି। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ପରେ ଏଭଳି ବିମାନ ମଗାଇବା ମହଙ୍ଗା ହୋଇପଡ଼ିଛି। ସେହି ଖର୍ଚ୍ଚକୁ ବାଧ୍ୟ ହୋଇ ଫ୍ଲାଇଂ ସ୍କୁଲଗୁଡ଼ିକ ପାଇଲଟ ତାଲିମ ଖର୍ଚ୍ଚରେ ଯୋଡୁଛନ୍ତି। ଭାରତରେ କମର୍ସିଆଲ ପାଇଲଟ୍ ତାଲିମ ପାଇଁ ନାମଲେଖାଇଥିବା ଆଶାୟୀ ପ୍ରାର୍ଥୀମାନଙ୍କ ଭବିଷ୍ୟତ ଅନିଶ୍ଚିତ ରହିଛି। ତାଲିମରେ ଯୋଗଦେବା ପରଠାରୁ ସେମାନଙ୍କ ପ୍ରତୀକ୍ଷା ଲମ୍ବା ହେବାରେ ଲାଗିଥାଏ। କିଛି ଭଲ ଫ୍ଲାଇଂ ସ୍କୁଲକୁ ଛାଡ଼ି ଦେଲେ ଅନ୍ୟ ସ୍କୁଲଗୁଡ଼ିକରେ ୨୦୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ହାସଲ କରିବାର ଏକ ଦୀର୍ଘ, ଅନିଶ୍ଚିତତ ଓ ବ୍ୟୟବହୁଳ ବ୍ୟାପାର। ଏହି ତାଲିମ ଶେଷ କରିବାକୁ ବେଳେ ବେଳେ ଦୁଇ ବର୍ଷରୁ ଅଧିକ ସମୟ ଲାଗିଯାଏ। ତେଣୁ ଯେଉଁମାନେ ଋଣ ଆଣି ଫ୍ଲାଇଂ ସ୍କୁଲରେ ନାମ ଲେଖାଇଛନ୍ତି, ସେମାନଙ୍କୁ ସୁଧ ବାବଦରେ ଅଧିକ ଟଙ୍କା ଗଣିବାକୁ ପଡ଼ିବ। ତାଲିମ ଶେଷ କରିବାକୁ ଲମ୍ବା ସମୟ ଲାଗିବା ପରେ ଚାକିରି ପାଇବାକୁ ମଧ୍ୟ ବହୁ ଦିନ ଅପେକ୍ଷା କରିବାକୁ ପଡୁଥିବା ଆଶାୟୀ ପ୍ରାର୍ଥୀମାନେ କହିଛନ୍ତି। ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ସିଙ୍ଗଲ ଏଣ୍ଟ୍ରି ସ୍ତରର ପାଇଲଟ୍‌ଙ୍କୁ ନିଯୁକ୍ତି ଦେଉନାହାନ୍ତି। ଆକାଶ ପାଖରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ପାଇଲଟ୍ ଅଛନ୍ତି। ସ୍ପାଇସ୍‌ଜେଟ୍‌ର ଆର୍ଥିକ ସ୍ଥିତି ଭଲ ନଥିବାରୁ ତାହା ନିଯୁକ୍ତି ଦେଉନାହାନ୍ତି।



# ଯୁଦ୍ଧର ପ୍ରଭାବରେ ପିଆଜ ରପ୍ତାନୀ ବନ୍ଦ, ଦେଶରେ ନାହିଁ ଚାହିଦା

ନୂଆଦିଲ୍ଲୀ, ୨୦।୪:ମଧ୍ୟପ୍ରାଚ୍ୟ ଯୁଦ୍ଧ ଭାରତର ପିଆଜ ବଜାର ସନ୍ତୁଳନ ବିଗାଡି ଦେଇଛି। ଅନ୍ତର୍ଜାତୀୟ ବଜାରର ଚାହିଦା ହ୍ରାସ, ସିପିଂ ମହଙ୍ଗା ହେବା ସାଙ୍ଗକୁ ଘରୋଇ ବଜାରରେ ଚାହିଦା ନ ରହିବା ପିଆଜ ମୂଲ୍ୟ ଉପରେ ଭୀଷଣ ଚାପ ସୃଷ୍ଟି କରିଛି। ପରିସ୍ଥିତି ଏପରି ହୋଇଛି ଯେ ଚାଷୀ ସେମାନଙ୍କ ଫସଲ ଅମଳର ଅଧାଦରରେ ମଧ୍ୟ ପିଆଜ ବିକିବାକୁ ବାଧ୍ୟ ହେଉଛନ୍ତି। ଯଦି ପରିସ୍ଥିତିକୁ ଆୟତ୍ତ କରାନଗଲା ତେବେ ଏହାର ପ୍ରଭାବ ଆରବର୍ଷର ଫସଲରେ ଦେଖିବାକୁ ମିଳିବ। ଦେଶର ଚାଷ ପାଟର୍ଣ୍ଣ ବିଗିଡିଯିବ। ତେବେ ସରକାର ପରିସ୍ଥିତି ସମ୍ଭାଳିବାକୁ ନାଫେଡ ଓ ଏନସିସିଏଫ ଭଳି ଏଜେନ୍ସୀଙ୍କୁ ବଜାରରୁ ପିଆଜ କିଣି ବଫର ଷ୍ଟକ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱର ବଡ଼ ପିଆଜ ରପ୍ତାନୀକାରୀ ଦେଶଙ୍କ ମଧ୍ୟରେ ଭାରତ ଅନ୍ୟତମ। ଭାରତରୁ ଯେତେ ପିଆଜ ରପ୍ତାନୀ ହୋଇଥାଏ ଏହାର ଏକ ବଡ଼ ଭାଗ ଗଲ୍ଫ ଦେଶ ଯେପରି ୟୁଏଇ, ସାଉଦୀ ଆରବ, କ୍ୱେତ, ଇରାକ ଏବଂ ଓମାନ ଆଦି ଦେଶକୁ ଯାଇଥାଏ। ହେଲେ ପଶ୍ଚିମ ଏସିୟାରେ ଜାରି ସଂଘର୍ଷ ଯୋଗୁ ଏହି ସବୁ ଦେଶଙ୍କ ବାଣିଜ୍ୟିକ ଗତିବିଦ୍ଧି ପ୍ରଭାବିତ ହୋଇଛି। ଫଳରେ ପିଆଜ ରପ୍ତାନୀ ପାଖାପାଖି ୩୦% ହ୍ରାସ ହୋଇଛି। ଏଥିରେ ଗଲଫ ଦେଶମାନଙ୍କୁ ହେଉଥିବା ରପ୍ତାନୀ ୫୦-୬୦% ହ୍ରାସ ହୋଇଛି। ଏହାର ସିଧା ପ୍ରଭାବ ଏବେ ଘରୋଇ ବଜାର ଉପରେ ପଡୁଛି। ଯେଉଁ ପିଆଜ ବିଦେଶ ଯାଉଥିଲା ତାହା ଏବେ ଦେଶର ବଜାରରେ ଗ୍ରାହକଙ୍କୁ ଅପେକ୍ଷା କରି ରହୁଛି।

ଘରୋଇ ବଜାରକୁ ଅଚାନକ ପିଆଜ ଯୋଗାଣ ବଢ଼ିଯିବା ବେଳେ ଚାହିଦା କିନ୍ତୁ ନାହିଁ। ଏଣୁ ପାଇକାରୀ ଦରର ପିଆଜ ଏବେ କ୍ୱିଣ୍ଟଲ ପିଛା ୮୦୦ରୁ ୧୦୦୦ଟଙ୍କାରେ ବିକ୍ରି ହେଉଛି। ତେବେ ପିଆଜ ଉତ୍ପାଦନ ବାବଦ ବ୍ୟୟ ପ୍ରତି କ୍ୱିଣ୍ଟାଲ ୧୮୦୦ ରୁ ୨୨୦୦ ମଧ୍ୟରେ ହୋଇଛି। ଏଣୁ ଚାଷୀଙ୍କୁ ତାଙ୍କ ଫସଲର ଦର ମିଳୁ ନାହିଁ। ଫଳରେ ଚାଷୀ ହତାସ ହେଉଛନ୍ତି। ହର୍ଟିକଲଚୁରାଲ ପ୍ରଡ୍ୟୁସ ଏକ୍ସପୋର୍ଟର୍ସ ଆସୋସିଏସନ ଅଫ ଇଣ୍ଡିଆର ଜାତୀୟ ଉପାଧ୍ୟକ୍ଷ ବିକାଶ ସିଂହଙ୍କ କହିବା କଥା ହେଉଛି ବଢୁଥିବା ସିପିଂ ଖର୍ଚ୍ଚ ପରିସ୍ଥିତିକୁ ଜଟିଳ କରିଛି। କିଛି ମାସ ପୂର୍ବରୁ କଣ୍ଟେନରର ଭଡ଼ା ୫୦୦ରୁ ୮୦୦ ଡଲାର ମଧ୍ୟରେ ଥିବା ବେଳେ ତାହା ଏବେ ବଢ଼ି ୬୦୦୦ରୁ ୭୫୦୦ ଡଲାର ହୋଇଯାଇଛି। ଏଣୁ ରପ୍ତାନୀ କରିବା ଏବେ ବ୍ୟବସାୟୀଙ୍କ ଲାଗି କ୍ଷତିର ବିଷୟ ପାଲଟିଛି। ଏଣୁ ରପ୍ତାନୀକାରୀ ପଛକୁ ହଟି ଯାଇଛନ୍ତି, ଯାହାର ସିଧା ପ୍ରଭାବ ଚାଷୀଙ୍କ ଆମଦାନୀ ଉପରେ ପଡୁଛି। ଉପସାଗରୀୟ ସଂକଟ ର ପ୍ରଭାବ ଦେଶର ଘରୋଇ ଚାହିଦାକୁ ମଧ୍ୟ ପ୍ରଭାବିତ କରିଛି। ହୋଟେଲ ଓ ରେଷ୍ଟୋରାଣ୍ଟ ସେକ୍ଟରର ଧିମା କାରବାର ଓ ଏଲପିଜି ଯୋଗାଣ ଅନିୟମିତତା କାରଣରୁ ଖର୍ଚ୍ଚ କମିଛି। ଏହା ଛଡା ବାଂଲାଦେଶ ଭଳି ପାରମ୍ପରିକ କ୍ରେତା ମଧ୍ୟ ଗତ ୨ ବର୍ଷ ହେଲା ପିଆଜ ଆମଦାନୀ ହ୍ରାସ କରିଛି। ଏଣୁ ବଜାରରେ ପିଆଜ ଚାହିଦା ହ୍ରାସ ହୋଇଛି। ହେଲେ ଏ ବର୍ଷ ଦେଶରେ ପିଆଜର ସେତେ ଭଲ ଅମଳ ହୋଇ ନାହିଁ। ଜାତୀୟ ସ୍ତରରେ ଏହି ଉତ୍ପାଦନ ହାର ୧୦ରୁ ୧୧% ପର୍ଯ୍ୟନ୍ତ କମିଛି। ଏଣୁ ଏ ବର୍ଷ ବଜାରରେ ପିଆଜ ଦର ଅଧିକ ହୋଇଥାନ୍ତା। ହେଲେ ରପ୍ତାନୀ ବନ୍ଦ ଦେଶରେ ପିଆଜ ଉପଲବ୍ଧତା ପର୍ଯ୍ୟାପ୍ତ ରହିଛି। ଏହାର ଅର୍ଥ ହେଉଛି କମ୍ ଉତ୍ପାଦନ ସତ୍ତ୍ୱେ ମୂଲ୍ୟ ଏଥି ପାଇଁ ବଢ଼ି ପାରିନି କାରଣ ଦେଶ ଭିତରେ ଅଧିକ ମାଲ ରହିଛି।



# ଏଥର ବିନ୍ଦି, ରକ୍ଷାସୂତ୍ର ପିନ୍ଧିପାରିବେ କର୍ମଚାରୀ

ନୂଆଦିଲ୍ଲୀ, ୨୦।୪: ଷ୍ଟୋର ଭିତରେ ବିନ୍ଦି ଓ ରକ୍ଷାସୂତ୍ର ପିନ୍ଧିବାକୁ ମନା କରିଥିଲା ଚଷମା ବିକ୍ରେତା କମ୍ପାନୀ ଲେନ୍ସକାର୍ଟ। ହେଲେ ହିଜାବ ଓ ପଗଡ଼ି ପିନ୍ଧିବାକୁ ରଖିଥିଲା ସର୍ତ୍ତ। ଯାହାକୁ ନେଇ ବିବାଦ ତେଜିବା ପରେ ଏବେ କମ୍ପାନୀ ସର୍ବସାଧାରଣରେ କ୍ଷମା ମାଗିଛି। କେବଳ ସେତିକି ନୁହେଁ, କମ୍ପାନୀ ଏବେ ଏକ ନୂଆ ଓ ସ୍ୱଚ୍ଛ ଇନଷ୍ଟୋର ଷ୍ଟାଇଲ୍ ଗାଇଡ୍ ଜାରି କରିଛି। ଯେଉଁଥିରେ କର୍ମଚାରୀଙ୍କୁ କାର୍ଯ୍ୟସ୍ଥଳରେ ନିଜର ଧାର୍ମିକ ଓ ସାଂସ୍କୃତିକ ପ୍ରତୀକ ପିନ୍ଧିବାକୁ ସମ୍ପୂର୍ଣ୍ଣ ଅନୁମତି ଦିଆଯାଇଛି। ଲେନ୍ସକାର୍ଟର ନୂଆ ପଲିସିରେ ଏବେ ବିନ୍ଦି, ତିଳକ, ସିନ୍ଦୂର, ରକ୍ଷାସୂତ୍ର, ମଙ୍ଗଳସୂତ୍ର, କଡ଼ା, ହିଜାବ ଏବଂ ପଗଡ଼ି ଭଳି ଆସ୍ଥାର ପ୍ରତୀକ ପିନ୍ଧିବାକୁ ଅନୁମତି ଦିଆଯାଇଛି। କମ୍ପାନୀ ଏକ୍ସରେ ଏକ ବିବୃତ୍ତି ଜାରି କରି କହିଛି ଯେ ଆମେ ଆମର ନିର୍ଦ୍ଦେଶାବଳୀକୁ ସାର୍ବଜନୀନ ଏବଂ ସ୍ୱଚ୍ଛ କରୁଛୁ। ଯାହାଦ୍ୱାରା ଗ୍ରାହକ ଏବଂ ସମ୍ପ୍ରଦାୟର ଚିନ୍ତାକୁ ଦୂର ହେବ। ଚଳିତ ସପ୍ତାହର ଆରମ୍ଭରେ ଲେନ୍ସକାର୍ଟର 'ଏମ୍ପ୍ଲଇ ଗ୍ରୁମିଂ ପିଲିସି'ର ଏକ ଡକ୍ୟୁମେଣ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମ୍ପୂର୍ଣ୍ଣ ବିବାଦ ଆରମ୍ଭ ହୋଇଥିଲା। ଏଥିରେ ପଲିସିରେ କର୍ମଚାରୀଙ୍କୁ ବିନ୍ଦି, ତିଳକ ଲଗାଇବାକୁ ବାରଣ କରାଯାଇଥିଲା। ଷ୍ଟୋରରେ ହିଜାବ ପିନ୍ଧିବାକୁ ମଧ୍ୟ ମନା କରାଯାଇଥିଲା। ଯାହାକୁ ନେଇ ବିବାଦ ବଢ଼ିଥିଲା। ଶେଫାଳୀ ବୈଦ ନାମକ ଜଣେ ସମାଜସେବୀ ଏକ୍ସରେ ଏହି ପଲିସିର ଏକ ସ୍କ୍ରିନସଟ୍ ଶେୟାର କରିବା ପରେ ବିବାଦ ବଢ଼ିଥିଲା। ଶେଫାଳୀ ପୋଷ୍ଟ ଶେୟାର କରି କମ୍ପାନୀର ପ୍ରତିଷ୍ଠାତାଙ୍କୁ ଟ୍ୟାଗ୍ କରି ପଚାରିଲେ, "ପିୟୁଷ ବଂଶଲ, ଆପଣ ସ୍ପଷ୍ଟ କରିପାରିବେ କି ଲେନ୍ସକାର୍ଟରେ ହିଜାବ୍ ଠିକ୍, କିନ୍ତୁ ବିନ୍ଦି ଏବଂ ରାକ୍ଷା ସୂତ୍ର କାହିଁକି ନୁହେଁ?" ଏହାପରେ ବହୁ ସଂଖ୍ୟାରେ ୟୁଜର ଲେନ୍ସକାର୍ଟକୁ ଟ୍ରୋଲ କରିଥିଲେ ଏବଂ ଏହାର ନୀତି ଉପରେ ପ୍ରଶ୍ନ ଉଠାଇଲେ।ବିବାଦ ବଢ଼ିବା ପରେ ପୀୟୁଷ ବଂଶଲ ଭାଇରାଲ ଡକ୍ୟୁମେଣ୍ଟକୁ ପୁରୁଣା ଏବଂ ଭୁଲ ବୋଲି କହିଥିଲେ। କମ୍ପାନୀର ବର୍ତ୍ତମାନର ନିର୍ଦ୍ଦେଶାବଳୀ ଅଲଗା। ଏହା ପୁରୁଣା ନିର୍ଦ୍ଦେଶାବଳୀ। କମ୍ପାନୀ ସମସ୍ତ ଧର୍ମକୁ ସମ୍ମାନ କରେ। ଆମର ଦେଶବ୍ୟାପୀ ହଜାର ହଜାର ଟିମ ସଦସ୍ୟ ଅଛନ୍ତି ଯେଉଁମାନେ ପ୍ରତିଦିନ ଗର୍ବର ସହିତ ସେମାନଙ୍କର ବିଶ୍ୱାସ ଏବଂ ସଂସ୍କୃତିକୁ ପିନ୍ଧି କାମ କରିଥାନ୍ତି ବୋଲି ପିୟୂଷ ବଂଶଲ କହିଥିଲେ। ଏବଂ ଏଭଳି ଭ୍ରମାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସେ କ୍ଷମା ବି ମାଗିଥିଲେ। ଏବେ ଲେନ୍ସକାର୍ଟ ଜାରି କରିଥିବା ନୂଆ ପଲିସିରେ ସର୍ବସାଧାରଣରେ କ୍ଷମା ମାଗିବା ସହିତ କମ୍ପାନୀ ଆଗକୁ ସମସ୍ତ ମୂଲ୍ୟବୋଧକୁ ଧ୍ୟାନ ଦେବ ବୋଲି ଲେନ୍ସକାର୍ଟ କହିଛି।ଗ୍ରୁମିଂ ପଲିସି କ'ଣ ?କର୍ପୋରେଟ୍ ଜଗତରେ, କମ୍ପାନୀଗୁଡ଼ିକ ସେମାନଙ୍କର କର୍ମଚାରୀଙ୍କ ଡ୍ରେସ୍ କୋଡ୍ ଏବଂ ଆଚରଣ ପାଇଁ ନିୟମ ତିଆରି କରନ୍ତି, ଯାହାକୁ ଗ୍ରୁମିଂ ପଲିସି କୁହାଯାଏ। ଏହି ନୀତିର ଉଦ୍ଦେଶ୍ୟ ହେଉଛି ଏକ ବ୍ରାଣ୍ଡ ଏକ ସମାନ ପରିଚୟ ସୃଷ୍ଟି କରିବା, କିନ୍ତୁ ଭାରତ ଭଳି ଏକ ବିବିଧ ଦେଶରେ, ଧାର୍ମିକ ଭାବନାକୁ ସମ୍ମାନ ଦେବା ଜରୁରୀ ବୋଲି ପଲିସିରେ ବିଚାର କରାଯାଏ।


## କ୍ଷମା ମାଗିଲା ଲେନ୍ସକାର୍ଟ






# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ଅକ୍ଷୀମୁଠି ଅନୁକୂଳ କଲେ ବିଜେପି ନେତା



ଆଳି,୨୦।୪(ସଂଚାର ବ୍ୟୁରୋ)ଃ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଆଳି ବ୍ଲକ ପତ୍ରପୁର ପଞ୍ଚାୟତର ନାକି ମଙ୍ଗଳା କୃଷକ ସଙ୍ଘ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ନାକି ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରି କ୍ଷେତକୁ ଯାଇଁ ଚାଷ ଅନୁକୂଳ କରିଥିଲେ ଜିଲ୍ଲା ବିଜେପି ଉପ ସଭାପତି ତଥା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା। ନାକି ମଙ୍ଗଳା କୃଷକ ସଂଘର ସଭାପତି ସୁରେଶ ଚନ୍ଦ୍ର ରାଉତ ସମ୍ପାଦକ ଅଜୟ କୁମାର ବେହେରା ସଫଳ ଚାଷୀ ପୁରଷ୍ତମ ଦାସ ସଂଗଠକ ବିପିନ ବିହାରୀ ପରିଡାଙ୍କ ପ୍ରୟାସରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା।ଚାଷୀ ହସିଲେ ଦୁନିଆଁ ହସିବ,ଚାଷ ଅଛି ଯାହାର କି ଆନନ୍ଦ ତାହାର, ଦୁନିଆକୁ ଯୋଗାଇଛି ଏହାର ବୋଲି ମତ ପ୍ରକାଶ କରିଥିଲେ ଶ୍ରୀଯୁକ୍ତ ପଣ୍ଡା। ଏଭଳି ଏକ ମହାନ ପର୍ବ ହିନ୍ଦୁ ସଂସ୍କୃତିର ପରମ୍ପରା ଭାବେ ପ୍ରଚଳିତ ହୋଇ ଆସୁଛି, ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସମ୍ପାଦକ ମଣ୍ଡଳ ସଭାପତି, ପତ୍ରପୁର ସରପଞ୍ଚ କାନନବିହାରୀ ପରିଡା, ଙ୍କ ସମେତ ବହୁ ସଫଳ ଚାଷୀ କୃଷକ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇ ଅକ୍ଷୟ ତୃତୀୟା ର ମହାନ ପର୍ବ କୁ ସଫଳ କରିଥିଲେ।

## ହଳବଳଦ ମିଳିଲାନି, ପାୱାରଟିଲର ଚଳାଇ ଅକ୍ଷୀମୁଠି ଅନୁକୂଳ



ମାର୍ଶାଘାଇ,୨୦।୪(ସଂଚାର ବ୍ୟୁରୋ)ଃ କୃଷି କ୍ଷେତ୍ରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପାରମ୍ପରିକ ଅଖି ମୁଠି ଅନୁକୁଳ ପାଇଁ ହଳବଳଦ ନ ମିଳିବାରୁ ପାୱାରଟ୍ରିଲର ଜମି ସମତୁଲ କରାଯାଇ ଅଖିମୁଠି ଅନୁକୂଳ କରାଯାଇଥିଲା । ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ଆଦମପୁର ବାଲଣା ଗ୍ରାମରେ ଅକ୍ଷୟତୃତୀୟା ଅବସର୍ରର ସୋମବାର ବ୍ଲକସ୍ତରୀୟ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ କରାଯାଇଛି । କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରରେ ସରକାରୀ ଅଖିମୁଠି ଅନୁକୂଳ ଉତ୍ସବ କରାନଯାଇ କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଧିକାରୀମାନେ ସାମିଲ ହୋଇଥିଲେ। ମାର୍ଶାଘାଇ ବ୍ଲକର ଆଦମପୁର ବାଲଣା ଚାଷୀମାନଙ୍କ ଦ୍ୱାରା ବାଲଣା ଗ୍ରାମରେ ବ୍ଲକସ୍ତରୀୟ ଅଖି ମୁଠି ଅନୁକୂଳ ଉତ୍ସବ ଆୟୋଜିତ ହୋଇଥିଲା । ମାର୍ଶାଘାଇ ମଣ୍ଡଳ ବିଜେପି ସଭାପତି ତଥା ଚାଷୀ ରଶ୍ମିରଂଜନ ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ଆତ୍ମା ଗୋଷ୍ଠୀ ବୈଷୟିକ ପରିଚାଳିକା ସ୍ମୃତିରେଖା ଶତପଥୀ, କୃଷି ଅବଜର୍ଭର ରଞ୍ଜନ କୁମାର ଦାସ,ଗ୍ରାମ୍ୟ କୃଷି କର୍ମଚାରୀ ଅନୁପମା ପାତ୍ର ପ୍ରମୁଖ ଉପସ୍ଥିତଥିଲେ । ମାର୍ଶାଘାଇ ମଣ୍ଡଳ ବିଜେପି ସଭାପତି ରଶ୍ମିରଂଜନ ରାଉତରାୟ ଅତିଥି ଭାବେ ଯୋଗଦେଇ ଚାଷଜମି ନିକଟରେ ପୂଜାର୍ଚ୍ଚନା କରିବା ପରେ ପାୱାରଟ୍ରିଲର ଚଳାଇ ଚାଷଜମିକୁ ସମତୁଲ କରି ଅଖି ମୁଠି ଅନୁକୂଳ ପୂର୍ବକ ବିହନ ସିଞ୍ଚନ କରିଥିଲେ । ତେବେ ସରକାର କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଉଥିବା ବେଳେ ସରକାରୀସ୍ତରରେ କୃଷକ ମାନଙ୍କ ଅନୁକୂଳ ପର୍ବ ବ୍ଲକସ୍ତରୀୟ ଅଖିମୁଠି ଅନୁକୂଳ ଉତ୍ସବ କରା ନ ଯିବା ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି ।

## ବିଭିନ୍ନ ସ୍ଥାନରେ ଅକ୍ଷୀମୁଠି ଅନୁକୂଳ



କାକଟପୁର / ଅସ୍ତରଙ୍ଗ,୨୦।୪ (ସଂଚାର ବ୍ୟୁରୋ)ଃ ଅକ୍ଷୟ ତୃତୀୟା, ଅନୁକୂଳ ର ମହାପର୍ବ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି କୁ ଅକ୍ଷୟ ତୃତୀୟା କୁହାଯାଏ । ସୁଖ, ସମୃଦ୍ଧି ଓ ସୌଭାଗ୍ୟ ସହିତ ବହୁଳ ଭାବରେ ଜଡିତ ଅକ୍ଷୟ ତୃତୀୟା ଦିନଟିଏ । ବିଶେଷ କରି ଓଡ଼ିଶା ରେ ଏହି ଦିନଟିର ବିଶେଷ ମହାତ୍ମ୍ୟ ରହିଛି । ଓଡିଶା କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ ସରକାରୀ ସ୍ତରରେ ଆଜିର ଦିନ କୁ କୃଷକ ଦିବସ ରୂପେ ପାଳନ କରାଯାଏ ।ଏହି ପର୍ବକୁ ପାଳନ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଓ କାକଟପୁର ବ୍ଲକର କୃଷକ ମାନେ ଚାଷଜମିରେ ଅକ୍ଷୟ ତୃତୀୟା ପାଇଁ ପୂଜାର୍ଚ୍ଚନା କରାଯାଇଥିଲା । ହଳଦୀ, ଚନ୍ଦନ ସିନ୍ଦୁର ଲଗାଇ ଧାନ ବିହନ ପୂର୍ଣ୍ଣ ନୂଆ ଗଉଣି ଓ ଟୋକେଇ କୁ ପାଟବସ୍ତ୍ର ରେ ସଜାଇ ଥିଲେ । ସେହିଭଳି ଲଙ୍ଗଳ କୁ ମଧ୍ୟ ଝୋଟି ରେ ସଜାଇ ଥିଲେ । ଏହା ପରେ ଶଙ୍ଖ ବଜାଇ ହୁଳହୁଳି ପକାଇ ଗୃହିଣୀ ମାନେ ଲଙ୍ଗଳ ଧରି କୃଷକ ଜମି ଅଭିମୁଖେ ପ୍ରେରିତ କରିଥିଲେ ।କୃଷକ ଜମିରେ ଧରିତ୍ରୀ ଦେବୀ ଓ ଲକ୍ଷ୍ମୀଠାକୁରାଣୀ ଙ୍କ ଉଦେଶ୍ୟ ରେ ଭୋଗ ନୈବେଦ୍ୟ ଅର୍ପଣ କରି ଲଙ୍ଗଳ ଚଳାଇଥିଲେ ।ସବୁ କାମର ଅନୁକୂଳ ପାଇଁ ଅକ୍ଷୟ ତୃତୀୟା ଦିନ ଟି ବେଶ ଭଲ ଓ ଶୁଭ ହୋଇଥିବାରୁ ବିଭିନ୍ନ ଶୁଭ କାର୍ଯ୍ୟ କରାଯାଏ । ଏଭଳି ଶୁଭ ମୁହୂର୍ତ୍ତ ଅକ୍ଷୟ ତୃତୀୟା ମହାପର୍ବରେ ଝାଡ଼ଲିଙ୍ଗ ପଂଚାୟତ ସରପଞ୍ଚ ବୃନ୍ଦାବନ ନାୟକ ଓ ଏହି ପଂଚାୟତ ର ଅନେକ ଚାଷୀ ଆଜି ଅକ୍ଷୟ ତୃତୀୟାର ଏହି ଶୁଭ ଦିନରେ ଅଖି ମୁଠି ଅନୁକୂଳ କରିଥିଲେ ।

**ଚର୍ଚ୍ଚିତ ମହେନ୍ଦ୍ର ମଳିକ ହତ୍ୟା ମାମଲା**

# ତଦନ୍ତ ଅବହେଳା ନେଇ ଅଭିଯୋଗ କଲା ପରିବାର

### ଲାଗିଥିବା ହତ୍ୟା ଦଫା ଅନୁଯାୟୀ ହେଉନାହିଁ ତଦନ୍ତ

### ରାଜନୈତିକ ଚାପରେ ଅଭିଯୁକ୍ତଙ୍କୁ ସୁହାଇଲା ପରି ସାକ୍ଷୀ ଯୋଗାଡ଼ କରିଛି ପୁଲିସ




କେନ୍ଦ୍ରାପଡ଼ା,୨୦।୪(ସଂଚାର ବ୍ୟୁରୋ)ଃ ସଦର ଥାନା ଅଧିନସ୍ଥ ଡେରାବିଶ ବ୍ଲକ ବସୁପୁର ପଂଚାୟତ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଳିକ ହତ୍ୟା ମାମଲା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଗୋଟେ ପକ୍ଷରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରିଣୀ ତଦନ୍ତ କାର୍ଯ୍ୟ ଚାଲିଛି କହୁଥିବା ବେଳେ, ଅନ୍ୟପକ୍ଷରେ ୧ ମାସରୁ ଅଧିକ ଦିନ ଧରି ସଦର ପୁଲିସ ଏହିଭଳି ଏକ ସଙ୍ଗିନ ଅପରାଧିକ ମାମଲାର ତଦନ୍ତ ଯେଉଁପରି ହେବା କଥା ତାହା ନକରି ଓଲଟା ଅଭିଯୁକ୍ତ ମାନଙ୍କୁ ସୁହାଇଲା ଭଳି ବିଳମ୍ବିତ ତଦନ୍ତ କରୁଛି ବୋଲି ପରିବାର ଲୋକେ କହୁଛନ୍ତି ।

କିନ୍ତୁ ଦୀର୍ଘ ୧୫ ଦିନ ଧରି ପୁଲିସ ଏହାକୁ ଆତ୍ମହତ୍ୟା ବୋଲି ଦର୍ଶାଇବା ସହ ହତ୍ୟା ମାମଲା ରୁଜୁ ନ କରିବାରୁ ପୀଡ଼ିତ ଅନୁସୂଚିତ ଜାତିର ପରିବାର ଭୀମ ଆର୍ମୀ ନାମକ ଏକ ସଂଗଠନର ସହାୟତା ଲୋଡି ଭୀମ ଆର୍ମୀ ରାଜ୍ୟ ଉପ ସଭାପତି ସମେତ କେନ୍ଦ୍ରାପଡ଼ାରୁ ଭୀମ ଆର୍ମୀର ୩୦-୪୦ କର୍ମୀ ଏସପି ଙ୍କୁ ଭେଟି ନ୍ୟାୟ ଦାବି କରିଥିଲେ । ପରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଏକ ହତ୍ୟା ମାମଲା ତୁରନ୍ତ ରୁଜୁ କରିବା ସହ ଏସପି ସିଦ୍ଧାର୍ଥ କଟାରିଆ ଶବ ବ୍ୟବଛେଦ ରିପୋର୍ଟ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏସପିଙ୍କୁ ଭେଟିବାର ୭ ଦିନ ପରେ ବ୍ୟବଛେଦ ରିପୋର୍ଟ ଆସିବା ଏବଂ ବ୍ୟବଛେଦ ରିପୋର୍ଟରେ ଗୁରୁତର ଆଘାତର କଥା ଆସିବା ପରେ କେନ୍ଦ୍ରାପଡ଼ା ସଦର ପୁଲିସ ତରଫରୁ ତଦନ୍ତକାରୀ ଅଫିସର ଦୀପକ ସାମନ୍ତ ସିଂହାର ଅଭିଯୁକ୍ତ ମାନଙ୍କୁ ଥାନାକୁ ଡକାଇ ସାମାନ୍ୟ ପଚରା ଉଚୁରା କରି ଛାଡି ଦେଇଥିବା ପରିବାର ଲୋକେ କହିଛନ୍ତି । ଏ ବିଷୟରେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାରୁ ସାକ୍ଷୀର ବୟାନ ଅନୁସାରେ ଘଟଣା ଦିନ ମହେନ୍ଦ୍ରକୁ ମରଣାନ୍ତକ ଆକ୍ରମଣ କରି କେହି ତାର ବାଇକ୍ କୁ ଛଡାଇ ନେଇ ନଥିଲେ ବରଂ ମହେନ୍ଦ୍ର ନିଜ ଇଚ୍ଛାରେ ତାହା ଅଭିଯୁକ୍ତ ମାନଙ୍କୁ ଦେଇଥିଲା ବୋଲି ଜାଣିବା ପରେ ଅଭିଯୁକ୍ତ ମାନଙ୍କୁ ଛାଡି ଦିଆ ଯାଇଛି ବୋଲି କହିଛନ୍ତି ତଦନ୍ତକାରୀ ଅଧିକାରୀ ।

କିନ୍ତୁ ପ୍ରକୃତ ସାକ୍ଷୀ ଯେଉଁମାନେ ଥିଲେ ବୋଲି ପରିବାର ତରଫରୁ କୁହାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଜଣେ ଏକ ଟିଭି ଚ୍ୟାନେଲରେ ପୂର୍ବରୁ ନିଜ ବୟାନ ଦେଇଥିଲେ ତାହାର ସମ୍ପୂର୍ଣ୍ଣ ବିପରୀତ କହୁଥିବା ଏ ସାକ୍ଷୀକୁ ପୁଲିସ ନିଜେ ଯୋଗାଡ଼ କରିଛି ବୋଲି ପରିବାର ଲୋକେ ଅଭିଯୋଗ ଆଣିବା ସହ ଏ ନେଇ ସେ ପୁନର୍ବାର ଏସପିଙ୍କୁ ଭେଟିବା ସହ ପ୍ରକୃତ ସାକ୍ଷୀଙ୍କୁ ତଦନ୍ତ ପରିସର ଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ପର୍ଯ୍ୟନ୍ତ ସଦର ଥାନା ସାମ୍ନାରେ ଆମରଣ ଅନଶନରେ ବସିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ସେବକ ତରଫରୁ ବରଡ଼ିହିଠାରେ ଅକ୍ଷୀମୁଠି ଅନୁକୂଳ



ସୁନ୍ଦରଗଡ଼,୨୦।୪ (ସଂଚାର ବ୍ୟୁରୋ)ଃ ଲେଫ୍ରିପରା ବ୍ଲକ ଅନ୍ତର୍ଗତ ସରଫଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରଡିହି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ' ପକ୍ଷରୁ ଏକ ସୁସଂଗଠିତ ଓ ଉତ୍ସାହଭରା ସମ୍ମିଳିତ କୃଷି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କୃଷକମାନଙ୍କ ପାଇଁ ଏହି ଦିନଟି ନୂତନ କୃଷି ବର୍ଷର ଶୁଭାରମ୍ଭ ଭାବେ ପରିଚିତ ଥିବା ସହ,ଏହା ଆଶା, ଶ୍ରଦ୍ଧା ଓ ସମୃଦ୍ଧିର ପ୍ରତୀକ ଭାବେ ଗ୍ରାମୀଣ ଜୀବନରେ ବିଶେଷ ମହତ୍ତ୍ୱ ରଖେ। ସାଇଁରାମ ପ୍ରଦ୍ୟୁସର ଗ୍ରୁପର ସକ୍ରିୟ ଆୟୋଜନ ଏବଂ ସେବକ ଦ୍ୱାରା ପରିଚାଳିତ "କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ" ଲେଫ୍ରିପଡ଼ାର ସମସ୍ତ କର୍ମଚାରୀଙ୍କ ସମ୍ମିଳିତ ପ୍ରୟାସରେ କାର୍ଯ୍ୟକ୍ରମଟି ଭକ୍ତିଭାବ ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ଗ୍ରାମର ୪୭ଟି ପରିବାରର କୃଷକମାନେ ସକ୍ରିୟଭାବେ ଅଂଶଗ୍ରହଣ କରି ଥିବାରୁ ସମଗ୍ର ପରିବେଶ ଉତ୍ସବ ମୁଖର ହୋଇଥିଲା।

ଏହି ଶୁଭ ଅବସରରେ ଅକ୍ଷି ମୁଠି ଅନୁକୂଳ ନିମନ୍ତେ "ସପୁରି" କିସମର ଧାନ ବୁଣି କରି କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ପୂର୍ବଜ ମାନଙ୍କର ପାରମ୍ପରିକ ରୀତିନୀତିକୁ ଅନୁସରଣ କରି ପୂଜାପାଠ, ହୋମ ଓ ଧାର୍ମିକ ଆଚାରବିଧି ସମ୍ପନ୍ନ କରା ହେଲା । ଏହା ଗ୍ରାମବାସୀଙ୍କ ମନରେ ଆଧ୍ୟାତ୍ମିକ ଉତ୍ସାହ ଓ ସଂଘଟିତ ଶକ୍ତି ର ଅନୁଭବ ସୃଷ୍ଟି କରିଥିଲା। ପୁରାତନ ପରମ୍ପରା ଓ ଆଧୁନିକ କୃଷି ଚେତନାର ଏକ ସୁନ୍ଦର ସମନ୍ୱୟ ଏହି କାର୍ଯ୍ୟକ୍ରମରେ ପ୍ରକାଶ ପାଇଥିଲା।

## ୩ ଦଫା ଦାବୀରେ ଭିସା ଷ୍ଟିଲ ମୁଖ୍ୟ ଫାଟକରେ ଶ୍ରମିକଙ୍କ ଆନ୍ଦୋଳନ



ଯାଜପୁର,୨୦।୪ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଭିସା ଷ୍ଟିଲ କାରଖାନାରେ ଶ୍ରମିକ - କର୍ମଚାରୀ ଅଶାନ୍ତି ଦେଖାଦେଇଛି। ମୁଖ୍ୟତଃ ୩ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି କାରଖାନାର ଶ୍ରମିକ ଓ କର୍ମଚାରୀ। ୩ ଦଫା ଦାବୀ ମଧ୍ୟରେ ୪ ମାସର ବକେୟା ଦରମା, ଭିସା ସ୍ପେଶାଲ ଷ୍ଟିଲର ସମସ୍ତ କର୍ମଚାରୀଙ୍କୁ ମୁଳ କମ୍ପାନୀ ଭିସା ଷ୍ଟିଲକୁ ସ୍ଥାନାନ୍ତର, ୨୦୨୪ରୁ ଫାଇନାଲ ହୋଇଥିବା ଇନକ୍ରିମେଣ୍ଟ ତୁରନ୍ତ କାର୍ଯ୍ୟକାରି କରିବା ଅନ୍ତର୍ଭୁକ୍ତ । ଆଜି ସକାଳୁ ଶ୍ରମିକ - କର୍ମଚାରୀମାନେ ଏକତ୍ରିତ ହୋଇ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକ -କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଯାହାଫଳରେ ପ୍ରଶାସନର ଚିନ୍ତା ବଢିଯାଇଛି ।

ତେବେ ଆନ୍ଦୋଳନକାରୀମାନେ ଭିସା ସ୍ପେଶାଲ ଷ୍ଟିଲର କର୍ମଚାରୀ ବୋଲି ଲଟକା ଯାଇଥିବା ଦାବୀ ପୂରଣ ବ୍ୟାନରରୁ ଜଣା ପଡୁଛି । କାରଣ ଦୀର୍ଘ ବର୍ଷ ହେଲା ଭିସା ସ୍ପେଶାଲ ଷ୍ଟିଲ ଆନୁସଙ୍ଗିକ କାଗଜ ପତ୍ର ନ ଥାଇ କାରଖାନାକୁ ବେଆଇନ ଭାବେ ଚଳାଇଥିଲେ। କିନ୍ତୁ ଭିସା ସ୍ପେଶାଲ ଷ୍ଟିଲଟି ପ୍ରଦୂଷଣ ବିଭାଗ (ଏସ ପି ସି ୱି ) ହାତରେ ଧରା ପଡିବା ପରେ କାରଖାନାଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ତେଣୁ କାରଖାନା ବନ୍ଦ ଆଳରେ ଭିସା ପଦାଧିକାରୀ ସମ୍ପୃକ୍ତ କର୍ମଚାରୀ ମାନଙ୍କୁ ଦରମା ଦେଉ ନାହାନ୍ତି ନାଁ ଏହା ପଛରେ ଅନ୍ୟ କିଛି କାରଣ ରହିଛି ତାହା କାରଖାନା ପଦାଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ଉପୁଜିଛି । ଅନ୍ୟପକ୍ଷରେ ଦାବୀ ସମାଧାନ ନ ହେବା ପର୍ଯ୍ୟନ୍ତ ନିଜ ହକ ପାଇଁ ଆନ୍ଦୋଳନରୁ ଓହରିବୁ ନାହୁଁ ବୋଲି ଆନ୍ଦୋଳନକାରୀ ମାନେ ନିଜ ଜିଦରେ ଅଟଳ ରହିବା ଘଟଣା କାରଖାନା ପଦାଧିକାରୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଅପରପକ୍ଷରେ ଜନୈକ ରାଜନୈତିକ ନେତାଙ୍କ ଚାପରେ ଆଜି ଶ୍ରମିକ - କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା ଜନୈକ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ।

## ଗୌରବ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ବିଷୁବ ସଂଖ୍ୟା ପୁସ୍ତକ ଉନ୍ମୋଚିତ



ଆଳି,୨୦।୪(ସଂଚାର ବ୍ୟୁରୋ)ଃ ଆଳି ବ୍ଲକ ବାଟିପଡା ପଞ୍ଚାୟତ ଠାକୁରସାହି ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ଗୌରବ ସାହିତ୍ୟ ସଂସଦର ୩୬ ତମ ବାର୍ଷିକ ଉତ୍ସବ ଓ ନୂତନ ପୁସ୍ତକ ବିଷୁବ ସଂଖ୍ୟା ଉନ୍ମଚିତ ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମ୍ପାଦକ ଶଙ୍କର୍ଷଣ ଦାସ ଅତିଥି ପରିଚୟ କରିଥିବା ବେଳେ ଗୌରବ ସାହିତ୍ୟ ସଂସଦର ସଭାପତି ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦ, ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷତ୍ରି ଆରାଧନା ଦାସ , ସମ୍ମାନିତ ଅତିଥି ଭାବେ ଲେଖକ ପ୍ୟାରୀମୋହନ ସ୍ୱାଇଁ, ଶିକ୍ଷକ ଖଗେଶ୍ୱର ପଢ଼ିହାରି ଯୋଗଦେଇ ସମାଜ ଆଜି ଯେଉଁ ଭଳି ଭାବରେ ନିମ୍ନ ଗାମୀ ହେଉଛି,ସାହିତ୍ୟ ହିଁ ଏହି ନିମ୍ନ ଗାମୀ ସମାଜ କୁ ବାଟ ଦେଖେଇ ପାରିବ। ଏହି ଅବସରରେ ଆଲୋଚ୍ୟ ପ୍ରସଙ୍ଗ ଥିଲା ସମାଜ ସଂସ୍କାରରେ ଭାଗବତର ଭୂମିକା ଯାହାକୁ ଅତିଥି ମାନେ ଭାଗବତ ଓ ଆଜିର ସମାଜ କୁ ନେଇ ବକ୍ତବ୍ୟ ରଖିଥିଲେ। ସଂପାଦକ ଶଙ୍କର୍ଷଣ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଗୌରବ ସାହିତ୍ୟ ସଂସଦର ସଂଯୋଜକ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘରର ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ସୁନ୍ଦରଗଡ଼,୨୦।୪(ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ ଜିଲ୍ଲା କୁତ୍ରା ଚୁନିପଡା ଅଞ୍ଚଳରେ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି। ଚିନି ପଡାରେ ଘର କରି ରହୁଥିବା ବ୍ୟବସାୟୀ ଅବକାଶ ଦାସଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସହ ସୁନା ଚୋରି କରି ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ଅବକାଶ ଦାସ ବିବାହ କାର୍ଯ୍ୟରେ ଭାଗ ନେବାକୁ ଶ୍ୱଶୁର ଘର ବୁର୍ଲାକୁ ଯାଇଥିବା ବେଳେ ତାଙ୍କ ସାନ ଭାଇ ରମେଶ ଦାସ ଗତ କାଲି ସନ୍ଧ୍ୟା ସାଢେ ୫ ଟାରେ ରାଜଗାଙ୍ଗପୁରକୁ ଯାଇ ସାଢେ ୮ ଟା ସମୟରେ ଘରକୁ ଫେରିଥିଲେ। ଏହାରି ଭିତରେ ଘରେ କେହି ନ ଥିବା ସୁଯୋଗର ଫାଇଦା ଉଠାଇ କିଛି ଚୋର ଘର ପଛପଟ ପାଚେରି ଡେଇଁ ଘରର ତାଲା କାଟି ଭିତରକୁ ପ୍ରବେଶ କରିଥିଲେ। ଚୋରମାନେ ଘରର ତିନୋଟି ରୁମର ଆଲମିରା ଭାଙ୍ଗି ସେଥିରେ ରଖାଯାଇଥିବା ପ୍ରାୟ ୭ରୁ ୮ ଲକ୍ଷ ଟଙ୍କା ନଗଦ ସହ ୧୦ ଭରି ସୁନା ଚୋରୀ କରି ନେଇଥିବା ନେଇ ଗୃହ ମାଲିକ ସନ୍ଦେହ ପ୍ରକାଶ କରିଚନ୍ତି। ରମେଶ ଦାସ ଘରକୁ ଫେରି ଘଟଣା ଦେଖି କୁତ୍ରା ପୁଲିସ୍‌କୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଚୁନିପଡା ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ଲୋକେ ଚୋରମାନଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି।

## ଭୈରବ ସୁଲଭ ଆଦିବାସୀ କୃଷକ ପନିପରିବା ମଣ୍ଡି ଉଦ୍‌ଘାଟିତ



ବୋରିଗୁମ୍ମା,୨୦।୪(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ସଦର ମୋହକୁମା ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ଆଜି ଭୈରବ ସୁଲଭ ଆଦିବାସୀ କୃଷକ ପନିପରିବା ମଣ୍ଡି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭବ୍ୟ ଉଦଘାଟନ ଉତ୍ସାହ ଓ ଆଡ଼ମ୍ବର ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଏହି କୃଷକ ପନିପରିବା ମଣ୍ଡି ଭୈରବ ଆଦିବାସୀ କୃଷକ ସଂଘ ସହ ସଂଯୁକ୍ତ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଶେଷ ଆନନ୍ଦ ଓ ଆଶା ଦେଖାଯାଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଡ଼ିଓ ସୁକାନ୍ତ କୁମାର ପଟନାୟକ, ତହସିଲଦାର ଶୋଭନ କୁମାର ବେହେରା,କୋରାପୁଟ ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଢ଼ୀ,ରାଜ କିଶୋର ମଲ୍ଲିକ, ଅଶୋକ ଗନ୍ତାୟତ, କେ. ନାଗରାଜ ଦୋରା, ରାମକୃଷ୍ଣ ଭତ୍ରା,ଶ୍ରୀନିବାସ ରାଓ, ସୂର୍ଯ୍ୟନାରାୟଣ ଆଚାରୀ, ବିଜୟ ନାରାୟଣ ସାହୁ, ବିଶ୍ୱଜିତ ପାଣିଗ୍ରାହୀ, ରବିଶଙ୍କର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଆଦିବାସୀ ସଂଘ ସଭାପତି କମ୍ଳୁ ଜାନିଙ୍କ ଉପସ୍ଥିତିରେ ବିଧିବଦ୍ଧ ପୂଜାର୍ଚ୍ଚନା କରାଯାଇଥିଲା। ଆରୋଧ୍ୟା ଭୈରବଙ୍କ ଆଶୀର୍ବାଦ କାମନା କରି ହୋମଯଜ୍ଞ ଓ ପୂଜା ପର୍ବ ସମ୍ପନ୍ନ ହୋଇଥିଲା। ପରେ ଫିତା କାଟି ଓ ପୂଜାର ଶଙ୍ଖ ଧ୍ୱନି ମଧ୍ୟରେ କୃଷି ପନିପରିବା ମଣ୍ଡି ସାଧାରଣ ଲୋକଙ୍କ ପାଇଁ ଉଦଘାଟିତ କରାଯାଇଥିଲା । ଆକର୍ଷଣ ଭାବେ କିଛି ଦୈନନ୍ଦିନ ଖାଉଟିଙ୍କୁ ସୁଲଭ ଦରରେ ପନିପରିବା ପ୍ରଦାନ କରାଯାଇଥିବାରୁ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ପ୍ରକାଶ ପାଇଥିଲା।

# ଉଦ୍‌ଯାପିତ ହେଲା ନବଜୀବନର ୨୬ତମ ବସନ୍ତ ମହୋତ୍ସବ

**ଶେଷ ସଂଧ୍ୟାରେ 'କୁହୁଡି' ମଞ୍ଚସ୍ଥ**



ସୁନ୍ଦରଗଡ଼,୨୦।୪(ସଂଚାର ବ୍ୟୁରୋ)ଃପାଞ୍ଚ ଦିନ ଧରି ଚାଲିଥିବା ୨୬ତମ ବସନ୍ତ ମହୋତ୍ସବ ରବିବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି।

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ମହୋତ୍ସବରେ ସୁନ୍ଦରଗଡ଼, ରାଉରକେଲା, ସମ୍ବଲପୁର, ବଲାଙ୍ଗିର ଓ ଭୁବନେଶ୍ୱରର ବିଭିନ୍ନ ନାଟ୍ୟ ଦଳ ଯୋଗଦେଇ ବିଭିନ୍ନ ନାଟକ ପରିବେଷଣ କରିଥିଲେ। ପ୍ରତି ସଂଧ୍ୟାରେ ଭିନ୍ନ ଭିନ୍ନ ନାଟକ ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା ଏବଂ ମଞ୍ଚକୁ ଜୀବନ୍ତ କରିଦେଇଥିଲା।

ମହୋତ୍ସବର ପ୍ରଥମ ଦିନରେ 'ବଏଠା', ଦ୍ୱିତୀୟ ଦିନରେ 'କାରାଗାରର କାହାଣୀ', ତୃତୀୟ ଦିନରେ 'ଭୁଖା' ଓ ଚତୁର୍ଥ ଦିନରେ 'ଭାଗ' ନାଟକ ମଞ୍ଚସ୍ଥ ହୋଇଥିଲା। ଶେଷ ସଂଧ୍ୟାରେ ଭୁବନେଶ୍ୱରର ବିଦ୍ୟାକନକ ସୃଜନଷ୍ଠାନ ପକ୍ଷରୁ ପରିବେଷିତ 'କୁହୁଡି' ନାଟକ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା।

'କୁହୁଡି' ନାଟକରେ ବର୍ତ୍ତମାନ ସମାଜରେ ପିଲାମାନେ ବୃଦ୍ଧ ପିତାମାତାଙ୍କୁ କିପରି ଅବହେଳା କରୁଛନ୍ତି, ସେଥିପାଇଁ ଏକ ସ୍ପର୍ଶକାରୀ ଚିତ୍ରଣ ଦେଖାଯାଇଥିଲା। ଏହି ପ୍ରସ୍ତୁତି ଦର୍ଶକମାନଙ୍କୁ ଭାବିବାକୁ ବାଧ୍ୟ କରିଥିଲା ଓ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେଇଥିଲା।

ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା ଅଭିନେତା ଇଂ ନରହରି ପଟେଲ ନବଜୀବନର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଏଭଳି ମହୋତ୍ସବ ନାଟ୍ୟ ସଂସ୍କୃତିକୁ ସୁଦୃଢ଼ କରିବା ସହ ନୂଆ ପ୍ରତିଭାଙ୍କୁ ମଞ୍ଚ ଦେଉଛି। ଆଗାମୀ ଦିନରେ ଏହି ଆୟୋଜନ ଆହୁରି ବୃହତ୍ ଆକାରରେ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ଏପରିକି, ଦର୍ଶକ କିଶୋର ନାୟକଙ୍କ କହିବା ଅନୁସାରେ, ସୋସିଆଲ ମିଡିଆ ଯୁଗରେ ମଧ୍ୟ ନାଟକ ପ୍ରତି ଲୋକମାନଙ୍କ ଆକର୍ଷଣ କମି ଯାଇନାହିଁ। ଏଭଳି ମହୋତ୍ସବ ନାଟ୍ୟ ଜଗତକୁ ନୂଆ ଦିଗ ଦେଉଛି।

ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ସ୍ମୃତିରେ ଆୟୋଜିତ ଏହି ବସନ୍ତ ମହୋତ୍ସବ କଳାକାରମାନଙ୍କୁ ଉତ୍ସାହ ଦେବା ସହ ସମାଜକୁ ସଚେତନ ବାର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିବା ଦେଖାଯାଇଛି।

## ଧର୍ମଶାଳା ଷ୍ଟାଡିଅମଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

### ୬୦ ଅଭିଯୋଗ ପଞ୍ଜିକୃତ, ୩୪ଟିର ତତ୍କାଳ ସମାଧାନ



ଯାଜପୁର,୨୦।୪(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ଷ୍ଟାଡିଅମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବା ପରେ ଯେଉଁମାନେ ଯୋଗ୍ୟ ହେବେ ସେମାନଙ୍କର ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିରେ ମୋଟ ୬୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୧ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଯାଜପୁରରୋଡ ଉପ ଆରକ୍ଷୀ ଅଧିକ୍ଷକ ଶରତ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧର୍ମଶାଳା ଜ୍ୟୋତିର୍ମୟ କର, ତହସିଲଦାର, ଧର୍ମଶାଳା ସମୀର ରଞ୍ଜନ ଦାଶ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଏନର୍ଜୀ ଡ୍ରିଙ୍କ୍ ଲିଭରକୁ କରୁଛି ଖରାପ




ଆଜିକା ସମୟରେ ଏନର୍ଜୀ ଡ୍ରିଙ୍କର ଟ୍ରେଣ୍ଡ ଖୁବ୍ ଜୋରରେ ବଢ଼ୁଛି। କ୍ଲାନ୍ତ ଦୂର କରିବା , ତୁରନ୍ତ ଏନର୍ଜୀ ପାଇବା ଏବଂ କାମ କିମ୍ବା ପାଠପଢ଼ାରେ ଫୋକସ ବୃଦ୍ଧି କରିବା ପାଇଁ ଅନେକ ଲୋକ ଏହାର ସେବନ କରିଥାନ୍ତି। ବିଶେଷକରି ଯୁବବର୍ଗ ଏହାକୁ ନିଜର ଦୈନିକ ଜୀବନଶୈଳୀର ଅଂଶ କରୁଛନ୍ତି। ବିଳମ୍ବିତ ରାତ୍ରି ଯାଏ ଚେଇଁ ରହିବା , ଦୀର୍ଘ ସମୟ ଯାଏ ସ୍କ୍ରିନରେ କାମ କରିବା ଏବଂ ଫାଷ୍ଟ ଲାଇଫ୍ ଷ୍ଟାଇଲ୍ ଏହି ଡ୍ରିଙ୍କସର ଚାହିଦାକୁ ଆହୁରି ବଢ଼ାଇ ଦେଇଛି। କିନ୍ତୁ ବିଶ୍ୱ ଲିଭର ଦିବସ ଅବସରରେ ବିଶେଷଜ୍ଞମାନେ ଏକ ଗୁରୁତର ଚେତାବନୀ ଦେଇଛନ୍ତି ଯେ,ଏନର୍ଜୀ ଡ୍ରିଙ୍କସର ସେବନ ବୃଦ୍ଧି ଯୁବବର୍ଗଙ୍କ ଲିଭର ଉପରେ ପ୍ରଭାବ ପକାଉଛି।

ପୂର୍ବରୁ ଯେଉଁ ଲିଭର ଜନିତ ରୋଗ ଗୁଡ଼ିକ ଅଧିକ ବୟସର ଲୋକଙ୍କ ଠାରେ ଦେଖିବାକୁ ମିଳୁ ଥିଲା , ଏବେ ସେହି ସମସ୍ୟା ଗୁଡ଼ିକ ୨୦ରୁ ୩୦ବର୍ଷ ବୟସର ଯୁବକ ଯୁବତୀଙ୍କ ମଧ୍ୟରେ ଖୁବ୍ ଜୋରରେ ନଜର ଆସୁଛି। ନିକଟରେ ମେଡିକାଲ ରିପୋର୍ଟ ଓ ବିଏମଜେ କେସ୍ ରିପୋର୍ଟରେ ପ୍ରକାଶିତ ଷ୍ଟଡି ଅନୁସାରେ , ଏହି ସବୁ ଡ୍ରିଙ୍କସରେ ଥିବା ଅଧିକ କେଫିନ, ସୁଗାର ଓ କେମିକାଲ୍ସ ଲିଭରକୁ ଧିରେ ଧିରେ କ୍ଷତି କରିଥାଏ। ଡାକ୍ତରଙ୍କ କହିବାନୁସାରେ , ଏହି ଅଭ୍ୟାସ ଏବେ ଏକ ଗୁପ୍ତ ବିପଦ ହେବାକୁ ଯାଉଛି, ଯାହା ଦୀର୍ଘ ସମୟରୁ ଗୁରୁତର ରୋଗର କାରଣ ହୋଇପାରେ।ବିନା ସୂଚନାରେ ବାରମ୍ବାର ସେବନ କରିବା ବିପଦକୁ ଆହୁରି ବଢ଼ାଇ ଦେଇଥାଏ। ଆସନ୍ତୁ ଏହି ରିସର୍ଚ୍ଚ ବିଷୟରେ ଡିଟେଲରେ ଜାଣିବା-ମେଡିକାଲ ଜର୍ନାଲ ବିଏମଜେ କେସ୍ ରିପୋର୍ଟରେ ପ୍ରକାଶିତ ଏକ କେସ୍ ଷ୍ଟଡିରେ ସାମ୍ନାକୁ ଆସିଛି ଯେ, ଏନର୍ଜି ଡ୍ରିଙ୍କ୍ସର ଅଧିକ ସେବନ ଲିଭର ପାଇଁ ଗୁରୁତର କ୍ଷତିକର ହୋଇପାରେ। ଏହି ଷ୍ଟଡି ଅନୁସାରେ , ଏଥିରେ ଥିବା ନିୟାସିନ ଅର୍ଥାତ୍ ଭିଟାମିନ ବି-୩ର ଅଧିକ ମାତ୍ରା ଲିଭରରେ ବିଷାକ୍ତ ପ୍ରଭାବ ପକାଇ ପାରେ, ଯେଉଁଥିରେ ହେପାଟାଇଟିସ୍ ଭଳି ସ୍ଥିତି ଉପୁଜିପାରେ। ଏହା ବ୍ୟତୀତ , ଏହି ଡ୍ରିଙ୍କସରେ ହାଇ ସୁଗାର ସ କେଫିନ ଓ ଟାରିନ ଭଳି ତତ୍ତ୍ୱ ଥାଏ, ଯାହା ଲିଭର ଉପରେ ଅତିରିକ୍ତ ପ୍ରଭାବ ପକାଇ ଥାଏ। ଅନେକ ଥର ଏଥିରେ କେଫିନର ମାତ୍ରା ସୁରକ୍ଷିକ ସୀମା ଠାରୁ ଅଧିକ ରହିଥାଏ, ଯାହା ଶରୀରର ମେଟାବଲିଜିମକୁ ପ୍ରଭାବିତ କର। ଲଗାତାର ସେବନ କରିବା ଦ୍ୱାରା ଲିଭରରେ ଫ୍ୟାଟ୍ ଜମା ହେବାକୁ ଲାଗେ, ଯାହା ଯୋଗୁଁ ପ୍ରଦାହ ଏବଂ ଅକ୍ସିଡେଟିଭ ଚାପ ବୃଦ୍ଧି ପାଏ। ସମୟ ସହ ଏହି ସ୍ଥିତି ଲିଭରର କ୍ଷମତାକୁ ପ୍ରଭାବିତ କରିପାରେ ଏବଂ ଗୁରୁତର ରୋଗର ବିପଦ ବୃଦ୍ଧି କରିପାରେ। ଯଦି ସମୟ ପୂର୍ବରୁ ଏହି ଅଭ୍ୟାସକୁ ରୋକା ନଯାଏ , ତ ଲିଭର ଡ୍ୟାମେଜ୍ର ବିପଦ ବଢ଼ି ପାରେ।

ବିଶେଷଜ୍ଞଙ୍କ ଅନୁସାରେ , ଭାରତରେ ଯୁବବର୍ଗଙ୍କ ମଧ୍ୟରେ ଲିଭର ସହ ଜଡ଼ିତ ସମସ୍ୟା ଗୁଡ଼ିକ ଖୁବ୍ ଜୋରରେ ବଢ଼ୁଛି। ବିଶେଷକରି ୨୦ରୁ ୩୦ ବର୍ଷ ବୟସରେ ଫ୍ୟାଟି ଲିଭର ଓ ଅନ୍ୟ ଲିଭର ରୋଗର ମାମଲା ଅଧିକ ଦେଖିବାକୁ ମିଳୁଛି। ଏହାର ଏକ ବଡ଼ କାରଣ ଏନର୍ଜୀ ଡ୍ରିଙ୍କ୍ସ , ମିଠା ପାନୀୟ ପଦାର୍ଥ ଓ ଅସ୍ୱାସ୍ଥ୍ୟକର ଲାଇଫ୍ ଷ୍ଟାଇଲ୍ । ଡାକ୍ତରମାନେ ଚେତାବନୀ ଦେଇଛନ୍ତି ଯେ, ଏନର୍ଜୀ ଡ୍ରିଙ୍କ୍ସକୁ ମଦ ସହ ମିଶାଇ ପିଇବା ଦ୍ୱାରା ଖୁବ୍ ବିପଜ୍ଜନକ ହୋଇପାରେ। କେଫିନର ପ୍ରଭାବ ମଦର ନିଶାକୁ ଲୁଚାଇ ଦିଏ, ଯେଉଁଥିରେ ବ୍ୟକ୍ତି ନିଜ ସୀମା ଠାରୁ ଆହୁରି ଅଧିକ ମଦ ସେବନ କରିଥାନ୍ତି। ଏଥିରେ ଲିଭର ଉପରେ ଡବଲ ପ୍ରଭାବ ପଡ଼େ ଏବଂ କ୍ଷତି ଜୋରରେ ବଢିଥାଏ। ଲଗାତାର ଓ ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଲିଭରେ ପ୍ରଦାହ , ଫାଇବ୍ରୋସିସ୍ ଓ ସିରୋସିସ୍ ଭଳି ଗୁରୁତର ସ୍ଥିତି ବିକଶିତ ହୋଇପାରେ।



# ପ୍ରବଳ ଗରମରେ ପେଟକୁ ଥଣ୍ଡା କରେପୁଦିନା ସରବତ

ପ୍ରବଳ ଗରମକୁ ଗୁଳୁଗୁଳି। ଖରାରେ ତହଲ ବିକଳ ଜନଜୀବନ। ଏପରି ସ୍ଥିତିରେ ଥଣ୍ଡା ପାଣି ଆଶ୍ୱସ୍ତି ଦେଉଛି। ଅର୍ଥାତ୍ ତୃଷ୍ଣା ମେଣ୍ଟାଉଛି ବୋଲି କହିପାରିବା। କିନ୍ତୁ ଥଣ୍ଡା ପାଣି ବା ଫ୍ରିଜ୍ ପାଣି କ୍ଷଣିକ ଶାନ୍ତି ଦିଏ କିନ୍ତୁ ସଂପୂର୍ଣ୍ଣ ଶରୀରକୁ ଥଣ୍ଡା କରିପାରେନି। ଏମିତି କି ଶରୀରକୁ ଥଣ୍ଡା କରିବାରେ କୋଲଡ୍ରିଙ୍କ୍ସ କି ଅନ୍ୟାନ୍ୟ ଥଣ୍ଡା ପାନୀୟ ଫେଲ୍ ମାରେ। ଯଦି ଆପଣ ଏହି ପ୍ରବଳ ଗରମରୁ ତୁରନ୍ତ ସତେଜତା ଏବଂ ପେଟକୁ ଥଣ୍ଡା କରିବା ପାଇଁ ଏକ ଉପାୟ ଖୋଜୁଛନ୍ତି, ତେବେ ପୁଦିନା ଶରବତ ଅପେକ୍ଷା ଭଲ ବିକଳ୍ପ ଆଉ କିଛି ନାହିଁ। ପୁଦିନା କେବଳ ସୁଗନ୍ଧିତ ନୁହେଁ, ବରଂ ଆୟୁର୍ବେଦରେ, ଏହାକୁ ଶରୀରକୁ ଶୀତଳ ବା ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଔଷଧୀୟ ଗୁଣ ଭରି ରହିଛି। ପୁଦିନା ପତ୍ରରେ ମେନ୍ଥୋଲ ଥାଏ, ଯାହା ପେଟର ଜ୍ୱଳନକୁ ଶାନ୍ତ କରେ ଏବଂ ପାଚନ ପ୍ରଣାଳୀକୁ ସୁସ୍ଥ ରଖେ। ଯେତେବେଳେ ଏହାକୁ ଲେମ୍ବୁ ଏବଂ କଳା ଲୁଣ ସହିତ ମିଶା ଯାଏ, ତାହେଲେ ଏହା ଏକ ଉତ୍କୃଷ୍ଟ ଡିଟକ୍ସ ପାନୀୟରେ ପରିଣତ ହୁଏ। ଏହା ଆପଣଙ୍କୁ ବିଭିନ୍ନ ରୋଗରୁ ବଞ୍ଚାଇଥାଏ। ଶରୀରରେ ଇଲେକ୍ଟ୍ରୋଲାଇଟ୍ସକୁ ପୂରଣ କରେ।

ପୁଦିନା ଶରବତ ତିଆରି ପାଇଁ ସାମଗ୍ରୀ: ଏକ କପ ତାଜା ପୁଦିନା ପତ୍ର, ୨ ଚାମଚ ଲେମ୍ବୁ ରସ, ସ୍ୱାଦ ଅନୁସାରେ ଚିନି କିମ୍ବା ଗୁଡ଼ (ଆପଣ ପସନ୍ଦ କଲେ ମହୁ ମଧ୍ୟ ବ୍ୟବହାର କରିପାରିବେ), ଅଧା ଚାମଚ କଳା ଲୁଣ, ଅଧା ଚାମଚ ଭଜା ଜିରା ପାଉଡର, ଥଣ୍ଡା ପାଣି ଏବଂ ବରଫ ଖଣ୍ଡ।

ପୁଦିନା ଶାରବତ ପ୍ରସ୍ତୁତ କରିବାର ପଦ୍ଧତି: ପ୍ରଥମେ, ଏକ ବ୍ଲେଣ୍ଡର ଜାରରେ ପୁଦିନା ପତ୍ର, ଚିନି, କଳା ଲୁଣ ଏବଂ ଭଜା ଜିରା ପାଉଡର ମିଶାନ୍ତୁ। ଅଳ୍ପ ପାଣି ମିଶାନ୍ତୁ ଏବଂ ମିଶ୍ରଣକୁ ଏକ ସୂକ୍ଷ୍ମ ପେଷ୍ଟରେ ମିଶ୍ରଣ କରନ୍ତୁ। ଏବେ ଏହି ମିଶ୍ରଣକୁ ଏକ ବଡ଼ ପାତ୍ର କିମ୍ବା ଜଗରେ ନେଇ ଲେମ୍ବୁ ରସ ମିଶାନ୍ତୁ। ସର୍ଭିଂ ଗ୍ଲାସରେ ବରଫ ଖଣ୍ଡ ରଖନ୍ତୁ, ପ୍ରସ୍ତୁତ ଶାରବତ ଢାଳନ୍ତୁ, ଏକ ତାଜା ପୁଦିନା ପତ୍ର ସହିତ ସଜାନ୍ତୁ, ଏବଂ ଆପଣଙ୍କ ଅତିଥିମାନଙ୍କୁ ପରିବେଷଣ କରନ୍ତୁ- କିମ୍ବା ନିଜେ ଏହାକୁ ଉପଭୋଗ କରନ୍ତୁ! ଯଦି ଆପଣ ଏହାକୁ ଆହୁରି ସ୍ୱାସ୍ଥ୍ୟକର କରିବାକୁ ଚାହାଁନ୍ତି, ତେବେ ଆପଣ ସାଧାରଣ ଚିନି ବଦଳରେ ମିଶିରି ଓ ମହୁ ବ୍ୟବହାର କରିପାରିବେ।



# ଫ୍ୟାଟି ଲିଭର୍ ଥିଲେ କେତେଦୂର ଆଳୁ ଖାଇବା ଠିକ୍ ?

ଏବେ ପ୍ରାୟ ଲୋକଙ୍କଠାରେ ଫ୍ୟାଟି ଲିଭର୍ ସମସ୍ୟା ଦେଖିବାକୁ ମିଳୁଛି। ଏହି ସମସ୍ୟା ଥିଲେ ଆଳୁ ଖାଇବା କେତେଦୂର ଠିକ୍ ? ଏହି ପ୍ରଶ୍ନ କିଛି ଲୋକଙ୍କ ମନରେ ଉଙ୍କି ମାରୁଥିବ ନିଶ୍ଚୟ ? କେବଳ ଆଳୁ ନୁହେଁ, ଅନ୍ୟ କେତେକ ପରିବାକୁ ନେଇ ମଧ୍ୟ ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ରହିଥିବ। ଚାଲନ୍ତୁ ଜାଣିବା ଜୟପୁର ଆଙ୍ଗେଲ୍ କେୟାର- ଏ ନ୍ୟୁଟ୍ରିସିଆନ୍ ଆଣ୍ଡ୍ ୱାଲନେସ୍ ସେଣ୍ଟରର ନିର୍ଦ୍ଦେଶକ ତଥା ଡାଏଟିସିଆନ୍ ଅର୍ଚ୍ଚନା ଜୈନ୍‌ଙ୍କଠାରୁ... ଅର୍ଚ୍ଚନାଙ୍କ ଅନୁସାରେ ଫ୍ୟାଟି ଲିଭର୍ ରୋଗୀ ସୀମିତ ମାତ୍ରାରେ ଆଳୁ ଖାଇପାରିବେ। ଆଳୁକୁ ସମ୍ପୂର୍ଣ୍ଣ ଭାବେ ଡାଏଟ୍‌ରୁ ହଟାଇବା ଜରୁରି ନୁହେଁ। କାରଣ ଆଳୁରୁ ମଧ୍ୟ କେତେକ ପୋଷକ ତତ୍ତ୍ୱ ମଳିଥାଏ ଯେପରିକି ପୋଟାସିୟମ୍, ଭିଟାମିନ୍- ସି ଏବଂ ଫାଇବର ଆଦି। କିନ୍ତୁ ଏହାକୁ ଉଚିତ୍ ମାତ୍ରାରେ ଓ ଆବଶ୍ୟକ ଶୈଳୀରେ ନେବା ଦରକାର। ଅଧିକ ଆଳୁ ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀ ଓ କାର୍ବୋ ହାଇଡ୍ରେଟ୍ ବଢ଼ିପାରେ, ଯାହା ଫ୍ୟାଟି ଲିଭର୍ ପାଇ ଆଦୌ ଠିକ୍ ନୁହେଁ। ଫ୍ୟାଟି ଲିଭର୍ ସମସ୍ୟା ରହିଥିଲେ, ରୋଗୀ ଆଳୁକୁ ସିଝାଇ କିମ୍ବା ଗ୍ରୀଲ୍ କରି ଖାଇପାରିବେ। ଏହା ଅଧିକ କ୍ଷତିକାରକ ହୋଇନଥାଏ।

ଗ୍ରେଡ୍ ଅନୁସାରେ ଆଳୁ ଖାଇପାରିବେ, ଗ୍ରେଡ୍ ୧ - ଏହି ସ୍ଥିତିରେ ଶରୀରରେ ହାଲ୍‌କା ଫ୍ୟାଟ୍ ଜମା ହୋଇଥାଏ, ତେଣୁ ଉପଯୁକ୍ତ ଡାଏଟ୍ ସାଙ୍ଗକୁ ଜୀବନଶୈଳୀରେ ନିୟନ୍ତ୍ରଣ କରିପାରିବେ। ଏହି ସମୟରେ ଆଳୁକୁ ପୁରା ଛାଡ଼ିବା ଜରୁରି ନୁହେଁ। ସପ୍ତାହକୁ ୨/୩ ଦିନ ସୀମିତ ମାତ୍ରାର ଆଳୁ ଖାଇପାରିବେ। ଗ୍ରେଡ୍ ୨- ଏହି ସ୍ଥିତିରେ ଆଳୁ ଖୁବ୍ କମ୍ ଓ କେବେ କେବେ ଖାଇପାରିବେ। ସିଝା ଆଳୁ ଖାଇବା ନିରାପଦ। ଅଧିକ କାର୍ବୋହାଇଡ୍ରେଟ୍ ନେବା ଅନୁଚିତ୍। ଆଳୁ ସାଙ୍ଗରେ ପ୍ରୋଟିନ୍ ଓ ଫାଇବର ନେବା ଜରୁରି। ଗ୍ରେଡ୍ ୩- ଏହି ସମୟରେ ଆଳୁ ଖାଇବାକୁ ସୀମିତ କରି ଦିଅନ୍ତୁ। ତଥାପି ଡାଏଟିସିଆନ୍‌ଙ୍କ ପରାମର୍ଶ ନିଅନ୍ତୁ। ଛଣାଛଣି, ମସଲାଯୁକ୍ତ ଖାଦ୍ୟ ଓ ଅଧିକ କର୍ବୋ ହାଇଡ୍ରେଟ୍ ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହି ସମୟରେ ଲୋ କାର୍ବୋ ଓ ହାଇ ଫାଇବର ଉପରେ ଫୋକସ୍ କରିବା ଜରୁରି। ଫ୍ୟାଟି ଲିଭର୍ ସମସ୍ୟା ଥିବା ରୋଗୀଙ୍କ କ୍ଷେତ୍ରରେ ଆଳୁ ଖାଇବାର ଶୈଳୀ ଗୁରୁତ୍ୱପୂର୍ଣ୍ଣ। ଅଧିକ ଆଳୁ ଛଣାଛଣି, ଚିପ୍ସ, ଆଳୁ ପରଟା ଓ ଫ୍ରେଞ୍ଚ ଫ୍ରାଇଜ୍ ଆଦିଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି ଆଳୁକୁ ଚୋପା ସହ ଖାଆନ୍ତି, ତେବେ ସେଥିରେ ଥିବା ଫାଇବର ଶରୀର ପାଇଁ ହିତକର ସାବ୍ୟସ୍ତ ହୋଇଥାଏ। ରୋଗୀ ଲୋ-କର୍ବୋ ଓ ହାଇ ଫାଇବର ଉପରେ ଧ୍ୟାନ ଦେବା ଦ୍ୱାରା ଲିଭର୍ ଉପରେ ଅଧିକ ଚାପ ପଡି ନଥାଏ। କ୍ଲିନିକାଲ ଷ୍ଟଡିଜ୍ ଅନୁସାରେ ପ୍ରତିରୋଧୀ ଷ୍ଟାର୍ଚ୍ଚ ଖାଇବା ଦ୍ୱାରା ନନ୍-ଆଲକହଲ ଫ୍ୟାଟିଲିଭର ସମସ୍ୟାର ଉପଚାର କରିବା ଖୁବ୍ ପ୍ରଭାବଶାଳୀ ହୋଇଥାଏ। ଗବେଷଣା ଅନୁସାରେ ପ୍ରତିଦିନ ୪୦ ଗ୍ରାମ ପ୍ରତିରୋଧୀ ଷ୍ଟାର୍ଚ୍ଚ(ଯାହା ସିଝା ଆଳୁ ଓ କଦଳୀରେ ରହିଥାଏ) ନେବା ଦ୍ୱାରା ରୋଗୀର ଲିଭର୍‌ରେ ଜମା ହୋଇଥିବା ଫ୍ୟାଟ୍‌ର ପ୍ରାୟ ୪୦ ପ୍ରତିଶତ କମୁଥିବା ଦେଖିବାକୁ ମିଳିଥାଏ। ଏହାର ମୁଖ୍ୟ କାରଣ ଗଟ୍ ମାଇକ୍ରୋବାୟୋଟା(ଅନ୍ତନଳୀରେ ଥିବା ବ୍ୟାକ୍ଟେରିଆ) ଠାରେ ସକାରାତ୍ମକ ପରିବର୍ତ୍ତନ ଆସିବା, ଯାହା ବିଶେଷକରି ବ୍ୟାକ୍ଟେରିଆକୁ ବଢ଼ାଇବା ସହ ଲିଭର୍‌ର ପ୍ରଦାହ ଓ ଲିପିଡରେ ସୁଧାର ଆଣିଥାଏ।

# ଖରାଦିନେ ଆଇସକ୍ରିମ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ଖରାଦିନ ଆସିବା ମାତ୍ରେ ସମସ୍ତେ ଆଇସକ୍ରିମ ଖାଇବା ଆରମ୍ଭ କରିଦେଇଥାଆନ୍ତି। ପିଲାଙ୍କଠାରୁ ଆରମ୍ଭ କରି ବଡ଼ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଆଇସକ୍ରିମ ଖାଇବାକୁ ବେଶ୍ ଭଲ ପାଇଥାଆନ୍ତି। ଚକଲେଟ୍ ପରି ଆଇସ୍କ୍ରିମ୍ ମଧ୍ୟ ସମସ୍ତଙ୍କ ଖୁବ୍ ପ୍ରିୟ ହୋଇଥାଏ। ଖାସ୍ କରି ଖରାଦିନେ ଅଧିକାଂଶ ଲୋକଙ୍କ ଘରେ ଫ୍ରିଜରେ ଆଇସକ୍ରିମ ଷ୍ଟୋର୍ କରି ରଖିଥାଆନ୍ତି। ବାହାଘର କିମ୍ବା ଯେକୌଣସି ଫଙ୍କସନରେ ମଧ୍ୟ ଆଇସକ୍ରିମ ଅର୍ଡର କରାଯାଇଥାଏ। ଏହା ପାଟିକୁ ସ୍ୱାଦ ଦେଇଥାଏ ସତ କିନ୍ତୁ ଏହା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ। ସୁସ୍ଥ ଶରୀର ପାଇଁ ଚାହୁଁଥିଲେ ପ୍ରଥମେ ନିଜ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ଯାହା ଆମକୁ ଅନେକ ରୋଗରୁ ମୁକ୍ତି ଦେଉଥିବାବେଳେ ଖରାପ ଖାଦ୍ୟପେୟ କ୍ଷତି ପହଞ୍ଚାଇଥାଏ। ତେଣୁ ସୁସ୍ଥ ଶରୀର ଗଠନ ପାଇଁ କିଛି ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍। ନଚେତ୍ ଆମକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେହି ସବୁ ମଧ୍ୟରୁ ଆଇସ୍କରିମ୍ ହେଉଛି ଅନ୍ୟତମ। ଯାହା ଆମ ଶରୀର ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ। ତେବେ ଆସନ୍ତୁ ଆମେ ଆଜି ଆପଣଙ୍କୁ ଆଇସ୍କ୍ରିମ୍ ଖାଇବାର କ୍ଷତି ସମ୍ପର୍କରେ ଜଣାଇବୁ।

**ଓଜନ ବୃଦ୍ଧି କରେ:** ଆଇସକ୍ରିମରେ ଚିନି ଏବଂ କ୍ୟାଲୋରି ଅଧିକ ଥାଏ । ଯାହା ଅନେକ ଦିନରୁ ପ୍ରମାଣିତ ହୋଇ ଆସୁଅଛି। ଏଥିରେ ଅଧିକ ମାତ୍ରାରେ ଚିନି ଏବଂ କ୍ୟାଲୋରୀ ଥିବାରୁ ଏହା ଦ୍ରୁତ ଗତିରେ ଶରୀରର ଚର୍ବି ବୃଦ୍ଧି କରେ। ଯାହା ମେଦବହୁଳତା ଏବଂ ଅନ୍ୟାନ୍ୟ ଅନେକ ରୋଗର ଆଶଙ୍କା ସୃଷ୍ଟି କରେ। ପ୍ରତିଦିନ ୩ ରୁ ୪ଟି ଆଇସ୍କ୍ରିମ୍ ଖାଇବା ଦ୍ୱାରା ଶରୀରରେ ୧୦୦୦ରୁ ଅଧିକ କ୍ୟାଲୋରୀ ବୃଦ୍ଧି ପାଇଥାଏ। ଯାହା ପରବର୍ତ୍ତୀ ସମୟରେ ବଡ଼ ବିପଦ ସୃଷ୍ଟି କରିପାରେ।

**ହାର୍ଟ ରୋଗର ଆଶଙ୍କା ବଢାଏ:** ଆଇସକ୍ରିମରେ ସାଚୁରେଟେଡ୍ ଫ୍ୟାଟ୍ ଥାଏ। ଯାହା ଶରୀରର ଟ୍ରାଇଗ୍ଲିସେରାଇଡ୍ ଏବଂ କୋଲେଷ୍ଟ୍ରଲ୍ ସ୍ତରକୁ ବୃଦ୍ଧି କରିଥାଏ। ଏହା ବ୍ୟତୀତ ବୃଦ୍ଧି ପାଇଥିବା କୋଲେଷ୍ଟ୍ରଲ୍ ହାର୍ଟ ରୋଗର ଆଶଙ୍କାକୁ ବଢାଇ ଦେଇଥାଏ। ଏଥିସହ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଆଇସ୍କ୍ରିମ୍ ବହୁତ ଅହିତକର ହୋଇଥାଏ। ଯାହା ସେମାନଙ୍କ ସମସ୍ୟାକୁ ଆହୁରି ବଢ଼ି ଦେଇପାରେ। ତେଣୁ ବିଶେଷ କରି ଏହି ରୋଗୀମାନେ ଆଇସ୍କ୍ରିମ୍ ଖାଇବାଠାରୁ ଦୂରେଇ ରୁହନ୍ତୁ।

**ମସ୍ତିଷ୍କ ଉପରେ ପ୍ରଭାବ ପକାଏ:** ଆଇସକ୍ରିମରେ ସାଚୁରେଟେଡ୍ ଫ୍ୟାଟ୍ ଏବଂ ଚିନି ଅଧିକ ଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରେ ଏବଂ ସ୍ମୃତି ଶକ୍ତିକୁ ଦୁର୍ବଳ କରିଦେଇଥାଏ। ତେଣୁ ସୀମିତ ପରିମାଣରେ ଆଇସକ୍ରିମ ଖାଆନ୍ତୁ।

**ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ:** ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥାଏ ଆଇସକ୍ରିମ୍। ଯାହା ଆପଣଙ୍କୁ ଅନେକ ସମସ୍ୟାରେ ପକାଇବ। ଜେନେଟିକ୍ ରୋଗୀଙ୍କ ପାଇଁ ମଧ୍ୟ ଏହା କ୍ଷତିକାରକ ହୋଇଥାଏ। ଏହି ସବୁ ରୋଗୀମାନେ ଆଇସକ୍ରିମ୍ ଖାଇବା ଆଦୌ ଉଚିତ୍ ନୁହେଁ। ସଚେତନ ରହିବା ଦ୍ୱାରା ଅନେକ ସମସ୍ୟାକୁ ରୋକାଯାଇପାରିବ।



